

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ମଙ୍ଗଳବାର ୧୪ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 SEPTEMBER 2021
Vol.No. 32 ■ No. 236 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ଲଗାଣ ବର୍ଷାରେ ୧୧ ଜିଲ୍ଲାର ୫୩ ବ୍ଲକ ପ୍ରଭାବିତ



ଭୁବନେଶ୍ୱର,୧୩/୦୯(ନି.ପ୍ର): ବର୍ଷା ବିପ୍ୟାତରେ ରାଜ୍ୟରେ କେତେ ହୋଇଛି କ୍ଷୟକ୍ଷତି ? ଆସିଲା ପ୍ରାରମ୍ଭିକ ରିପୋର୍ଟ । ରାଜ୍ୟର ୫୩ଟି ବ୍ଲକରେ ପଡିଛି ପ୍ରଭାବ, ଭାଙ୍ଗିଛି ୨୬୫ ଘର । ଲଗାଣ ବର୍ଷାରେ ମୋଟ ୧୧ ଜିଲ୍ଲା ପ୍ରଭାବିତ ହୋଇଛି । ଜଗତସିଂହପୁରର ୮ଟି ବ୍ଲକ ବର୍ଷାରେ ପ୍ରଭାବିତ ହୋଇଥିବା ବେଳେ ୧୯୮ଟି ଗ୍ରାମପଞ୍ଚାୟତ ପ୍ରଭାବିତ ହୋଇଛି । ଜଗତସିଂହପୁରରେ ମୋଟ୍ ୧୧,୩୬,୯୭୧ ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି କେନ୍ଦ୍ରାପଡାର ଜିଲ୍ଲାର ୫ଟି ବ୍ଲକର ୮୧୧ଟି ଗାଁ ବର୍ଷାରେ ପ୍ରଭାବିତ ହୋଇଥିବା ବେଳେ ମୋଟ୍ ୭,୭୯,୨୪୧ ଲୋକ ପ୍ରଭାବିତ ହୋଇଛନ୍ତି । ସେପଟେ କଳାହାଣ୍ଡି ଜିଲ୍ଲାର ୨ଟି ବ୍ଲକର ୩ଟି ଗାଁ, କନ୍ଧମାଳର ୩ ବ୍ଲକର ୨୦ଟି ଗାଁ, କୋରାପୁଟର ୫ ବ୍ଲକର ୨୦ଟି ଗାଁ, କଟକର ୨ଟି ବ୍ଲକର ୨,୫୫୬ ଲୋକ, ଯାଜପୁରର ୮ଟି ବ୍ଲକର ୮ ହଜାର ଲୋକ, ପୁରୀ ଜିଲ୍ଲାର ୪ଟି ବ୍ଲକର ୧୫,୪୩୪ ଲୋକ, ଢେଙ୍କାନାଳ ଜିଲ୍ଲାର ୩ଟି ବ୍ଲକର ୯ଟି ଗାଁ ଲଗାଣ ବର୍ଷାରେ ପ୍ରଭାବିତ ହୋଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲାର ୩୨ଟି ଗାଁ, ୧୨୫୭ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ମୋଟ୍ ୯୮ଟି ଘର ଭାଙ୍ଗିଛି । ଅନୁଗୁଳରେ ୩ଟି ବ୍ଲକ ପ୍ରଭାବିତ ହୋଇଛି ଏବଂ ମୋଟ୍ ୬ଟି ଘର ଭାଙ୍ଗିଛି ।

## ଆବାସ ଦୁର୍ନୀତିରେ ନିଲମ୍ବିତ ହୋଇଥିଲେ, ଏବେ ଗିରଫ ହେଲେ

ବାଲେଶ୍ୱର,୧୩/୦୯ (ନି.ପ୍ର): ଆବାସ ଯୋଜନା ଟଙ୍କା ହେରଫେର୍ ଅଭିଯୋଗରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ନିଲମ୍ବିତ କିରାଣି ପ୍ରଭାକର ପ୍ରଧାନ ଗିରଫ । ଅର୍ଥ ହେରଫେର୍ ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ପ୍ରଭାକରଙ୍କ ସମେତ ୩ ଜଣଙ୍କୁ ଭିଜିଲାନ୍ସ ଗିରଫ କରିଛି । ନିଲମ୍ବିତ କିରାଣି ପ୍ରଭାକର ପ୍ରଧାନ ୩୪ ଜଣ ଇନ୍ଦିରା ଆବାସ ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବାକୁ ଥିବା ୨୦ ଲକ୍ଷ ୨୫ ହଜାର ଟଙ୍କା ନିଜ ସମ୍ପର୍କୀୟଙ୍କ ଖାତାକୁ ପଠାଇ ଦେଇଥିଲେ । ଏନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ଟିମ୍ ▶▶ପୃଷ୍ଠା ୭

## ନୂଆ ପିସିସି କମିଟିର ପ୍ରଥମ ବୈଠକ
## ଚେଲ୍ଲା କୁମାର କହିଲେ ଏବେ ବଦଳିବେନି ପିସିସି ସଭାପତି



ନୂଆଦିଲ୍ଲୀ,୧୩/୦୯: ନୂଆ ପିସିସି କମିଟିର ପ୍ରଥମ ବୈଠକରେ ଏ ଚେଲ୍ଲାକୁମାରଙ୍କ ଆଲୋଚନା । ବୈଠକ ପରେ ଚେଲ୍ଲା କୁମାରଙ୍କ ପ୍ରତିକ୍ରିୟା । କହିଲେ, ଏବେ ବଦଳିବେନି ପିସିସି ସଭାପତି । ଦଳରେ ରହି ନେତା ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ ହେବ । ପଞ୍ଚାୟତ ନିର୍ବାଚନକୁ ଗୁରୁତର ସହ ନେବ କଂଗ୍ରେସ । ପଞ୍ଚାୟତରୁ ଶକ୍ତି ଗୋଟାଇବା ପାଇଁ ଚାଲିଛି ଯୋଜନା । ଆଜି ନୂଆ ପିସିସି କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବୈଠକରେ ଉପସ୍ଥିତ ଥିଲେ । ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ପ୍ରସ୍ତୁତ ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଛି ।

## ପ୍ରକାଶ ପାଇଲା ଯୁକ୍ତ ୨ କଟ ଅଫ ମାର୍କ



ଭୁବନେଶ୍ୱର,୧୩/୦୯ (ନି.ପ୍ର): ସୋମବାର ଦିନ ଯୁକ୍ତ ପ୍ରଥମ ୨ କଟ ଅଫ ମାର୍କ ପ୍ରକାଶ ପାଇଛି । ସାମ୍ସ ପୋର୍ଟାଲରେ ତାଲିକା ପ୍ରଦାନ କରା ଯାଇଛି । ମିଳିଥିବା ସୂଚନା ଅନୁସାରେ ତିନିଟି ଷ୍ଟ୍ରିମରେ ରେଭେନ୍ସା ହାଇଅର ସେକେଣ୍ଡାରି ସ୍କୁଲ ସର୍ବାଧିକ କଟ ଅଫ ଯାଇଛି । ଏଠାରେ କଳାରେ ୭୯.୦୩%, ବାଣିଜ୍ୟରେ ୮୨% ଏବଂ ବିଜ୍ଞାନରେ ୯୧.୩୩% କଟ ଅଫ ମାର୍କ ରହିଛି । ସେହିପରି ବିଜ୍ଞାନରେ ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ହାଇଅର ସେକେଣ୍ଡାରି ସ୍କୁଲ ୯୦.୬୭%, ଗଞ୍ଜାମର ସରସ୍ୱତୀ ବିଦ୍ୟା ମନ୍ଦିର ହାଇଅର ସେକେଣ୍ଡାରି ସ୍କୁଲ, ନୀଳକଣ୍ଠ ନଗର ୮୭.୮୩%, ଉପେନ୍ଦ୍ରନାଥ ହାଇଅର ସେକେଣ୍ଡାରି ସ୍କୁଲ ୮୭.୦୫%, ଫକୀର ମୋହନ ହାଇଅର ସେକେଣ୍ଡାରି ସ୍କୁଲ ୮୬.୮୩%, ଖୋର୍ଦ୍ଧାର ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ୍ ହାଇଅର୍ ସେକେଣ୍ଡାରି ସ୍କୁଲ ୮୬.୬୭%, ନୟାଗଡ ହାଇଅର ସେକେଣ୍ଡାରି ସ୍କୁଲ ୮୫.୬୭%, କଟକର ଜାତୀୟ କବି ବୀର କିଶୋର ସରକାରୀ ହାଇଅର ସେକେଣ୍ଡାରି ସ୍କୁଲ ୮୫.୫%, ଗଞ୍ଜାମର ଖଲ୍ଲିକୋଟ ହାଇଅର ସେକେଣ୍ଡାରି ସ୍କୁଲ ୮୫% ଏବଂ ରମାଦେବୀ ମହିଳା ହାଇଅର୍ ସେକେଣ୍ଡାରି ସ୍କୁଲ ୮୪.୬୭% । ସେହିପରି କଳାରେ ବିଜେବି ହାୟର ସେକେଣ୍ଡାରୀ ସ୍କୁଲର କଟ ଅଫ ମାର୍କ ୭୮ ପ୍ରତିଶତ ରହିଥିବା ବେଳେ ରାଉରକେଲା ସରକାରୀ ହାୟର ସେକେଂଡାରୀ ସ୍କୁଲରେ ୭୫ ପ୍ରତିଶତ, କଟକର ଏସସିବି ମେଡିକାଲ କଲେଜରେ ୭୪.୫ ପ୍ରତିଶତ କଟ ଅଫ ମାର୍କ ଯାଉଛି । ସେହିପରି ବାଣିଜ୍ୟ ଷ୍ଟ୍ରିମରେ ରାଉରକେଲା ସରକାରୀ ହାୟର ସେକେଂଡାରୀ ସ୍କୁଲରେ ୮୦.୮୩ ପ୍ରତିଶତ, କଟକ ଶୈଳବାଳାରେ ୭୭.୭୬ ପ୍ରତିଶତ କଟ ଅଫ ମାର୍କ ରହିଛି । ଉଲ୍ଲେଖନୀୟ ଯେ ଅଗଷ୍ଟ ୧୨ ତାରିଖ ରୁ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ▶▶ପୃଷ୍ଠା ୭

## ଧରାପଡ଼ିଲା ସାଇବର ଠକେଇ ଗ୍ୟାଙ୍ଗ : ୩ ଗିରଫ

କଳାହାଣ୍ଡି,୧୩/୦୯ (ନି.ପ୍ର): ସାଇବର ଠକେଇର ପେଣ୍ଠସ୍ଥଳୀ କୁହାଯାଉଥିବା ଝାଡ଼ଖଣ୍ଡର ଜାମତରାରୁ ଧରା ପଡ଼ିଛନ୍ତି ତିନି ପେସାଦାର ସାଇବର୍ ଠକ । କଳାହାଣ୍ଡି ଜିଲ୍ଲା କେସିଙ୍ଗାର ଜଣେ ଯୁବ ବ୍ୟବସାୟୀଙ୍କ ଠାରୁ ୟୁପିଆଇ ନମ୍ବର ନେଇ ଏମାନେ ଲୁଟି ଥିଲେ ବିପୁଳ ପରିମାଣର ଟଙ୍କା । ଆଉ ଶେଷରେ କଳାହାଣ୍ଡି ପୁଲିସ୍ ଦ୍ୱାରା ଧରା ପଡ଼ିଛନ୍ତି ଏହି ଲୁଟେରା ଗ୍ୟାଙ୍ଗ୍ । ଗିରଫ ହୋଇଥିବା ତିନି ସାଇବର୍ ଠକ ହେଉଛନ୍ତି ଜାମତରା ଅଞ୍ଚଳର ରଇସ ଅନସାରୀ, ମହମ୍ମଦ ସଜ୍ଜାଦ ଓ ଅବଦୁଲ୍ ଅନସାରୀ । ଗତ ଜୁନ୍ ମାସ ୧ ତାରିଖରେ କେସିଙ୍ଗାର ଜଣେ ବ୍ୟବସାୟୀ ଅନଲାଇନରେ କିଛି ଜିନିଷ ବୁକ କରିଥିଲେ । ହେଲେ ତାଙ୍କ ପାଖକୁ ସେହି ଜିନିଷ ଡେଲିଭରୀ ହୋଇନଥିଲା । ଦୀର୍ଘ ଦିନ ଧରି ବିଳମ୍ବ ହେବାରୁ ସେ ଗୁଗଲରୁ ସର୍ଚ୍ଚ କରି ସମ୍ପୃକ୍ତ ନମ୍ବରରେ କଥା ହୋଇଥିଲେ । ଏହି ଫୋନ୍ ସିଧା ଜାମତରାକୁ ଲାଗିଥିଲା । ତାଙ୍କୁ ସାଇବର୍ ଠକ ଫୋନ୍ କରି ୟୁପିଆଇ ନମ୍ବର ମାଗିଥିଲେ । ୟୁପିଆଇ ନମ୍ବର ଦେବା ପରେ ତାଙ୍କ ଆକାଉଣ୍ଟରୁ ପାଖାପାଖି ୮୯ ହଜାର ଟଙ୍କା ଚୁଟକୀରେ ଗାଏବ ହୋଇଯାଇଥିଲା । ଏହାପରେ ତାଙ୍କ ମୋବାଇଲକୁ ବ୍ୟାଙ୍କରୁ ମେସେଜ ଆସିଥିଲା । ସେ ଜାଣି ▶▶ପୃଷ୍ଠା ୭

## ମୂର୍ତ୍ତି ଉଚ୍ଚତା ବିବାଦ : କଟକରେ ବିଜେପିର ୧୨ ଘଂଟିଆ ବନ୍ଦ



କଟକ,୧୩/୦୯(ନି.ପ୍ର): ବିଜେପି ପକ୍ଷରୁ ଆଜି ୧୨ ଘଣ୍ଟିଆ କଟକ ବନ୍ଦ ଡାକରା ଦିଆଯାଇଛି । ଲଗାଣ ବର୍ଷା ସତ୍ତ୍ୱେ କଟକ ବାଦାମବାଡ଼ି ଠାରେ ବିଜେପି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହାସହ ସହରର ବିଭିନ୍ନ ଅଞ୍ଚଳରେ ମଧ୍ୟ ଏହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ତେବେ କଟକ ବନ୍ଦ ଡାକରା ଦିଆଯାଇଥିବାବେଳେ ଲଗାଣ ବର୍ଷା ଯୋଗୁଁ ସହରରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ପାର୍ବଣରେ ୪ ଫୁଟିଆ ମୂର୍ତ୍ତି ଉଚ୍ଚତା ରଖିବା ପାଇଁ ସରକାର ନେଇଥିବା ନିଷ୍ପତ୍ତି ଉପରେ କଟକରେ ବିରୋଧ ବଢ଼ିବାରେ ଲାଗିଛି । ଏହାକୁ ବିରୋଧ କରି ଆଜି କଟକ ନଗର ବିଜେପି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ଗତକାଲି ରେଲୱେ ଅଟୋ ଆସୋସିଏସନ ପକ୍ଷରୁ ଅଟୋ ଚଳାଚଳ ବନ୍ଦ କରାଯିବାକୁ ମଧ ନିଷ୍ପତ୍ତି ନିଆଯାଇଛି । ଆଜି ସକାଳୁ ବାଦାମବାଡ଼ି ଠାରେ ବସ୍ ଅଟକାଇ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କଟକ ନଗର ବିଜେପି ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି ଯେ ଜନତାଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ସୋମବାର ସମସ୍ତ ଦୋକାନ ବଜାର ଓ ଯାନବାହାନ ଚଳାଚଳ ବନ୍ଦ ରଖିବାକୁ ଆହ୍ୱାନ ଦିଆଯାଇଛି । ଆମ୍ବୁଲାନ୍ସ ଓ ଅନ୍ୟ ସମସ୍ତ ଜରୁରୀ ସେବା ଅବ୍ୟାହତ ରହିଛି । ମୂର୍ତ୍ତି ଉଚ୍ଚତା ବୃଦ୍ଧି ଓ ମା'ଙ୍କ ଦର୍ଶନ ପାଇଁ ସମସ୍ତଙ୍କୁ ଅନୁମତି ପାଇଁ ଦାବି କରାଯାଉଥିବା ଶ୍ରୀ ବଡୁ କହିଛନ୍ତି । ଏଣେ ଲଗାଣ ବର୍ଷା ଯୋଗୁଁ କଟକ ସହର ଜଳମଗ୍ନ ହୋଇଯାଇଛି । ଦୁଇଦିନ ହେବ ଲଘୁଚାପ ଯୋଗୁଁ ବର୍ଷା ଜାରି ରହିଥିବାବେଳେ କଟକ ସହରର ଅଧିକାଂଶ ଅଞ୍ଚଳ ଏବେ ପାଣି ଘେରରେ । ସହରର ପ୍ରମୁଖ ଅଞ୍ଚଳ ବାଦାମବାଡ଼ି ଠାରେ ବର୍ଷା ଯୋଗୁଁ ପାଣି ଜମି ଯାତାୟତ ଏକ ପ୍ରକାରର ଠପ୍ ହୋଇଛି । ସେହିଭଳି ସହରର ଅନ୍ୟ ଅଞ୍ଚଳମାନଙ୍କରେ ଘରେ ପଶିଛି ପାଣି । ଏହାଫଳରେ ସହରବାସୀ ଭୟଭୀତ ହୋଇ ରହିଥିବାବେଳେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଛି ।

## ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଭୁପେନ୍ଦ୍ର ପଟେଲ୍



ଗୁଜରାଟ,୧୩/୦୯(ନି.ପ୍ର): ଗୁଜରାଟର ୧୭ତମ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କଲେ ୫୯ ବର୍ଷିୟ 'ବିଜେପି' ନେତା ଭୁପେନ୍ଦ୍ର ପଟେଲ୍ । ଗାନ୍ଧୀନଗରରେ ଆୟୋଜନ ହୋଇଥିବା ଏହି ଶପଥ ଗ୍ରହଣ ଉତ୍ସବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯୋଗ ଦେବା ସହ ଗୁଜରାଟର ନୂତନ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କୁ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଶପଥ ଗ୍ରହଣ କରାଇଛନ୍ତି । ଭୁପେନ୍ଦ୍ର ପଟେଲଙ୍କ ଶପଥ ଗ୍ରହଣ ସମାରୋହରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ପ୍ରମୋଦ ସାୱନ୍ତ ମଧ ମଞ୍ଚ ଉପରେ ଉପସ୍ଥିତ ଥିବା ଦେଖାଯାଇଛି । ଏହା ପୂର୍ବରୁ ରାଜ୍ୟପାଳ ଟ୍ୱିଟ କରିଥିଲେ ଯେ, ଭାରତୀୟ ଜନତା ପାର୍ଟି ବିଧାୟକ ଦଳର ନବନିଯୁକ୍ତ ନେତା ଭୁପେନ୍ଦ୍ରଭାଇ ପଟେଲ୍ ତାଙ୍କ ନେତୃତ୍ୱରେ ନୂତନ ସରକାର ଗଠନ କରିବା ଲାଗି ରାଜଭବନରେ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ତାଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇ, ୨୦୨୧ ସେପଟ୍ଟେମ୍ବର ୧୩ ତାରିଖ ଅପରାହ୍ଣ ୨.୨୦ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ତାଙ୍କୁ ଆମନ୍ତ୍ରଣ କରାଯାଇଛି ।

## ୨ ଦିନ ପାଇଁ ୧୨ ଜିଲ୍ଲାରେ ସ୍କୁଲ ଛୁଟି



ଭୁବନେଶ୍ୱର,୧୩/୦୯ (ନି.ପ୍ର): ପ୍ରବଳ ବର୍ଷା ଯୋଗୁଁ ସ୍କୁଲ ୨ ଦିନ ପାଇଁ ବନ୍ଦ ରହିବ । ରେଡ ୱାର୍ଣ୍ଣିଙ୍ଗ ଥିବା ୧୨ଟି ଜିଲ୍ଲାରେ ଥିବା ବିଦ୍ୟାଳୟଗୁଡ଼ିକ ଆଜି (ସୋମବାର)ଏବଂ ଆସନ୍ତା କାଲି (ମଙ୍ଗଳବାର)ପାଇଁ ବନ୍ଦ ଘୋଷଣା କରାଯାଇଛି । ସ୍କୁଲ ବନ୍ଦ କରାଯିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ସୂଚନା ଦେଇଛନ୍ତି । ରେଡ ୱାର୍ଣିଙ୍ଗ ଜାରି ହୋଇଥିବା ବାରଟି ଜିଲ୍ଲାରେ ପ୍ରବଳ ରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବା ହେତୁ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ନୟାଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ସୋନପୁର ଓ ବରଗଡ଼ ଜିଲ୍ଲାରେ ଅବସ୍ଥିତ ସମସ୍ତ ବିଦ୍ୟାଳୟକୁ ୧୩ ଓ ୧୪ ତାରିଖ ଦୁଇ ଦିନ ବନ୍ଦ ରଖିବାକୁ ସରକାର ସ୍ଥିର କରିଛନ୍ତି ।

## ୭ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୧୩/୦୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ଗଭୀର ଅବପାତରେ ପରିଣତ ହୋଇ ପଶ୍ଚିମ - ଉତର ପଶ୍ଚିମ ଦିଗରେ ଘଂଟାପ୍ରତି ୧୨ କିଲୋମିଟର ବେଗରେ ଗତି କରୁଛି । ଆସନ୍ତା ୪୮ ଘଂଟା ମଧରେ ଏହା ଉତର ଛତିଶଗଡ ଓ ମଧପ୍ରଦେଶ ଆଡକୁ ମୁହାଁଇବ । ୨୪ ଘଂଟା ମଧରେ ଏହା ଦୁର୍ବଳ ହୋଇ ଅବପାତରେ ପରିଣତ ହେବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୭ ଟି ଜିଲ୍ଲାରେ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ବଲପୁର, ଦେବଗଡ, ଅନୁଗୁଳ, ସୁବର୍ଣ୍ଣପୁର, ଢେଙ୍କାନାଳ, ଝାରସୁଗୁଡା ଓ ବରଗଡ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇପାରେ । ଏଥିପାଇଁ ୭ଟି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ବଲାଙ୍ଗିର, ସୁନ୍ଦରଗଡ, ବୌଦ୍ଧ, କେନ୍ଦୁଝର, ଖୋର୍ଦ୍ଧା, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହିସବୁ ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ନୂଆପଡା, କଳାହାଣ୍ଡି, କନ୍ଧମାଳ ଗଂଜାମ, ନୟାଗଡ ଓ ମୟୁରଭଂଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୪ ତାରିଖରୁ ୧୫ ତାରିଖ ମଧ୍ୟରେ ବରଗଡ, ଝାରସୁଗୁଡା ସୁନ୍ଦରଗଡ, ମୟୁରଭଂଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସମୟରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କିମି ରହିପାରେ । ସମୟ ସମୟରେ ୭୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେହିପରି ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି ।

## ଉପକୂଳରେ କମିବ, ଆଭ୍ୟନ୍ତରରେ ବଢ଼ିବ ବର୍ଷା : ଆଇଏମ୍‌ଡି ଡିଜି

ଭୁବନେଶ୍ୱର,୦୯(ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତର ରୂପ ନେଇ ସୋମବାର ସକାଳେ ଚାନ୍ଦବାଲି ଦେଇ ଅତିକ୍ରମ କରିଛି । ଏହାର ପ୍ରଭାବରେ ଉପକୂଳ ଓଡିଶାରେ ବର୍ଷା ଲାଗି ରହିଛି । ତେବେ ଆସନ୍ତାକାଲି ଉପକୂଳ ଓଡିଶାରେ ବର୍ଷା କମିବା ସହ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି । ଏଥିସହ ଆସନ୍ତା୧୭ ସୁଦ୍ଧା ଉତର ବଙ୍ଗୋପ ସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଅଛି । ଏହା ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତି କରି ୧୮ ତାରିଖ ସକାଳ ପାଖାପାଖି ଉତର ଓଡ଼ିଶା ଉପକୂଳରେ ପହଂଚିବ । ତେଣୁ ଏହାର ପ୍ରଭାବରେ ୧୭ ତାରିଖରୁ ରାଜ୍ୟରେ ପୁଣି ବର୍ଷା ହେବ । ତେବେ ଅଧିକ ପରିମାଣରେ ବର୍ଷା ହେବାର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି । ସୋମବାର ସଂଧ୍ୟା ସୁଦ୍ଧା ତାଳଚେରରେ ସର୍ବାଧିକ ୧୬୦ ମିମି ବର୍ଷା ରେକର୍ଡ କରାଯାଇଛି ।

## ୨୭ ସେପ୍ଟେମ୍ବରରେ ସଂଯୁକ୍ତ କିଷାନ୍ ମୋର୍ଚ୍ଚାର ଭାରତ ବନ୍ଦ ଡାକରା

ଭୁବନେଶ୍ୱର,୧୩/୦୯ (ନି.ପ୍ର): ୩ କୃଷି ଆଇନ୍ ପ୍ରତ୍ୟାହାର କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ ରଦ୍ଦ କରିବା ଆଦି ଦାବି ନେଇ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ ଆସନ୍ତା୨୭ ତାରିଖ ଶହୀଦ୍ ଭଗତ୍ ସିଂ ଙ୍କ ଜନ୍ମ ଦିବସରେ ଭାରତ ବନ୍ଦ ଡାକରା ଦିଆଯାଇଛି । ଭାରତ ବନ୍ଦକୁ ଓଡିଶାରେ ସଫଳ କରିବା ପାଇଁ ଗଣ ସଂଗଠନମାନଙ୍କର ଏକ ରାଜ୍ୟ ସ୍ତରୀୟ ପ୍ରସ୍ତୁତି ବୈଠକ ସ୍ଥାନୀୟ ଲୋହିଆ ଏକାଡେମୀ ଠାରେ ଅନୁଷ୍ଠିତ ହୋଇଯାଇଛି । ସେପ୍ଟେମ୍ବର ୧୪ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ ପ୍ରସ୍ତୁତି ବୈଠକ, କର୍ମୀ ସଭା, ଗାଁ ବୈଠକ, ପଟୁଆର ଏବଂ ପ୍ରଚାର ପତ୍ର ବଂଟନ ଇତ୍ୟାଦି କାର୍ଯ୍ୟକ୍ରମ ହେବ । ୨୬ ସେପ୍ଟେମ୍ବରରେ ସାରା ରାଜ୍ୟରେ ମଶାଲ ଶୋଭାଯାତ୍ରା ଆୟୋଜନ କରିବା ପାଇଁ ଆହ୍ୱାନ ଦିଆଯାଇଛି । କୃଷକ ବିରୋଧୀ ୩ କୃଷି ଆଇନ୍ ପ୍ରତ୍ୟାହାର କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ ରଦ୍ଦ କରିବା, ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିମନ୍ତେ ଆଇନଗତ ବ୍ୟବସ୍ଥା କରିବା ସମେତ ମହିଳା, ଛାତ୍ର , ଯୁବକ, କୃଷି ଶ୍ରମିକ, ଆଦିବାସୀ, ଦଳିତ ଇତ୍ୟାଦି ସବୁ ବର୍ଗର ଦାବି ଗୁଡିକ ଏହି ବନ୍ଦ ଆନ୍ଦୋଳନରେ ଅର୍ନ୍ତଭୁକ୍ତ ହୋଇଛି । ଓଡିଶାରେ ୫୦ରୁ ଉର୍ଦ୍ଧ୍ୱ ଗଣ ସଂଗଠନ ସମର୍ଥନ ଜଣାଇ ଆଜିକାର ପ୍ରସ୍ତୁତି ବୈଠକରେ ସାମିଲ ହୋଇଥିଲେ ଏବ ୨୧ ଦଫା ଦାବି ସନନ୍ଦ ଗୃହିତ ହୋଇଥିଲା । ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ ଆହୁତ ଏହି ବୈଠକରେ କୃଷକ ନେତା ଜମେଶ୍ୱର ସାମନ୍ତାରାୟ, ଶଙ୍କର ସାହୁ, ପ୍ରତାପ ନାୟକ, ଶେଷଦେବ ନନ୍ଦ, ଅରୁଣ ଜେନା, ବଂଶୀଧର ପରିଡା, ଶ୍ରମିକ ନେତା ବିରେନ୍ଦ୍ର ପ୍ରସାଦ ଦାସ, ଜୟନ୍ତ ଦାସ, ପୁଷ୍ପା ଦାଶ, ମହେନ୍ଦ୍ର ପରିଡା, ଜନ ଆନ୍ଦୋଳନ ତରଫରୁ ପ୍ରଫୁଲ୍ଲ ସାମନ୍ତରା, ନରେନ୍ଦ୍ର ମହାନ୍ତି, ଦେବ ପ୍ରସାଦ ରାୟ ମହାପାତ୍ର, ପ୍ରଦୀପ୍ତ ନାୟକ ସମେତ ଅଭିରାମ ବେହେରା, ପୁର୍ଣ୍ଣଚନ୍ଦ୍ର ପାଢୀ ପ୍ରମୁଖ ବହୁ ନେତୃବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୃଷକ ନେତା ଶଶୀଭୂଷଣ ସ୍ୱାଇଁ ଏହି ବୈଠକରେ ସଭାପତିତ୍ୱ କରିଥିଲେ ।

# ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ ସଂଘର ନୂତନ କାର୍ଯ୍ୟାଳୟ ଉଦଘାଟିତ



ବାଲେଶ୍ୱର,୧୩/୯ (ନି.ପ୍ର): ଆଜି ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନରାତି କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଏକ ୟୁନିୟନ କାର୍ଯ୍ୟାଳୟର ଶୁଭ ଉଦଘାଟନ କରିଛନ୍ତି ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ । ଏହି ୟୁନିୟନ ଗୃହ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଚୌଦ୍ୱାର, କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଉପସ୍ଥିତ ଥିଲେ । ଅନ୍ୟମାଙ୍କ ମଧ୍ୟରେ ସମ୍ମାନିତ ଅତିଥି ତଥା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦୁଲାଲ ସେନ ଜଗଦେବ, ଏବଂ ଏ.ଡ଼ି.ଏମ. ଡ଼. ମୃତ୍ୟୁଞ୍ଜୟ ମିଶ୍ର, ଉପସ୍ଥିତ ମେଡିକାଲ କର୍ମଚାରୀ ସଂଘର ଉପ ସଭାପତି ନରହରି ମହାନ୍ତି, ମେଡିକାଲ କର୍ମଚାରୀ ସଂଘର ସମ୍ପାଦକ ଶଶଧର ରଞ୍ଜିତ, ଏଫ. ଏମ ମେଡିକାଲ କର୍ମଚାରୀ ସଂଘ, ବାଲେଶ୍ୱର ର ସମ୍ପାଦକ ଅଶୋକ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ରହିଥିଲେ । ଦିନରାତି ଚିକିତ୍ସାଳୟ ରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଏହି ୟୁନିୟନ ସମସ୍ତ ପ୍ରକାର ସାହାଯ୍ୟ ଏବଂ ସହାୟତା ପ୍ରଦାନ କରିବା ସହ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ ଅର୍ଥ ଯୋଗାଇ ଦେଇଥିବାରୁ ସଦର ବିଧାୟକ ଶ୍ରୀ ଦାସ ଧନ୍ୟବାଦ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ବିଜେଡ଼ି ଟାଉନ ସଭାପତି ସନତ ଦାସ, ବ୍ଲକ ସଭାପତି ବସନ୍ତ ପଣ୍ଡା, ମହିଳା ଟାଉନ ସଭାପତି ମିନା ମହାନ୍ତି, ଯୁବ ଟାଉନ ସଭାପତି ଉମାଶଙ୍କର ତିଆଡ଼ି, ପୂର୍ବତନ କାଉଁସିଲର ବିଶ୍ୱଜିତ ମହାପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି ମାନସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଚାକିରି ଦେବା ନାଁରେ ଠକେଇ ଅଭିଯୋଗରେ ୨ ଗିରଫ

ମାଲକାନଗିରି,୧୩/୯ (ନି.ପ୍ର): ଚାକିରୀ ଦେବା ନାମରେ ଠକେଇ ଅଭିଯୋଗରେ ଦୁଇ ଜଣ ଗିରଫ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଗତକାଲି ରେ ତିନିଜଣ ପୀଡିତା ମାଲକାନଗିରି ଥାନାରେ ରେ ହାଜର ହୋଇ ଲିଖିତ ଭାବରେ ଅଭିଯୋଗ କରିଥିଲେ ଯେ ଜଣେ ସଦନ ପାଙ୍ଗି ଘର ମାଛ କୁଣ୍ଡ, ଜିଲ୍ଲା - କୋରାପୁଟ ଯିଏ ପୂର୍ବରୁ ମାଲକାନଗିରି ସଦର ମହକୁମା ବୁ ଟିଗୁଡାରେ ରହୁଥିଲେ !ସେ ମାଲକାନଗିରି ର ବିଭିନ୍ନ କାର୍ଯ୍ୟାଳୟରେ ଚାକିରି ଯୋଗାଇବା ପାଇଁ ସେମାନଙ୍କଠାରୁ ବିପୁଳ ପରିମାଣର ଟଙ୍କା ନେଇ ସେ ସେମାନଙ୍କୁ ଏକ ଜାଲ୍ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ! ଯେତେବେଳେ ପୀଡିତା ବ୍ୟକ୍ତିମାନେ ଜାଣିବାକୁ ପାଇଲେ ଯେ ନିଯୁକ୍ତି ପତ୍ର ଜାଲ୍ ହୋଇଛି, ସେମାନେ ସଦନ ପାଙ୍ଗିଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ କିନ୍ତୁ ସେଟଙ୍କା ଫେରାଇ ନଥିଲେ ବରଂଜୀବନରେ ମାରିଦେବାକୁ ଧମକ ଦେଇଥିଲେ ! ରିପୋର୍ଟ ଉପରେ ଆଧାର କରି ଉପରୋକ୍ତ ମାମଲାଗୁଡ଼ିକ ପଞ୍ଜିକୃତ କରି ପୋଲିସ ଅନୁସନ୍ଧାନରୁ ଜଣାପଡିଛି ଯେ ମାଲକାନଗିରିରେ ଏକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି । ରାୟାଗଡା ରେ ସରକାରୀ ଚାକିରି ଯୋଗାଇବା ପାଇଁ ନବରଙ୍ଗପୁର ଏବଂ କୋରାପୁଟ । ଏହି ଜିଲ୍ଲାର ପ୍ରତ୍ୟେକ ନିରୀହ ବେକାର ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଛି । ଜଣେ ସମୀର ପଟ୍ଟନାୟକ ଭୁବନେଶ୍ୱରର ର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଚାକିରି ଖାଲି ବିଜ୍ଞାପନ ଆପ୍ ଉପରେ ସୁଧୀର ପାନିଙ୍କୁ ପଠାଉଛି ଏବଂ ସୁଧୀର ପାନି ସଦନ ପାଙ୍ଗୀଙ୍କୁ ଯୁବକମାନଙ୍କୁ ନିଯୁକ୍ତି ଦେବା ଏବଂ ସେମାନଙ୍କଠାରୁ ଟଙ୍କା ସଂଗ୍ରହ କରିବାକୁ କହିଛନ୍ତି । ସଦନ ପାଙ୍ଗି ମାଲକାନଗିରି ଅଂଚଳରୁ ବେକାର ଯୁବକମାନଙ୍କୁ ସଜାଇ ସେମାନଙ୍କଠାରୁ ଟଙ୍କା ସଂଗ୍ରହ କରୁଥିଲେ । ଏହା ପରେ, ସେମାନେ ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିଲେ । ଯେତେବେଳେ ପୀଡିତାମାନେ ଜାଣିଲେ ଯେ ନିଯୁକ୍ତି ପତ୍ର ନକଲି, ସେମାନେ ସଦନ ପାଙ୍ଗିଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ କିନ୍ତୁ ସଦନ ପାଙ୍ଗି ଟଙ୍କା ଫେରସ୍ତ ବଦଳରେ ସେମାନଙ୍କୁ ଧମକ ଦେଉଥିଲେ । ପୀଡିତାମାନେ ସାଦାନ ପାଙ୍ଗିଙ୍କ ଆକାଉଂଟରେ ବ୍ୟାଙ୍କ କାରବାର ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ପଠାଇଛନ୍ତି ଏବଂ ସଦାନ ପାଙ୍ଗି ଫୋନେପ ମାଧ୍ୟମରେ ସୁଧୀର ପାନୀଙ୍କ ଆକାଉଂଟକୁ କିଛି ଟଙ୍କା ପଠାଉଥିଲେ । ସୁଧୀର ପାନି ମଧ୍ୟ ଫୋନେପେ ଏବଂ ଗୁଗୁଲ୍ ପେ ମାଧ୍ୟମରେ ସମୀର ପଟ୍ଟନାୟକଙ୍କ ନିକଟକୁ ଟଙ୍କା ପଠାନ୍ତି । ସୁଧୀର ପାନି ଜବ ଭେକେନସି ନାମକ ଏକ ହ୍ଵାଟସ୍ ଆପ୍ ଗ୍ରୁପ୍ ସୃଷ୍ଟି କରିଛନ୍ତି, ସେ ହେଉଛନ୍ତି ଗ୍ରୁପ୍ ର ଆଡମିନି । ବିଭିନ୍ନ ବ୍ୟକ୍ତି ଏହି ଗୋଷ୍ଠୀର ସଦସ୍ୟ ଅଟନ୍ତି । ଏହିପରି ଭାବରେ ଅଭିଯୁକ୍ତମାନେ ଜାଲ୍ ନିଯୁକ୍ତି ପତ୍ର ପ୍ରସ୍ତୁତ କରି ସେମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ନିରୀହ ଯୁବକମାନଙ୍କୁ ପ୍ରତାରଣା କରୁଛନ୍ତି । କେବଳ ମାଲକାନଗିରି ଜିଲ୍ଲାରେ ସଦନ ପାଙ୍ଗି ବିଭିନ୍ନ ଯୁବକ ଯୁବତୀ ମାନଙ୍କ ଠାରୁ ୧୦ ଲକ୍ଷରୁ ଅଧିକ ସଂଗ୍ରହ କରିଛନ୍ତି । ଅଭିଯୋଗ ପରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି !

# ଘର କାନ୍ଥପଡି ମହିଳାଙ୍କ ଭାଙ୍ଗିଲା ଗୋଡ

କେନ୍ଦ୍ରାପଡ଼ା,୧୩/୯ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଧିନ ଭରତପୁର ଗ୍ରାମରେ କାନ୍ଥପଡି ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି । ୨ ଦିନ ଧରି ପ୍ରବଳ ବର୍ଷା ହେବା କାରଣରୁ ସେହି ଗ୍ରାମର ଶାନ୍ତିଲତା ମଲିକ(୫୦)ଙ୍କ ମାଟିଘର କାନ୍ଥ ଘୁଷୁଡି ପଡି ତାଙ୍କ ଗୋଡ ଉପରେ ପଡିଥିଲା । ଏଥିରେ ଗୋଡ ଭାଙ୍ଗିଯିବା ସହ ଶାନ୍ତିଲତାଙ୍କ ପିଠି ଓ କାନ୍ଧ ଗୁରୁତର ଭାବେ ଆଘାତ ପାଇଛି । ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦ୍ରାପଡା ମେଡିକାଲ କୁ ଆଣି ଚିକିତ୍ସା କରିଥିବା ଜଣାପଡିଛି ।

# ଜିଲ୍ଲାରେ ଛଟେଇ ହୋଇଥିବା ୧୩୫ ଜଣ ଏଆଇଇ ସ୍ୱେଚ୍ଛାସେବୀ ଶିକ୍ଷକ ଶ୍ରମିକ କାମ କରି ପୋଷୁଛନ୍ତି ପରିବାର

ନୂଆପଡ଼ା,୧୩/୯ (ନି.ପ୍ର): କେନ୍ଦ୍ର ସରକାର ଗତ ୨୦୦୩ ମସିହାରେ ଡିପିଇପି ଯୋଜନା ପ୍ରଣୟନ କରିଥିଲେ । କେନ୍ଦ୍ର ସରକାର ଏହି ଡ଼ିପିଇପି ଯୋଜନା ଓଡ଼ିଶାରେ ମଧ୍ୟ କାର୍ଯ୍ୟକାରୀ ହୋଇଥିଲା । ଗ୍ରାମାଂଚଳ ଓ ସହରାଂଚଳ ମାନଙ୍କରେ ଅଧାରୁ ପାଠ ଛାଡିଥିବା ୬ ବର୍ଷ ରୁ ୧୪ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ପୁଣି ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିଶ୍ଚିତ ଶିକ୍ଷା ଯୋଜନା ଓ ଅଭିନବ ବିକଳ୍ପ ଶିକ୍ଷା ଯୋଜନା ଆରମ୍ଭ କରିଥିଲେ । ସେଥିପାଇଁ ପ୍ରତ୍ୟେକ ଛୋଟ ଛୋଟ ପଡାରେ ନିଶ୍ଚିତ ଶିକ୍ଷା ଯୋଜନା ବିଦ୍ୟାଳୟ ଓ ଅଭିନବ ବିକଳ୍ପ ବିଦ୍ୟାଳୟ ମାନ ଖୋଲା ଯାଇଥିଲା । ନିଶ୍ଚିତ ଶିକ୍ଷା ଯୋଜନା ମାନଙ୍କରେ ଇଜିଏସ ସ୍ୱେଚ୍ଛାସେବୀ ଶିକ୍ଷକ ଓ ଅଭିନବ ବିଦ୍ୟାଳୟ ମାନଙ୍କରେ ଏଆଇଇ ସ୍ୱେଚ୍ଛାସେବୀ ଶିକ୍ଷକ ନିଯୁକ୍ତି କରାଯାଇଥିଲା ।ନିଶ୍ଚିତ ଶିକ୍ଷା ଯୋଜନାରେ ଇଜିଏସ ସ୍ୱେଚ୍ଛାସେବୀ ଶିକ୍ଷକ ଓ ଅଭିନବ ବିଦ୍ୟାଳୟ ମାନଙ୍କରେ ଏଆଇଇ ସ୍ୱେଚ୍ଛାସେବୀ ଶିକ୍ଷକ ନିଯୁକ୍ତ କରାଯାଇଥିଲା । ନିଶ୍ଚିତ ଶିକ୍ଷା ଯୋଜନାରେ ୧୦ ରୁ ୪ ଟା ପର୍ଯ୍ୟନ୍ତ ଶିକ୍ଷାଦାନର ପ୍ରାବଧାନ ଥିବା ବେଳେ ଏଆଇଇ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ସୁବିଧା ଅନୁସାରେ ପାଠ ପଢାଇବାର ପ୍ରାବଧାନ ଥିଲା । ଏପରିକି ଦୁଇ ପ୍ରକାର ପଦବୀକୁ ଏଆଇଇ ଶିକ୍ଷକ ମାନେ ବିରୋଧ କରିବାରୁ ରାଜ୍ୟ ସରକାର ୨୦୦୫ ମସିହାରେ ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ଇଜିଏସ ସ୍ୱେଚ୍ଛାସେବୀ ଶିକ୍ଷକ ଭାବରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାର ତହାଳୀନ ଡିପିସି ମାନଙ୍କୁ ନିର୍ଦ୍ଦେଶ କରିଥିଲେ । ରାଜ୍ୟ ସରକାର ସବୁ ଜିଲ୍ଲାରେ ଏଆଇଇ କେନ୍ଦ୍ର ବିଦ୍ୟାଳୟ ମାନଙ୍କୁ ଇଜିଏସ ବିଦ୍ୟାଳୟ ମାନଙ୍କରେ କରି ଏଆଇଇ ଶିକ୍ଷକ ମାନଙ୍କୁ ମଧ୍ୟ ଇଜିଏସ ଶିକ୍ଷକ ଭାବେ ରୂପାନ୍ତରିତ କରିଥିଲେ । କିନ୍ତୁ, ନୂଆପଡ଼ା ଜିଲ୍ଲା ରେ ତହାଳୀନ ଡିପିସି ଏଆଇଇ ଶିକ୍ଷକ ମାନଙ୍କୁ ଇଜିଏସ ଶିକ୍ଷକ ଭାବେ ରୂପାନ୍ତରିତ କଲେ ନାହିଁ । ପରେ ଏହି ଯୋଜନା ୨୦୦୮ ମସିହାରେ ବନ୍ଦ ହୋଇଯାଇଥିଲା ଓ ନିଯୁକ୍ତି ପାଇଥିବା ସ୍ୱେଚ୍ଛାସେବୀ ମାନେ ଛଟେଇ ହୋଇଥିଲେ । ଛଟେଇ ହୋଇଯାଇଥିଲେ ମଧ୍ୟ ଏହି ସ୍ୱେଚ୍ଛାସେବୀ ଶିକ୍ଷକ ମାନେ ରାଜ୍ୟ ସରକାରଙ୍କ ଠାରେ ବାରମ୍ବାର ପୁନଃ ନିଯୁକ୍ତି କରିବା ପାଇଁ ଦାବି କଲେ । ପରେ ରାଜ୍ୟ ସରକାର ୨୦୦୮ ମସିହାରେ ଗଣ ଶିକ୍ଷକ ଭାବେ ନିଯୁକ୍ତି କରିଥିଲେ । କିନ୍ତୁ, ଅଭିନବ ବିକଳ୍ପ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ହୋଇଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଇଜିଏସରେ ରୂପାନ୍ତରିତ କରାଯାଇନଥିବାରୁ ନୂଆପଡ଼ା ଜିଲ୍ଲାର ୧୩୫ ଜଣ ସ୍ୱେଚ୍ଛାସେବୀ ଗଣଶିକ୍ଷକ ନିଯୁକ୍ତିରୁ ବଂଚିତ ହୋଇଥିଲେ । ଗଣଶିକ୍ଷକ ନିଯୁକ୍ତି ପାଇଥିବା ଇଜିଏସ ଶିକ୍ଷକ ମାନେ ଗତ ୨୦୧୭ ମସିହାରୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ବେଳେ ସମାନ ଭାବେ ନିଯୁକ୍ତି ପାଇଥିବା ଏଆଇଇ ଶିକ୍ଷକ ମାନେ ଏଥିରୁ ବଂଚିତ ହୋଇ ବାରମ୍ବାର ରାଜ୍ୟ ସରକାରଙ୍କ ଠାରେ ଦାବି ଉପସ୍ଥାପନ କଲେ ମଧ୍ୟ ରାଜ୍ୟ ସରକାର ଶୁଣୁନଥିବା ସ୍ୱେଚ୍ଛାସେବୀ ଶିକ୍ଷକ ମାନେ ଅଭିଯୋଗ କରିଛନ୍ତି । ଯାହାଫଳରେ ଏହି ଛଟେଇ ଶିକ୍ଷକ ମାନେ ଶ୍ରମିକ କାମ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି । ଛଟେଇ ଏଆଇଇ ଶିକ୍ଷକ ମାନଙ୍କୁ ଅତିଶୀଘ୍ର ଗଣଶିକ୍ଷକ ଭାବେ ନିଯୁକ୍ତି କରିବା ପାଇଁ ସେମାନେ ଦାବି କରିଛନ୍ତି । ନହେଲେ ଆଗାମୀ ଦିନରେ ସାମୁହିକ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

# ବୃଦ୍ଧ ଦମ୍ପତିଙ୍କୁ ଆକ୍ରମଣ ଓ ଲୁଟ : ପରସ୍ପର ବିରୋଧି ଅଭିଯୋଗ

ନିମାପଡ଼ା,୧୩/୯ (ନି.ପ୍ର): କୋଭିଡ ଟିକା ନନେଇ ଘରକୁ ଫେରୁଥିବା ବୃଦ୍ଧ ଦମ୍ପତିଙ୍କ ଉପରେ ଗତକାଲି ଆକ୍ରମଣ ଓ ଲୁଟ ହୋଇଥିବା ନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହି ଥାନା ଅନ୍ତର୍ଗତ ଡେରିକି ଗ୍ରାମର ଶତ୍ରୁଘ୍ନ କୁଣ୍ଡ(୭୨) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଚନ୍ଦ୍ରାଦେଇପୁର ପଂଚାୟତ କାର୍ଯ୍ୟାଳୟରେ ଗତକାଲି କୋଭିଡ ଟିକା ଦିଆ ଯାଉଥିଲା ବେଳେ ଶତ୍ରୁଘ୍ନ ଓ ତାଙ୍କ ପତ୍ନୀ ଟିକା ନେବା ନେବା ପାଇଁ ପୁଅ ସାଥିରେ ଆସିଥିଲେ । ତେବେ ଟିକା କେନ୍ଦ୍ରରେ ଟିକା ନେବା ପାଇଂ ଦିର୍ଘ ସମୟ ଧାଡିରେ ଠିଆ ହୋଇଥିଲା ବେଳେ ଶତ୍ରୁଘ୍ନଙ୍କୁ ଟିକା ନଦିଆ ଯାଇ ତାଙ୍କ ପଛରେ ଥିବା ଲୋକଙ୍କୁ ଟିକା ଦିଆ ଯିବାରୁ ସେ ଏହାର ପ୍ରତିବାଦ କରିଥିଲେ । ସେଠାରେ ଉପସ୍ଥିତ ଥିବା କମାକନ୍ତିଆ ଉତର ସାହିର ଟୁଟୁ ସ୍ୱାଇଁ ଶତ୍ରୁଘ୍ନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ବାଟରେ ଦେଖିଦେବ ବୋଲି ଧମକ ଦେଇଥିଲା । ଫଳରେ ଶତ୍ରୁଘ୍ନ ଓ ତାଙ୍କ ପତ୍ନୀ ଟିକା ନନେଇ ଭୟରେ ଘରକୁ ଫେରୁଥିଲେ । ତେବେ ଫେରିବା ବାଟରେ ପୋତାପୋଖରୀ ଠାରେ ଟୁଟୁ ତାର ଅନ୍ୟ ୪ଜଣ ସହଯୋଗୀଙ୍କ ସହ ଶତ୍ରୁଘ୍ନଙ୍କ ପୁଅ ଚଳାଉ ଥିବା ଗାଡିକୁ ଓଗାଳିବା ସହ ଶତ୍ରୁଘ୍ନ ଓ ତାଙ୍କ ପତ୍ନୀଙ୍କୁ ଗାଡିରୁ ଘୋଷାଡି ଆଣିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଶତ୍ରୁଘ୍ନଙ୍କ ପୁଅ ପ୍ରତିବାଦ କରିବାରେ ଦୁର୍ବୃତ ମାନେ ପୁଅ ବେକରେ ଥିବା ଏକ ସୁନା ଚେନ ସହ ପକେଟରେ ଥିବା ୧୨ଶହ ଟଙ୍କାକୁ ନେଇ ଜୀବନରେ ମାରିଦେବାକୁ ଧମକ ଦେଇ ଘଟଣା ସ୍ଥଳରୁ ଚାଲିଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି । ସେହିଭଳି ଟୁଟୁ ସ୍ୱାଇଁଙ୍କ ପକ୍ଷରୁ ଶତ୍ରୁଘ୍ନଙ୍କ ନାମରେ ମଧ୍ୟ ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି । ଉଭୟ ପକ୍ଷରୁ ଅଭିଯୋଗ ପାଇବା ପରେ ବଳଙ୍ଗା ପୁଲିସ ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ ଆରମ୍ଭ କରିଛି ।

# ଟୋଲଗେଟରେ ଦୁଇଟି ଦୁର୍ଘଟଣା : ଚାରି ଆହତ

କୋରେଇ,୧୩/୯ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଟୋଲଗେଟର ଉଭୟ ପାର୍ଶ୍ୱରେ ହାଇମାକ୍ସ ଲାଇଟ ଥିବା ସତ୍ୱେ ଗେଟ୍ କର୍ତ୍ତୁପକ୍ଷ ଲାଇଟ ଗୁଡ଼ିକ ଜଳାଉ ନଥିବାରୁ ଡ଼ିଭାଇଡ଼ରରେ ପିଟି ହୋଇ ଦୁର୍ଘଟଣା ଘଟିବାର ଦେଖାଯାଉଛି । ପ୍ରକାଶଯେ, ଆନନ୍ଦପୁରରୁ ପୁରୀ ଅଭିମୁଖେ ଯାଉଥିବା ଏକ ପରିବାର ଉକ୍ତ ଗେଟ ମଧ୍ୟ ଦେଇ ଅତିକ୍ରମ କରିବା ପୂର୍ବରୁ ଅନ୍ଧାର ଯୋଗୁଁ ଡ଼ିଭାଇଡ଼ରରେ ପିଟି ହୋଇ ଜଣେ ବୃଦ୍ଧା ଗୁରୁତର ହୋଇଥିବା ବେଳେ ଦୁଇ ଜଣ ଶିଶୁ ଓ ଜଣେ ମହିଳା ଆହତ ହୋଇଛନ୍ତି । ମିଳିଥବା ସୂଚନାନୁସାରେ, ଆନନ୍ଦପୁରରୁ ଟୁକୁନା ସାହୁ ତାଙ୍କ ପରିବାର ସହିତ ଏକ ଟାଟା ଓ୍ୱିଙ୍ଗର ଗାଡ଼ି ନଂ ( ଓଡ଼ି-୧୩ ଏଚ-୬୩୦୦) ରେ ପୁରୀ ଯାଉଥିବା ବେଳେ ଗତକାଲି ସମୟ ରାତି ପ୍ରାୟ ୮ଟା ସମୟରେ ପାଣିକୋଇଲି ଟୋଲ ଗେଟ ପୂର୍ବରୁ ଏକ ଡ଼ିଭାଇଡ଼ର ସହିତ ଧକ୍କା ଲାଗିଥିଲା । ଫଳରେ ଗାଡ଼ିରେ ଥିବା ଟୁକୁନାଙ୍କ ବୃଦ୍ଧା ମାଆ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କର ଦୁଇ ପୁଅ ଓ ଏକ ମହିଳା ଆହତ ହୋଇଥିଲେ । ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକ ମାନେ ଉଦ୍ଧାର କରି ଟୋଲଗେଟରେ ନୂତନ ଭାବେ ଥିବା ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେହିପରି ରାତ୍ରୀ ୩ଟା ବେଳେ ଏକ ଡଷ୍ଟର କାର୍ ନଂ (ଡବ୍ଲ୍ୟୁବି ୨ଏଏମ ୨୮୭୦) ଟୋଲଗେଟ ଡିଭାଇଡର ପିଟି ହୋଇ ରାସ୍ତା ମଝି ଡିଭାଇଡରରକୁ ଉଠି ପଳାଇଥିଲା । ଘଟଣାସ୍ଥଳରେ ପାଣିକୋଇଲି ପୁଲିସ ପହଂଚି ଆହତ ମାନଙ୍କୁ ଉଦ୍ଧାର କରିଥିଲା । ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କାହାର ବିଶେଷ କ୍ଷତି ହୋଇନଥିଲା ।

# ଚିଲିକା ବିଧାୟକଙ୍କ ମାଡମରା ଘଟଣା : ଧାରଣାରତ ସାମ୍ବାଦିକ ଅସୁସ୍ଥ

ଖୋର୍ଦ୍ଧା,୧୩/୯ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ତୁରନ୍ତ ଗିରଫ କରିବା ଓ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ସହିତ ମୋବାଇଲ ଛଡ଼ାଇ ନେବା ଘଟଣାରେ ପୃଥକ୍ ଭାବେ ବାଲୁଗାଁ ପୋଲିସ ମାମଲା ରୁଜୁ କରୁନଥିବା ପ୍ରତିବାଦରେ ଖୋର୍ଦ୍ଧା ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା । ହେଲେ ଧାରଣାରେ ବସିଥିବା ଜଣେ ସାମ୍ବାଦିକ ହଠାତ ମୂର୍ଚ୍ଛା ହୋଇଯାଇଥିଲେ । ଏନେଇ ଥାନା ପରିସରରେ ଏକ ଉତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି । ସମ୍ପୃକ୍ତ ସମ୍ବାଦିକଙ୍କୁ ଗୁରୁତର ଅବସ୍ଥାରେ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଛି । ସୂଚନା ଅନୁଯାୟୀ, ସାମ୍ବାଦିକଙ୍କୁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଦୁର୍ବ୍ୟବହାର ଘଟଣାରେ ଆଜି ଉତ୍କଳ ସାମ୍ବାଦିକ ସଂଘ ବାଲୁଗାଁ ଥାନାରେ ପ୍ରତିବାଦ କରୁଥିଲା । ସାମ୍ବାଦିକ ଦିବ୍ୟକାନ୍ତ ବେହେରାଙ୍କ ଠାରୁ ଜୋର ଜବରଦସ୍ତ ତାଙ୍କର ମୋବାଇଲ ଛଡେଇ ନେଇଯିବା ସହ ଚିଲିକା ବିଧାୟକ ତାଙ୍କୁ ଜାତି ଆକ୍ଷେପ କରି ଗାଳି ଗୁଲଜ କରିବା ନେଇ ଥାନାରେ ଗତ ୮ ତାରିଖରେ ଅଭିଯୋଗ ହୋଇଥିଲା । କିନ୍ତୁ, ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିନଥିବାରୁ ଆଜି ସାମ୍ବାଦିକ ସଂଘ ପକ୍ଷରୁ ଏକ ପ୍ରତିବାଦ କରାଯାଉଥିଲା । ଉକ୍ତ ଘଟଣାରେ ପୀଡିତ ଥିବା ସାମ୍ବାଦିକ ଦିବ୍ୟକାନ୍ତ ବେହେରା ଧାରଣାସ୍ଥଳରେ ହଠାତ ମୂର୍ଚ୍ଛା ହୋଇଯାଇଥିଲେ । ଧାରଣାସ୍ଥଳରୁ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ବର୍ତମାନ ହସ୍ପିଟାଲରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାୟାଧର ସେଠୀ, ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକ ଏବଂ ବାଲୁଗାଁ ଥାନା ଅଧିକାରୀ ରାମାକାନ୍ତ ମାହାଲିକ ଉପସ୍ଥିତ ଅଛନ୍ତି । ଏହି ଘଟଣାକୁ ନେଇ ସାମ୍ବାଦିକ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କାରାଯାଉଛି । କିନ୍ତୁ, ଏହା ଭିତରେ ବିଧାୟକଙ୍କ ବିରୋଧରେ ଅଲଗା ମାମଲା ରୁଜୁ ହେବ ନାହିଁ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦୋରା ମନା କରିଦେଇଥିବା ସୂଚନା ମିଳିଛି । ତେବେ ଏହାକୁ ନେଇ ସାମ୍ବାଦିକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ପ୍ରଭାତ କୁମାର ମିଶ୍ର ଏନେଇ କଡ଼ା ପ୍ରତିକ୍ରିୟା ରଖିଛନ୍ତି । ଯଦି ଏହି ଘଟଣା ଉପରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି । ଏହାସହ ଏହି ଘଟଣାକୁ ନେଇ ଯଦି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ, ସେଥିପାଇଁ ପୋଲିସ ଦାୟୀ ରହିବ ବୋଲି ସେ କହିଛନ୍ତି ।

# ଚୋରା ଗଞ୍ଜେଇ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି କନ୍ଧମାଳ

## ଗଞ୍ଜେଇ ମାଫିଆ ଓ କିଛି ପୋଲିସ ବାବୁଙ୍କ ସଲାସୁତରାରେ ଚାଲିଛି କାରବାର

କନ୍ଧମାଳ,୧୩/୯ (ନି.ପ୍ର): ଚୋରା ଗଞ୍ଜେଇ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଥିବା କନ୍ଧମାଳ ଜିଲାର ବିଭିନ୍ନ ଅଂଚଳରେ ବିଭିନ୍ନ ସମୟରେ ଗଞ୍ଜେଇ ମାଫିଆ ମାନଙ୍କ ନିକଟରୁ ଯେତିକି ଗଞ୍ଜେଇ ଜବତ ହୁଏ ସରକାରୀ କାଗଜ ପତ୍ର ଓ ଲୋକ ଲୋଚନକୁ ସେତିକି ହିସାବ ଆସି ନଥାଏ । ଜିଲାର ଫିରିଙ୍ଗିଆ, ବାଲିଗୁଡା, ଗୋଛାପଡା, ଫୁଲବାଣୀ ସଦର, କ.ନୂଆଗାଁ ଓ ସାରଙ୍ଗଡ ଥାନା ଅଂଚଳରୁ ବିଶେଷ ଗଞ୍ଜେଇ ଓ ଗଞ୍ଜେଇ ଚାଷ ଜବତ ହୋଇଥାଏ । ଏହି ଅଂଚଳ ଗୁଡିକ ସାଧାରଣତଃ ମାଓ ପ୍ରବଣ ଅଂଚଳ ହୋଇଥିବାରୁ ପ୍ରତିଦିନ ମାଫିଆ ମାନେ ଖୋଲାରେ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଭର୍ତି କରି ବିଭିନ୍ନ ଯାନ ବାହାନରେ ପାର୍ କରାନ୍ତି । କେତେକ ସ୍ଥାନରେ ଏସବୁ ଘଟଣା ପୋଲିସ ବାବୁଙ୍କ ଜାଣତରେ ହୁଏ । ଯେତେବେଳେ ଉପରୁ କିଛି କଡା ନିର୍ଦ୍ଦେଶ ଆସେ ଜଣେ ଦୁଇଜଣ ଗଞ୍ଜେଇ ମାଫିଅଙ୍କୁ ଧରି ମୁଖ୍ୟ ଆସାମୀ ଙ୍କୁ ଛାଡି ଦିଆଯାଏ । ଏଭଳିକି ଯେଉଁଠାରୁ ଗଞ୍ଜେଇ ଗାଡି ଯିବାର ଖବର ଆସେ ସେହି ସ୍ଥାନରେ ପହଂଚି ମୁଖ୍ୟ ଲୋକଙ୍କୁ ଓ ଅଧିକ ପରିମାଣର ଗଞ୍ଜେଇ ଛାଡି ଦେଇ କିଛି ପରିମାଣର ଜିନିଷ ଓ କିଛି ଲୋକଙ୍କୁ ଧରି ସାବାସି ନିଅନ୍ତି । ସବୁଠାରୁ ଆଶ୍ଚର୍ଯ୍ୟିତ କଥା ହେଲା ପ୍ରତ୍ୟେକ ଥାନାରେ ରହୁଥିବା ଲୋକାଲ ହୋମଗାର୍ଡ ଓ କିଛି କନେଷ୍ଟେବଲ ଚାଷ ଓ ବିକ୍ରୟ ହେବାକୁ ଯାଉଥିବା ଖବର ଜାଣିଥିଲେ ମଧ୍ୟ କିଛିକାଂଶରେ ମାଫିଆ ମାନଙ୍କ ସହ ସାମିଲ ରହି ଥାନା ବଡବାବୁ ମାନଙ୍କ ସହ ସଲାସୁତୁରା କରି ମୋଟା ଆକାରରେ ଅନୁଦାନ ଦେଇ ପାର୍ କରାଇ ଦିଅନ୍ତି । ଗଞ୍ଜେଇ ଚାଷ ଓ ବିକ୍ରୟ ଏରିଆକୁ ଥାନା ବଡବାବୁ ପଦବୀରେ ଯିବା ପାଇଁ କୁଆଡେ ଭୁବନେଶ୍ୱରରୁ ନିର୍ଦ୍ଦେଶ ଆସେ । ହୋମଗାର୍ଡ ମାନଙ୍କୁ କୌଣସି ଏକ ଥାନାରୁ ଅନ୍ୟ ସ୍ଥାନକୁ ସହଜରେ ବଦଳି ହୁଏନାହିଁ ତେଣୁ ସେମାନେ ସେ ଅଂଚଳରେ କେଉଁଠି ଗଞ୍ଜେଇ ଚାଷ ହୁଏ, କେଉଁମାନେ ଗଞ୍ଜେଇ ବେପାରୀ, କେଉଁ ଗାଡିରେ କେତେବେଳେ ଯିବ ଏହାର ଖବର ରଖିଥାନ୍ତି । ଏ ସମ୍ପର୍କରେ ହୋମଗାର୍ଡ ମାନେ ଥାନା ଅଧିକାରୀ ମାନଙ୍କୁ ତଥ୍ୟ ଦେଇଥାନ୍ତି । ଯେଉଁ ଗଞ୍ଜେଇ ମାଫିଆ ଏପଟ ସେପଟ କଥା କହନ୍ତି, ଭଲ ଚାନ୍ଦା ଦିଅନ୍ତି ନାହିଁ ସେମାନଙ୍କୁ ଧରାଇ ଦିଅନ୍ତି । କେତେକ ହୋମ୍ ଗାର୍ଡ ସିଧା ସଳଖ ଏଥିରେ ସାମିଲ ରହି ବଡ ହାକିମ ମାନଙ୍କୁ ନିଜ ସପକ୍ଷରେ ରଖିବାକୁ ସର୍ବଦା ଚେଷ୍ଟା କରିଥାନ୍ତି । ଯେତେବେଳେ କିଛି ବେପାରୀ ଧରାପଡନ୍ତି ଏହି ହୋମଗାର୍ଡ ଓ କନେଷ୍ଟେବଲ ମାନେ ବାହାଦୂରୀ ଦେଖାଇ ଫଟୋ ଛାପନ୍ତି ଓ ମୋବାଇଲ୍ ରେ ମୁଁ ଧରାଇଦେଲି ବୋଲି ପଦସ୍ଥ ହାକିମ ଓ ନେତା ମାନଙ୍କୁ ଫୋନ୍ କରିଥାନ୍ତି । ନିକଟରେ କୋରାପୁଟ ଜିଲାରେ ଗଞ୍ଜେଇ ଚାଲାଣରେ ଗିରଫ ହୋଇଥିବା ମାଫିଆ ମାନଙ୍କ ମଧ୍ୟରେ ଜଣେ ହୋମଗାର୍ଡ ସମ୍ପୃକ୍ତ ରହିଥିବା ଲୋକ ଲୋଚନକୁ ଆସିଛି । ସେହିଭଳି କନ୍ଧମାଳ ଜିଲାର କ.ନୂଆଗାଁ ଥାନାର କିଛି ପୋଲିସ କର୍ମଚାରୀ ସେହି ଅଂଚଳରେ ଟଙ୍କା ଓ ଗଞ୍ଜେଇ ଛଡାଇବା ବେଳେ ଗ୍ରାମବାସୀ ନିସ୍ଥୁକ ପ୍ରହାର କରିଥିବା ଖବର ପ୍ରସାର ହୋଇଥିଲା । ଏଭଳି ଘଟଣା ଜିଲାରେ ଚାଲୁଥିବା ବେଳେ କିଛି ହୋମଗାର୍ଡ ଓ କନେଷ୍ଟେବଲ ନିଜ ନିଜ ଗାଡିରେ ଥାନା ବାବୁ ମାନଙ୍କୁ ନିଜର କରି ଗଞ୍ଜେଇ ଚାଲାଣ କରୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଯଦି ହୋମଗାର୍ଡ ଓ କନଷ୍ଟେବଲ, ଥାନା ଅଧିକାରୀ ଓ ପୋଲିସ୍ କର୍ମଚାରୀ ମାନଙ୍କ ନିକଟରେ ଥିବା ଫୋନ୍ ଗୁଡିକୁ ଅଚାନକ ବିଭିନ୍ନ ସମୟରେ ଆୟକର ବିଭାଗ ଯାଂଚ କରନ୍ତା ବହୁତ କଥା ଲୋକଲୋଚନକୁ ଆସି ପାରନ୍ତା । କନ୍ଧମାଳ ଜିଲା ପୋଲିସ ପ୍ରଶାସନ, ପୋଲିସ ଡି.ଜି. ଏବଂ ଦୁର୍ନୀତି ନିବାରଣ ବିଭାଗ ଏହି ଦିଗ ପ୍ରତି ଦୃଢ଼ ପଦକ୍ଷେପ ନେଲେ ଜିଲାରୁ ଗଞ୍ଜେଇ ଚାଷ ଲୋପ ପାଇପାରିବ ବେଲି ଜିଲାର ସଚେତନ ନାଗରିକ ମାନେ ମତ ଦେଉଛନ୍ତି ।

# ଗଡ଼ମୃଗଶିରା ପଂଚାୟତରେ ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ପୁରୀ,୧୩/୯ (ନି.ପ୍ର): ଓଡିଶା ମୋ ପରିବାର ଜୀବନବିନ୍ଦୁ ପକ୍ଷରୁ ପୁରୀ ସଦର ବ୍ଲକ ଅନ୍ତର୍ଗତ ଗଡ଼ମୃଗଶିରା ଗ୍ରାମପଂଚାୟତ ଗଡ଼ବାଲିସାହି ପ୍ରାଥମିକ ବିଦ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କୁ ଅନୁଷ୍ଠାନିକଭାବେ ପୁରୀ ସାଂସଦ ପିନାକୀ ମିଶ୍ର ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି ଶିବିରରେ ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ନାରାୟଣ ଖୁଂଟିଆ, ଜିଲ୍ଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ବିଜେଡି ଜିଲ୍ଲା ସମ୍ପାଦକ ଧରଣୀଧର ସାହୁ, ଛାତ୍ର ନେତା ଜ୍ୟୋତିରଞ୍ଜନ ପୃଷ୍ଟି, ବାଲିପୁଟ ସରପଂଚ ବାବାଜୀ ଫାରକ ଓ ପୂର୍ବତନ ସରପଂଚ ବାବୁଲି ପରିଡା, ଅମୀୟ ଜେନା, ମଂଟୁ ଜେନା, ରିଙ୍କନ ଜେନା, ଗ୍ରାମ ସଭାପତି ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁବ ବିଜେଡି ରାଜ୍ୟ ଉପସଭାପତି ତଥା ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ଶୁଭାଶିଷ ଖୁଂଟିଆ ଆୟୋଜନ କରିଥିଲେ । ଏଥିରେ ୫୧ ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ । ଗ୍ରାମବାସୀ ମାନଙ୍କୁ କରୋନା ସଚେତନତା ସହ ମାସ୍କ ବଂଟନ କରାଯାଇଥିଲା ।

# ୧୨୫ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୧୩/୯ (ନି.ପ୍ର): କରିବା ରକ୍ତଦାନ, ବଂଚାଇବା ଜୀବନ- କରୋନା ମହାମାରୀ ସମୟରେ ଓଡ଼ିଶାରେ ରକ୍ତାଭାବକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ତଥା ବେଗୁନିଆ ବୋଲଗଡ଼ର ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନରେ ଓ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ରାଜ୍ୟ ସାଧାରଣ ସମ୍ପାଦକ, ବିଜୁ ଯୁବ ଜନତା ଦଳଙ୍କ ସଂଯୋଜନାରେ ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ବେଗୁନିଆ ଅନ୍ତର୍ଗତ ପଙ୍ଗାରସିଂ ପଂଚାୟତର ଲେଖନପୁର ପ୍ରାଥମିକ ବିଦ୍ୟାଳୟ ଓ ଭୋଗଡ଼ା ମିଇ ବିଦ୍ୟାଳୟ ଠାରେ ଦୁଇଟି ସ୍ଥାନରେ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଯାଇଅଛି । ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଏଥିରୁ ମୋଟ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ସେହିପରି ବନୀକରଣ ଯୋଜନା ପରିପ୍ରେକ୍ଷୀରେ ଲେଖନପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ ଓ ପଂଚାୟତ ତରଫରୁ ବିଧାୟକ ଓ ଜନ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବେଗୁନିଆ ବ୍ଲକ୍‌ର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ବିଜୁ ଯୁବ ଜନତା ଦଳ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲାବେଳେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ ସାହୁ, ପୂର୍ବତନ ଉପାଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ପ୍ରଧାନ, ଜ୍ୟୋତିରଞ୍ଜନ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଭାବେ ଲେଖନପୁର ଠାରେ ବିଜୟ କେତନ ଦାସ, ଟୁଲିଆ ଲେଙ୍କା, ଜାପାନୀ ସାମଲ, ଘନଶ୍ୟାମ ଜେନା, ପ୍ରସନ୍ନ ପ୍ରଧାନ, ସୁରେନ୍ଦ୍ର ମହାନ୍ତି, ଗୋବର୍ଦ୍ଧନ ପଟ୍ଟନାୟକ, ବିଜୟ କେତନ ଦାସ, ସନ୍ତୋଷ କୁମାର ରାଉତରାୟ, ଅମିୟ ପ୍ରଧାନ, କଣ୍ଡି ଭୂୟାଁ, ଦିଲ୍ଲୀପ ମହାଭୋଇ ଉପସ୍ଥିତ ଥିଲେ । ସେଂଟ୍ରାଲ ବ୍ଲଡ଼ ବ୍ୟାଙ୍କ କଟକ ଦ୍ୱାରା ୬୪ ୟୁନିଟ୍ ବ୍ଲଡ଼ ଓ ଖୋର୍ଦ୍ଧା ଡି.ଏଚ୍. ବ୍ଲଡ଼ବ୍ୟାଙ୍କ ଦ୍ୱାରା ୬୧ ୟୁନିଟ୍ ବ୍ଲଡ଼ ଏପରିକି ମୋଟ ୧୨୫ ୟୁନିଟ୍ ବ୍ଲଡ଼ ସଂଗୃହୀତ ହୋଇଛି । ବିଧାୟକ ପଂଗାରସିଂ ପଂଚାୟତର ରକ୍ତଦାତା ଓ ଆୟୋଜକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଗଣ୍ଠିବାତର ଆୟୁର୍ବେଦିକ ଉପଚାର



ଆୟୁର୍ବେଦିକ ଯଥା ବିଭିନ୍ନ ପ୍ରକାର ଗଛର ଡାଳ, ପତ୍ର, ଫୁଲ, ଫଳରେ ଏପରି ଅନେକ ରହସ୍ୟ ଲୁଚି ରହିଥାଏ, ଯାହାର ବ୍ୟବହାର ଦ୍ୱାରା ଅନେକ ବଡ଼ ବଡ଼ ରୋଗରୁ ଉପଶମ ମିଳିଥାଏ । ଯଦି ଆପଣଙ୍କର ଗଣ୍ଠିବାତ





ଦେଖାଯାଏ ତେବେ ନିମ୍ନୋକ୍ତ ଉପଚାରକୁ ଅବଲମ୍ବନ କରନ୍ତୁ ଦେଖିବେ, ସମସ୍ୟା ସହଜରେ ଦୂର ହୋଇଯିବ ।

ଆମ୍ବ- ଏକ ମାଟି ପାତ୍ରରେଲିଟରେ ପାଣି ନେଇ ଚାରି/ ପାଞ୍ଚୋଟି ଆମ୍ବପତ୍ରକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଫୁଟାନ୍ତୁ । ସେହି ପାଣିକୁ ନିୟମିତ ଆଣ୍ଠୁଗଣ୍ଠିରେ ମାସେ ପର୍ଯ୍ୟନ୍ତ ଘସିଲେ ବହୁତ ଆରାମ ମିଳିଥାଏ ।

ତେନ୍ତୁଳି- ଏହାର ପତ୍ରକୁ ବାଟି ଏଥିରେ ଖାରସୋଡ଼ା ମିଶାନ୍ତୁ । ଏହି ମଶ୍ରଣକୁ ସାମାନ୍ୟ ଗରମ କରି ବଥା ହେଉଥିବା ଜାଗାରେ ଶୁଖିଲା ପର୍ଯ୍ୟନ୍ତ ଲଗାନ୍ତୁ । ଏକମାସ ପର୍ଯ୍ୟନ୍ତ ଏପରି କଲେ ସୁଫଳ ମିଳିଥାଏ ।

କେବଳ ମଣିଷ ନୁହନ୍ତି, ସୌଭାଗ୍ୟ ଯୋଗୁ ଜୀବଜନ୍ତୁ ବି କୋଟିପତି ହୋଇପାରନ୍ତି । ସେମାନଙ୍କର ମାଲିକ ନିଜ ଅନ୍ତେ ନିଜ ପୋଷା ଜୀବଙ୍କୁ ସମ୍ପତ୍ତିର ଉତ୍ତରାଧିକାରୀ କରିଦେଇଯାଉଛନ୍ତି । ଏହି ଜୀବମାନଙ୍କର ବିଳାସମୟ ଜୀବନ ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ନହୋଇ ରହିପାରିବେ ନାହିଁ ।

# କୋଟିପତି ଜୀବ




ବିଶ୍ୱର ସବୁଠାରୁ ଧନୀ ପୋଷା ଭାବେ ମାନ୍ୟତା ପାଇଛି ଗନ୍ଥର-୪ । ଜର୍ମାନ ଶେଫର୍ଡ ପ୍ରଜାତିର ଏହି କୁକୁର କୌଣସି ସେଲିବ୍ରିଟିଙ୍କ ଠାରୁ କମ ଗୁରୁତ୍ୱ ପ୍ରାଁନାହିଁ । ସେ ସର୍ବମୋଟ ୧୪.୫ କୋଟି ଡଲାର (ପ୍ରାୟ ୯,୭୧,୫୦୦୦୦୦୦ଟଙ୍କା) ମୂଲ୍ୟର ସମ୍ପତ୍ତିର ଅଧିକାରୀ । ଗନ୍ଥରକୁ ଏ ସମସ୍ତ ସମ୍ପତ୍ତି ତାର ପିତା ଗନ୍ଥର-୩ଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ମିଳିଛି । ୧୯୯୨ରେ ମାଲିକାଣୀ କାର୍ଲୋଟା ଲିବେନଷ୍ଟାଇନଙ୍କ ମୃତ୍ୟୁ ପରେ ଇଟାଲୀ ଏବଂ ଜର୍ମାନୀରେ ଥିବା ତାଙ୍କର ସମସ୍ତ ସମ୍ପତ୍ତି ଗନ୍ଥରର ପିତାଙ୍କ ନାମରେ ହୋଇଥିଲା । ଗନ୍ଥର-୪ ପାଖରେ ଏବେ ଶତାଧିକ ସହାୟକ । ସେ ଏକ ଭବ୍ୟ ବଙ୍ଗଳାରେ ରହୁଛି ଏବଂ ରାଜାଙ୍କ ପରି ନିଜ ପସନ୍ଦର ସ୍ୱାଦିଷ୍ଟ ଖାଦ୍ୟ ଖାଇବା ସହ ବିଳାସମୟ ଗାଡ଼ିରେ ବସି ଭ୍ରମଣ କରୁଛି ।




ସ୍କଟିଶ ଫୋଲଡ ପ୍ରଜାତିର ଏହି ବିଲେଇ ଅଲିଭିଆ ବେନସନ ହଲିଉଡ୍ ଅଭିନେତ୍ରୀ ଟେଲର ସ୍ୱିପଟଙ୍କର ଖୁବ୍ ଅନ୍ତରଙ୍ଗ । ସ୍ୱିପଟଙ୍କର ନିଜ ରୋଜଗାରରୁ ଯାହା ସମ୍ପତ୍ତି ରହିଥିବା ବେଳେ କେବଳ ଅଲିଭିଆ ୯୭ ମିଲିୟନ ଡଲାର କେବଳ ଅଲିଭିଆ ୯୭ ମିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ଅଧିକାର କରିଛି । ଏହା ତାର ନିଜସ୍ୱ ରୋଜଗାର । ଡାଏଟ କୋକ୍ ଏବଂ କେଡସ ଜୋତା ସହିତ ବିଭିନ୍ନ ବିଜ୍ଞାପନରେ ଆସି ଅଲିଭିଆ ଏହି ସମ୍ପତ୍ତି ଅର୍ଜନ କରିପାରିଛି ।



ଗ୍ରମ୍ପିକ୍ୟାଟ୍

ଏମିତିରେ ଗ୍ରମ୍ପି ଅର୍ଥ କ୍ରୋଧୀ । ବିଶ୍ୱର ଏହି ଅନ୍ୟତମ ଧନୀ ବିଲେଇକୁ ଦେଖିବା ମାତ୍ରେ ଲାଗେ ସେ ଯେପରି ପ୍ରବଳ ରାଗରେ ଥରୁଛି । ନିଜର ଏପରି ସ୍ୱତନ୍ତ୍ର ଚେହେରା ଯୋଗୁ ବିଲେଇଟି ଗ୍ରମ୍ପି କ୍ୟାଟ ନାମରେ ସୋସିଆଲ ମିଡିଆରେ ଚର୍ଚ୍ଚିତ । ଏହାର ପ୍ରକୃତ ନାମ ଟାଇଡାର ସସ୍ । ଇଣ୍ଟରନେଟରେ ନିଜ ପ୍ରସିଦ୍ଧି ଯୋଗୁ ଟାରଡାର ଯାହା ରୋଜଗାର କରିଛି ସେଥିରେ ତାର ସମ୍ପତ୍ତି ମୂଲ୍ୟ ୯୯ ମିଲିୟନ ଡଲାର (୭୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା)ରେ ପହଞ୍ଚିଛି ।

## ସବୁ କୁକୁର କୋଟିପତି

ଏବେ ଅର୍ଥ ପାଇଁ ମଣିଷ ପାଗଳ ପରି ଧାଉଁଥିବା ବେଳେ ଗୋଟିଏ ଗାଁର ସବୁ କୁକୁରମାନେ କୋଟିପତି ବୋଲି ଶୁଣିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ । ଗୁଜୁରାଟର ମେହସାଣାସ୍ଥିତ ପଞ୍ଚୋଟ ଗ୍ରାମରେ ଏପରି ଜମିଦାର କୁକୁରମାନେ ରହୁଛନ୍ତି । ବର୍ଷବର୍ଷ ଧରି ସେମାନେ କୋଟିକୋଟି ଟଙ୍କା ରୋଜଗାର କରିଚାଲିଛନ୍ତି । ଏହି କୁକୁର କାହାର ପୋଷା ନୁହନ୍ତି, ସମସ୍ତେ ବୁଲାକୁକୁର । ଗାଁରେ ବୁଲୁଥିବା ପ୍ରାୟ ସତୁରିଟି କୁକୁରଙ୍କ ଯତ୍ନ ନେବା ଲାଗି ପଞ୍ଚୋଟଗ୍ରାମରେ 'ମଢ଼ନି ପତି କୁତରିୟା ଟ୍ରଷ୍ଟ' ଗଠନ କରାଯାଇଛି । ଏହି ଟ୍ରଷ୍ଟ ପାଖରେ ସାଢ଼େ ୧୦ଏକର ଏପରି ଜମି ଅଛି ଯାହାର ସମୁଦାୟ ମୂଲ୍ୟ ପ୍ରାୟ ସତୁରି କୋଟି ଟଙ୍କା ହେବ । ତେଣୁ ହିସାବ କଲେ ପ୍ରତ୍ୟେକ କୁକୁରଙ୍କ ଭାଗରେ କୋଟିଏ ଟଙ୍କା ପଡ଼େ । ଏହି ଜମିରୁ ହେଉଥିବା ଆୟ ଗାଁର କୁକୁରମାନଙ୍କ ସେବାରେ ବିନିଯୋଗ ହୋଇଥାଏ । ଟ୍ରଷ୍ଟର ସଭାପତି ଛଗନ ଭାଇ ପଟେଲଙ୍କ କହିବା ଅନୁସାରେ, କୁକୁରଙ୍କ ପାଇଁ ଅଲଗା ଭାଗ ରଖିବାର ପରମ୍ପରା ବହୁଦିନରୁ ଚଳିଆସୁଛି । ପୂର୍ବରୁ ଧନୀ ଲୋକମାନେ କିଛିକିଛି ଭୂମି ମୂଲ୍ୟ ସେ ସମୟରେ ଅଧିକ ନଥିଲା । କେତେକ ମଧ୍ୟ ଏତେଭୂମିର ମାଲିକ ଥିଲେ ଯେ କର ଦେଇନପାରି ଭୂମି ଦାନ କରିଦେଉଥିଲେ । ୭୦ବର୍ଷ ତଳେ ଏହି ଜମି ପଟେଲ ସମ୍ପ୍ରଦାୟର



କୃଷକମାନଙ୍କ ପାଖକୁ ଆସିବାରୁ ସେମାନେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲେ । ଗାଁର ବିକାଶ ସହିତ ଜମି ଭୂଲ୍ୟ ବି ବଢ଼ିଲା । ଚାଷ ଆରମ୍ଭ ପୂର୍ବରୁ ଟ୍ରଷ୍ଟ ନିଜ ଭାଗର ଏକ ଜମି ପ୍ରତିବର୍ଷ ନିଲାମ କରେ ଏବଂ ଧାରକ ସେହି ବର୍ଷ ଚାଷ କରିବାର ଅଧିକାର ପାଇଥାନ୍ତି । ନିଲାମରୁ ମିଳିଥିବା ପ୍ରାୟ ୧ଲକ୍ଷ ଟଙ୍କା କୁକୁରଙ୍କ ସେବାରେ ଲାଗେ । ଏଥିସହିତ ଦାନରେ ଚାଉଳ ବି ମିଳେ । କୁକୁରଙ୍କ ସହିତ ପକ୍ଷୀ ଏବଂ ଅନ୍ୟ ପଶୁମାନଙ୍କର ବି ଯତ୍ନ ନେଇଥାଏ ।

## ଘରୋଇ ଜିନିଷକୁ ନେଇ ସତର୍କତା

ଅଧିକାଂଶ ଲୋକେ ନିଜ ଘରର ଜିନିଷକୁ ନେଇ ବେଶ୍ ସଚେତନ ଥାନ୍ତି ହେଲେ କେତେଜଣ ମଧ୍ୟ ଘରେ ବ୍ୟବହୃତ ହେଉଥିବା ଜିନିଷର କୁପ୍ରଭାବ ଜାଣିଥାନ୍ତି । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, କେତେପ୍ରକାର ଧୂପକାଠିରେ କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ । ଏହିସବୁ କାରଣରୁ ଅନେକଙ୍କ ଶ୍ୱାସ ସଂକ୍ରମଣ ହେଉଥିବାର ଜଣାପଡ଼ିଛି । ରୁମ୍ ହିଟର ବ୍ୟବହୃତ କରୁଥିବା ଲୋକେ ବେଶ୍ ସତର୍କ ରହିବା ଉଚିତ । କାରଣ ଏହା କକ୍ଷରେ ଅମ୍ଳଜାନର ମାତ୍ରାକୁ ନିୟନ୍ତ୍ରଣ କରେ । ପୂରାରାତି ଏହି ଯନ୍ତ୍ରକୁ ଲଗାଇ ଶୋଇବା ହାନିକାରକ । ମହମବତୀର ବ୍ୟବହାର ଶୋଇବାବେଳେ ନକରିବା ଉଚିତ । ଏଥିରେ ମହଜୁଦ ଥିବା ବେଞ୍ଜିନ ପରି ବିଷାକ୍ତ ପଦାର୍ଥ ନିଶ୍ୱାସପ୍ରଶ୍ୱାସରେ ବାଧା ଉତ୍ପନ୍ନ କରେ । ଆଜିକାଲି ଏୟାର ଫ୍ରେଶନରର ବହୁଳ ବ୍ୟବହାର ହେଉଥିବାର ଦେଖାଯାଉଛି । ଏଥିରେ ଥିବା ତତ୍ତ୍ୱମାନ ହରମାନ ଅସମତୁଲତା ସହ ନିଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରେ । ନିକଟରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ କପଡ଼ାକୁ ଡ୍ରାଏ-କ୍ଲିନ୍ କରିବା ପାଇଁ ପରଫ୍ଲୋରୋଇଥିଲିନ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଏ । ଏହା ଯକୃତ, ବୃକକ ତଥା ନର୍ଭସ ସିଷ୍ଟମକୁ ପ୍ରଭାବିତ କରେ ।

## ସ୍ୱର୍ଗରୁ ମୃତ୍ୟୁଲୋକ ଅଣାଯାଇଥିଲା ଏହି ଗଛ

ବିଶ୍ୱରେ ଏପରି ଅନେକ ପୁରାତନ ବୃକ୍ଷ ଅଛି ଯାହା ପଛର କାହାଣୀ ବେଶ ରୋଚକ । ଏପରି ଅନେକ ଗଛ ମଧ୍ୟ ଅଛି ଯାହା ସମ୍ପର୍କରେ ଲୋକଙ୍କୁ ବିଶେଷ କିଛି ଜଣାନାହିଁ । ଉତ୍ତରପ୍ରଦେଶର ବାରାବଙ୍କିରେ ଥିବା ଏହି ଗଛର ସମ୍ପର୍କ ସିଧାସଳଖ ସ୍ୱାର୍ଗଲୋକ ସହ ରହିଛି । ଶିବ ଭକ୍ତଙ୍କ ମନୋକାମନା ପୂରଣ ପାଇଁ ଏହି ଗଛକୁ ସ୍ୱର୍ଗରୁ ମୃତ୍ୟୁଲୋକକୁ ଅଣାଯାଇଛି । ଏହା ହେଉଛି ଏକ ପାରିଜାତ ବୃକ୍ଷ । କୁହାଯାଏ ଯେ, ମହାଭାରତ କାଳରେ ଅଜ୍ଞାତବାସ ସମୟରେ ମାତା କୁନ୍ତୀ ଏହି ସ୍ଥାନକୁ ଆସିଥିଲେ । ଏଠାରେ ପାଣ୍ଡବମାନେ ଏକ ଶିବମନ୍ଦିର ନିର୍ମାଣ କରିଥିଲେ । ମା'ଙ୍କ ପୂଜା ପାଇଁ ଯେଭଳି କୌଣସି ଅସୁବିଧା ନହୁଏ ତାକୁ ଦୃଷ୍ଟିରେ ରଖି ସତ୍ୟଭାମାଙ୍କ ବଗିଚାରୁ ଏହି ପାରିଜାତ ବୃକ୍ଷକୁ ଆଣିଥିଲେ । ସେବେଠାରୁ ଗଛଟି ଏହି ଠାରେ ରହିଛି ।



## ମହିଳାଙ୍କ ପାଇଁ ଶକ୍ତିଦାୟୀ

ପୂର୍ବେ ମହିଳାମାନଙ୍କୁ ଘରୁ କେଉଁଆଡ଼େ ଯିବାକୁ ଅନୁମତି ମିଳୁନଥିଲା । କିନ୍ତୁ ବର୍ତ୍ତମାନ ମହିଳାମାନଙ୍କ ଦାୟିତ୍ୱ ବଢ଼ିଯାଇଛି । ଘର ହେଉ ଅବା ବାହାର ସମସ୍ତ ସ୍ଥାନରେ ମହିଳାଙ୍କ ବେଶୀ କାର୍ଯ୍ୟ କରିବାକୁ ପଡୁଛି । ଘର ସହିତ ବାହାର କାର୍ଯ୍ୟର ଦାୟିତ୍ୱ ସୁରୁଖୁରୁ ଭାବେ ତୁଲାଇବା ସହ ପୁନଷ୍ଚ ଆଉ ଏକ ପ୍ରଭାତ ପାଇଁ ପ୍ରସ୍ତୁତ ହେବାପାଇଁ ମହିଳାଙ୍କୁ ପ୍ରଚୁର ଶକ୍ତି ପ୍ରଦାୟୀ ଖାଦ୍ୟ ଖାଇବା ଆବଶ୍ୟକ । ତେବେ ଜାଣନ୍ତୁ ଖାଦ୍ୟ ପଦାର୍ଥରେ କେଉଁକେଉଁ ଡାଏଫ୍ରୁଟ ସାମିଲ କରିବା ଆବଶ୍ୟକ ।

***ଡିମ୍ବିରି ଫଳ:*** ଡିମ୍ବିରି ଫଳ ପେଟ ପାଇଁ ଖୁବ୍ ଉପାଦାୟୀ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ତ ସମସ୍ୟା କମିଯାଏ । ଏହା ସହ ଶରୀରକୁ ତୁରନ୍ତ ଶକ୍ତି ମଧ୍ୟ ମିଳିଥାଏ । ତେଣୁ ସକାଳୁ ପ୍ରତିଦିନ ଏହାକୁ ଖାଇବା ଆବଶ୍ୟକ । ଡିମ୍ବିରି ଫଳ ଖାଇବା ପାଇଁ ରାତିରେ ୧କପ୍ ପାଣିରେ ୨ଟି ଟିମ୍ବିରି ଫଳ ଭିଜାଇ ରଖି ସକାଳୁ ପାଣିକୁ ପିଇବା ସହ ତାକୁ ଖାଇବା ଆବଶ୍ୟକ । ଚାହିଁଲେ ଚା' କିମ୍ବା ଦୁଗ୍ଧରେ ମିଶାଇ ସେବନ କରିପାରିବେ ।

***କିସମିସ୍:*** ଯେଉଁ ମହିଳାଙ୍କ ଶରୀରରେ କମ୍ ପରିମାଣରେ ଆଇରନ୍ ରହିଥାଏ ଏହା ମହୋଷଧୀ ରୂପେ କାର୍ଯ୍ୟ କରିଥାଏ ।ଏଥିପାଇଁ ରାତିରେ ଅଳ୍ପ ପାଣିରେ ୧୦ଟି କିସମିସ୍ ଭିଜାଇ ରଖି ସକାଳୁ ଏହାକୁ ଖାଇବା ଆବଶ୍ୟକ । ଏଥିରେ ଅଳ୍ପ ମେଥିଦାନା ଭିଜାଇ ଖାଇଲେ ମଧ୍ୟ ସୁଫଳ ମିଳିଥାଏ । ଗୋଟେ ଗ୍ଲାସ ପାଣିରେ ୧୦ଟି କିସମିସକୁ ଗରମ କରି ପାଣିକୁ ଅଧା କରିଦେବା ଆବଶ୍ୟକ । ଏହାକୁ ଏକ କାଚପାତ୍ରରେ କାଢ଼ି ଗୁଡ଼ ମିଶାଇ ସେବନ କଲେ ମଧ୍ୟ ଚଳିବ । କିନ୍ତୁ ଏହାକୁ ଥରେ ନୁହେଁ ଦିନରେ ୨-୩ ଥର ଏପରି କରିବା ଆବଶ୍ୟକ ହୋଇଥାଏ ।

***ଶୁଖିଲାପ୍ଲମ ଫଳ:*** ୨ଟି ଶୁଖିଲା ପ୍ଲମ୍ ଫଳ ସକାଳୁ ଖାଇବା ଦ୍ୱାରା ପେଟ ଜନିତ ନାନାଦି ସମସ୍ୟା ଦୂର ହୋଇଥାଏ । ଏଥିରେ ପ୍ରଚୁର ପରିମାଣର ଫାଇବର ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏହାକୁ ଖାଇବା ଦ୍ୱାରା ପେଟର ଭାରିପଣ ହ୍ରାସପାଏ ଓ ଦିନ ସାରା ଆରାମପ୍ରଦ ରହିଥାଏ । ଫଳରେ ଶରୀରରେ ପ୍ରଚୁର ପରିମାଣରେ ଶକ୍ତି କ୍ଷରଣ ହୋଇଥାଏ ।





## ପିଆଜ ରସୁଣ ହ୍ରାସ କରିବ କ୍ୟାନସର୍ ଆଶଙ୍କା

ପିଆଜ, ରସୁଣ ଏବଂ ପିଆଜ ପ୍ରଜାତିର ବିଭିନ୍ନ ପରିବା ସେବନ ଦ୍ୱାରା ଉଦର ଏବଂ ମଳାଶୟ କ୍ୟାନସର ଆଶଙ୍କା ହ୍ରାସ ପାଇଥାଏ । ନିକଟରେ ହୋଇଥିବା ଏକ ଗବେଷଣାର ନିଷ୍କର୍ଷରୁ ଏହା ଜଣାପଡ଼ିଛି । ଆହାର ନାଳର ତଳ ଭାଗରେ ଥିବା ଉଦର ଏବଂ ମଳାଶୟ କ୍ୟାନସରକୁ କୋଲୋରେକ୍ଟଲ କ୍ୟାନସର କୁହାଯାଏ । ଏସିଆ ପେସିଫିକ୍ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ଅନକୋଲଜିରେ ପ୍ରକାଶିତ ଏହି ଗବେଷଣାରୁ ଜଣାପଡ଼ିଛି, ପିଆଜ ପ୍ରଜାତିର ପରିବା ସେବନ କରୁଥିବା ବୟସ୍କଙ୍କ ମଧ୍ୟରେ କୋଲୋରେକ୍ଟଲ କ୍ୟାନସର ଆଶଙ୍କା ୭୯ ପ୍ରତିଶତ ହ୍ରାସ ପାଇଥାଏ । ଚାଇନା ମେଡିକାଲ ୟୁନିଭର୍ସିଟିର ଫରେଷ୍ଟ୍ରି ହସ୍ପିଟାଲର ଗବେଷକ ଝି ଲି'ଙ୍କ ମତରେ ଗବେଷଣାରୁ ଦେଖିବାକୁ ମିଳିଛି, ପିଆଜ କିମ୍ବା ପିଆଜ ଷଣ୍ଢା ସେବନ ଦ୍ୱାରା ଅନ୍ୟ ପରିବା ଅପେକ୍ଷା ଶରୀରକୁ ରୋଗ ଭୟ କମ ଥାଏ । ବିଶେଷକରି କ୍ୟାନସର ଭଳି ଦୂରାରୋଗ୍ୟ ରୋଗର ଆଶଙ୍କା ହ୍ରାସ ପାଇଥାଏ । ଗବେଷଣାର ମୁଖ୍ୟ ଲକ୍ଷ୍ୟ ଥିଲା, ପରିବର୍ତ୍ତିତ ଜୀବନଶୈଳୀରେ କୋଲୋରେକ୍ଟଲ କ୍ୟାନସର ପ୍ରାରମ୍ଭିକ ସ୍ତରରୁ ରୋଗ ଲଗାଇବା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, କୋଲୋରେକ୍ଟଲ କ୍ୟାନସର ବର୍ତ୍ତମାନ ବିଶ୍ୱରେ ସାଧାରଣ ରୋଗ ପାଲଟିଲାଣି । ୨୦୧୮ ରେ ଏହି ରୋଗର ୧୮ ଲକ୍ଷ ମାମଲା ସାମ୍ନାକୁ ଆସିଥିଲା । ଯେଉଁଥିରୁ ୮,୬୨,୦୦୦ ଜଣଙ୍କର ମୃତ୍ୟୁ ହୋଇଥିଲା ।



## ସୁଗାର ସ୍କ୍ରବ୍

ମୁହଁ ଶରୀରର ସବୁଠାରୁ ମୁଖ୍ୟ ଅଂଶ କହିଲେ ଅତ୍ୟୁକ୍ତି ହେବନି । ଏହାର ଉପଯୁକ୍ତ ଯତ୍ନ ନ ନେଲେ ସେଥିରେ ମୁଖବ୍ରଣ ବା ବ୍ଲାକ୍ ହେଡ୍ସ ଆଦି ଦେଖାଯିବାର ଆଶଙ୍କା ରହିଥାଏ । ମୁହଁକୁ କିପରି ଘରୋଇ ସ୍କ୍ରବ ଦ୍ୱାରା ସଫା ରଖିବେ, ଜାଣନ୍ତୁ ସେ ସମ୍ପର୍କରେ.... ଲେମ୍ବୁରସ, ଅଧା କପ୍ ଚିନି, ଏକ ବଡ଼ ଚାମଚ ଅଲିଭ ଅଏଲ, ଏକ ଚାମଚ ମହୁ ।

ସ୍କ୍ରବ୍ ପ୍ରସ୍ତୁତ କରିବାର ପ୍ରଣାଳୀ



***ପ୍ରଥମ ସୋପାନ:***

ଏକ ପାତ୍ରରେ ଲେମ୍ବୁରସ ଏବଂ ଅଲିଭ୍ ଅଏଲକୁ ନେଇ ତା'ର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଯଦି ଆପଣ ଗାଢ଼ କିମ୍ବା ପତଳା ପେଷ୍ଟ ବନାଇବାକୁ ଚାହୁଁଥାନ୍ତି, ତେବେ ସେହି ହିସାବରେ ଅଲିଭ ଅଏଲ ଅଧିକ କିମ୍ବା କମ୍ ବ୍ୟବହାର କରିପାରିବେ ।

***ଦ୍ୱିତୀୟ ସୋପାନ:***

ଲେମ୍ବୁରସ ଏବଂ ଅଲିଭ ଅଏଲର ପେଷ୍ଟରେ ମହୁକୁ ମିଶାଇ ଦିଅନ୍ତୁ ।

***ତୃତୀୟ ସୋପାନ:***

ପୁନର୍ବାର ସେହି ମିଶ୍ରଣରେ ଚିନି ମିଶାଇ ଦିଅନ୍ତୁ । ଏବେ ଆପଣଙ୍କର ଘରୋଇ ଉପାୟରେ ସ୍କ୍ରବ୍ ପ୍ରସ୍ତୁତ ହୋଇଗଲା ।

***ବ୍ୟବହାର:***

ଏହି ସ୍କ୍ରବକୁ ଲଗାଇବା ପାଇଁ ପ୍ରଥମେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ । ଏବେ ମୁହଁରେ ସ୍କ୍ରବକୁ ଲଗାଇ ସର୍କୁଲାର ମୋଶନରେ ୨-୩ମିନିଟ୍ ପର୍ଯ୍ୟନ୍ତ ମସାଜ କରନ୍ତୁ । ଏହାପରେ ମୁହଁକୁ ୫- ୭ମିନିଟ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ । ଏବେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଭଲଭାବେ ପୋଛିଦିଅନ୍ତୁ । ଯଦି ତ୍ୱଚା ଡ୍ରାଏ ଲାଗୁଥାଏ, ତେବେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶାନ୍ତି କଣ ସମ୍ଭବ ?...

ଆଫଗାନିସ୍ତାନର ଏବେ ଏକ ଅସ୍ଥାୟୀ କାମଚଳା ସରକାର ଗଠିତ ହୋଇଛି। ଆମେରିକାର ଟ୍ରେଡ୍ ଟାୱାର ଉପରେ ହୋଇଥିବା ୯/୧୧ ଆକ୍ରମଣର କୋଡ଼ିଏତମ ବର୍ଷ ପୂର୍ତ୍ତି ଅବସରରେ ତାଲିବାନ ଗୋଷ୍ଠୀ ଏହି ସରକାର ଗଠନ କରିଛନ୍ତି। ଅର୍ଥାତ, କୋଡ଼ିଏ ବର୍ଷ ପରେ ପୁଣି ଥରେ ସେହି ଗୋଷ୍ଠୀ କାବୁଲରେ କ୍ଷମତାକୁ ଆସିଛନ୍ତି, ଯାହାଙ୍କୁ ଆମେରିକା ସେନା ପଠାଇ କ୍ଷମତାଚ୍ୟୁତ୍ କରିଥିଲା। ଏବେ ସେଠାରୁ ଆମେରିକା ନେତୃତ୍ୱାଧୀନ ନାଟେ ସେନାଙ୍କ ପ୍ରତ୍ୟାବର୍ତ୍ତନ ପରେ ତାଲିବାନ ଗୋଷ୍ଠୀ କେବଳ କ୍ଷମତାକୁ ଫେରିନାହାଁନ୍ତି, ସେମାନେ ଦେଶରେ ସେହି ଶାସନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି ଯାହା କୋଡ଼ିଏ ବର୍ଷ ପୂର୍ବରୁ ସେଠାରେ ପ୍ରଚଳିତ ଥିଲା। ଗୋଟିଏ ଦୃଷ୍ଟିରୁ ଭାବି ଦେଖିଲେ, ଆଫଗାନିସ୍ତାନ ଏବେ ରାଜନୈତିକ ଦୃଷ୍ଟିକୋଣରୁ କୋଡ଼ିଏ ବର୍ଷ ପୂର୍ବକୁ ଫେରିଯାଇଛି। ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ବିବେଚନା କଲେ ତା'ଠାରୁ ଆହୁରି ପଛକୁ। ତଥାପି ସେଠାରେ କୌଣସି ପ୍ରକାର ଶାନ୍ତି ଅବା ସ୍ଥିରତା ପ୍ରତିଷ୍ଠା ହୋଇପାରିନାହିଁ। ସେ ଦିଗରେ କାହାର ଚିନ୍ତା ଥିବାପରି ପ୍ରତୀୟମାନ ହୁଏନାହିଁ। ଦେଶର ନିୟନ୍ତ୍ରଣକୁ ନିଜ ଅକ୍ତିଆରକୁ ନେବାରେ ତାଲିବାନ ଉଗ୍ରବାଦୀ ଗୋଷ୍ଠୀ ଯେତିକି ବ୍ୟଗ୍ର ଥିଲେ ସେଥିରେ ସେମାନଙ୍କୁ ପରୋକ୍ଷ ଅବା ପ୍ରତ୍ୟକ୍ଷ ଭାବେ ସମସ୍ତ ସହଯୋଗ କରିଛନ୍ତି। ପ୍ରଥମତଃ, କୋଡ଼ିଏ ବର୍ଷ କାଳ ସେଠାରେ ଯୁଦ୍ଧ କରି କରି ଆମେରିକା ଏତେ ମାତ୍ରାରେ କ୍ଳାନ୍ତ ଓ ହତୋତ୍ସାହିତ ହୋଇପଡ଼ିଥିଲା ଯେ, ସେହି ତାଲିବାନ ଗୋଷ୍ଠୀଙ୍କ ସହିତ ଗୋପନରେ ଶାନ୍ତି ଆଲୋଚନା କରି ସେଠାରୁ ପ୍ରତ୍ୟାବର୍ତ୍ତନ କଲା। ତାଲିବାନ ଗୋଷ୍ଠୀ ପାଇଁ ସଦାବେଳେ ସହଯୋଗ ଓ ସମର୍ଥନର ହାତ ବଢ଼ାଇ ଆସିଥିବା ପାକିସ୍ତାନ ଏଥର ମଧ୍ୟ ଏଭଳି ଶାନ୍ତି ଆଲୋଚନାଠାରୁ ନେଇ କାବୁଲରେ ତାଲିବାନ ସରକାର ଗଠନ ହେବା ପର୍ଯ୍ୟନ୍ତ ସକଳ ପ୍ରକାର କାର୍ଯ୍ୟରେ ସହାୟତା କରିଆସିଛି। ଏପରିକି ସେଠାରେ ସରକାର ଗଠନ ନିମନ୍ତେ ପାକିସ୍ତାନର ଗୁପ୍ତଚର ସଂସ୍ଥା (ଆଇଏସଆଇ)ର ମୁଖ୍ୟ ଫୈଜ ହମୀଦ ଯାଇ କାବୁଲଠାରେ ଆସ୍ଥାନ ଜମାଇ ବସିବା ଓ ବିଭିନ୍ନ ଗୋଷ୍ଠୀ ଓ ନେତାଙ୍କ ମଧ୍ୟରେ ସହମତ ସୃଷ୍ଟି କରିବାରେ ମୁଖ୍ୟ ବିନ୍ଧାଣି ସାଜିଥିଲେ। ଅସ୍ଥାୟୀ ତାଲିବାନ ସରକାରରେ ସାମିଲ ହୋଇଥିବା ଖୋଦ୍ ପ୍ରଧାନମନ୍ତ୍ରୀଙ୍କଠାରୁ ନେଇ ଅନ୍ୟ ବହୁ ମନ୍ତ୍ରୀ ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦୀ ଭାବେ ଘୋଷିତ ହୋଇସାରିଛନ୍ତି। ତେଣୁ ପାକିସ୍ତାନ ଏହି ସରକାରକୁ ବୈଶ୍ୱିକ ସ୍ୱୀକୃତି ପ୍ରଦାନ ନିମନ୍ତେ ଆପ୍ରାଣ ପ୍ରଚେଷ୍ଟା ଚଳାଇଛି। ଏହା ପଛରେ ଥିବା କାରଣଟି ହେଲା ତାଲିବାନକୁ ଅସ୍ତ୍ର ରୂପେ ବ୍ୟବହାର କରି ପାକିସ୍ତାନ ବିଶ୍ୱ ସମୁଦାୟଙ୍କଠାରୁ ଆର୍ଥିକ ସମର୍ଥନ ପାଇବାର ଲକ୍ଷ୍ୟ। ପୁଣି ସେହି ତାଲିବାନକୁ ଅସ୍ତ୍ର କରି ବିଶ୍ୱରେ ଆତଙ୍କବାଦର ପ୍ରସାର କରିବାର ଉଦ୍ଦେଶ୍ୟ। ଆଫଗାନିସ୍ତାନରେ ତାଲିବାନ ସରକାର ଗଠିତ ହେବାରେ କେବଳ ପାକିସ୍ତାନ ସରକାର, ସେନା ଅଥବା ଆଇଏସଆଇ ଖୁସି ନୁହେଁ, ଅଧିକାଂଶ ପାକିସ୍ତାନ ନାଗରିକ ମଧ୍ୟ ଏଥିରେ ଆନନ୍ଦ। ପାକିସ୍ତାନରେ ଥିବା ସବୁ ଆତଙ୍କବାଦୀ ଗୋଷ୍ଠୀ ଏବେ ଅବାଧରେ ଆଫଗାନିସ୍ତାନରେ ମଧ୍ୟ ବିଚରଣ କରିପାରିବେ ଓ ସେଠାରୁ ସେମାନଙ୍କର ଅନ୍ତଃରାଷ୍ଟ୍ରୀୟ ଅଭିଯାନକୁ ସାକାର କରିପାରିବେ। ବିସ୍ମୟର କଥା, ଯେଉଁ ଅଲ-କାଏଦା ମୁଖ୍ୟ ଆୟାମନ୍ ଅଲ୍ ଜୱାହରୀକୁ ଆମେରିକା ସମେତ ସମଗ୍ର ବିଶ୍ୱ ମୃତ ବୋଲି ଭାବୁଥିଲା, ତାଲିବାନ ସରକାର ଗଠିତ ହେବାପରେ ତା'ର ଭଡିଓ ଏବେ ଜାରି କରାଯାଇଛି ଓ ସେ ମୃତ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ଆଫଗାନିସ୍ତାନ ଏବେ ବିଶ୍ୱ କୂଟନୀତି ଓ ସାମରିକ ପ୍ରତିଦ୍ୱନ୍ଦ୍ୱିତାର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ଏହାକୁ ନେଇ ଆମେରିକା, ରୁଷିଆ, ଚୀନ୍, ପାକିସ୍ତାନ, ତୁର୍କୀ, କେନ୍ଦ୍ର ଏସୀୟ ରାଷ୍ଟ୍ର, ୟୁରୋପୀୟ ସଂଘ ନିଜ ନିଜର ରଣନୀତି ବଦଳାଉଛନ୍ତି। ଭାରତ ମଧ୍ୟ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛି। ଆଫଗାନିସ୍ତାନକୁ ନେଇ ଜାତିସଂଘ ଯେଉଁ ଆଶଙ୍କା ପ୍ରକାଶ କରିଛି ସେଥିପ୍ରତି କାହାର ଭ୍ରୂକ୍ଷେପ ଥିବା ପରି ମନେହୁଏନାହିଁ। ବାସ୍ତବତା ହେଉଛି, ତାଲିବାନ ସରକାରକୁ ସ୍ୱୀକାର କରିବା ଛଡ଼ା ଏବେ ଗତ୍ୟନ୍ତର ନାହିଁ। ଇତିପୂର୍ବରୁ ଆଫ୍ରିକା ହେଉ ଅବା ମଧ୍ୟପ୍ରାଚ୍ୟ କିମ୍ବା ଲାଟିନ୍ ଆମେରିକୀୟ କ୍ଷେତ୍ର, ସେଠାରେ ଢ଼େର୍ କ୍ଷମତା କନ୍ଦଳ ଲାଗି ସାରିଛି। ଏକବିଂଶ ଶତାବ୍ଦୀ ଏସିଆର ଶତାବ୍ଦୀ ହେବାକ ଯାଉଥିବାବେଳେ ସତେ ଯେପରି ଆତଙ୍କବାଦ ଓ ରାଜନୈତିକ ଅଶାନ୍ତି ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ, ତାହା ବୁଝାପଡୁଛି। ଏହାକୁ ରୋକିବା ସକାଶେ ଯେଉଁ ସମୂହ ପ୍ରଚେଷ୍ଟା ଦରକାର ସେଥିରେ ବିଳମ୍ବ କରିବା ଅନୁଚିତ୍।

## ବିଦଗ୍ଧ ଚିନ୍ତାମଣିରେ ରାଧା ତତ୍ତ୍ୱ



ଅମୂଲ୍ୟ କୁମାର ପଣ୍ଡା

ପ୍ରତିବର୍ଷ ଭାଦ୍ରମାସ ଶୁକ୍ଲପକ୍ଷ ଅଷ୍ଟମୀ ତିଥିରେ ରାଧାଷ୍ଟମୀ ବ୍ରତ ପାଳନ କରାଯାଏ । ରାଧା ହେଉଛନ୍ତି କୃଷ୍ଣଙ୍କର ଅତିପ୍ରିୟ ପ୍ରିୟା। କୁହଯାଏ ଯେ ରାଧା କୃଷ୍ଣ ଅଭିନ୍ନ ନୁହଁନ୍ତି। ପୃଥିବୀରେ ସାତ୍ୱିକ ପ୍ରେମର ପରିଭାଷା ଜଣାଇବା ପାଇଁ କୃଷ୍ଣ ରାଧାଙ୍କୁ ନିଜ ଅଙ୍ଗରୁ ସୃଷ୍ଟି କରି ଲୀଳା କରିଥିଲେ। ପୁରାଣ ଅନୁସାରେ ରାଧା ବ୍ରଜରେ ଚନ୍ଦ୍ରସେଣା ନାମକ ଜଣେ ଗୋପାଳଙ୍କୁ ବିବାହ କରିଥିଲେ। ଶାଶୁ ନଣନ୍ଦ ଓ ସମାଜର ନିନ୍ଦା ଅପବାଦ କାହାରିକୁ ଭ୍ରୂକ୍ଷେପ ନକରି ରାଧା ଥିଲେ କୃଷ୍ଣପ୍ରେମରେ ବାତୁଳୀ ଓ ଶ୍ରୀକୃଷ୍ଣଙ୍କ ଚରଣରେ ନିଜର ସର୍ବସ୍ୱ ସମର୍ପଣ କରିଥିଲେ ରାଇ ବିନୋଦିନୀ । ବୃନ୍ଦାବନର ମହାରାସରେ ସେ ଥିଲେ ମୁଖ୍ୟ ନାୟିକା ଓ ଶ୍ରୀକୃଷ୍ଣଙ୍କ ମଥୁରା ଓ ଦ୍ୱାରକା ଗମନ ପରେ ବିରହ ବ୍ୟଥାରେ ଶ୍ରୀରାଧାଙ୍କ ବେଦନା ଥିଲା ହୃଦୟ ବିଦାରକ । କବି ଜୟଦେବ ନିଜର ସୁଲଳିତ "ଗୀତ ଗୋବିନ୍ଦ" କାବ୍ୟରେ ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମଲୀଳାର ଅପୂର୍ବ ବର୍ଣ୍ଣନା କରିଥିବା ବେଳେ ଅଭିମନ୍ୟୁ ସାମନ୍ତସିଂହାର ସ୍ୱରଚିତ "ବିଦଗ୍ଧ ଚିନ୍ତାମଣି"ରେ ଏହି ଅପ୍ରାକୃତ ପ୍ରେମଲୀଳାରେ ଉଚ୍ଚକୋଟୀର ବର୍ଣ୍ଣନା କରିଛନ୍ତି । ବ୍ରହ୍ମବୈବର୍ତ୍ତ ପୁରାଣ ମତେ ନିତ୍ୟଶ୍ରୀରାଧା ଅଯୋନି ସମ୍ଭୂତ ଓ ଗୋକୁଳ ନିବାସୀ ରାଜା ବୃଷଭାନୁଙ୍କ ପତ୍ନୀ କୀର୍ତ୍ତିଦା ଙ୍କ କନ୍ୟା। ଥରେ କୀର୍ତ୍ତିଦା ପୁଷ୍କରଣୀକୁ ସ୍ନାନ କରିବାକୁ ଯିବା ସମୟରେ ଏକ ପ୍ରସ୍ଫୁଟିତ କଇଁ ଫୁଲ ଉପରେ ଶିଶୁକନ୍ୟାଟିଏ ଶୋଇଥିବା ଦେଖି ତାକୁ ଘରକୁ ନେଇ ଆସିଥିଲେ । କୁହାଯାଏ ଜନ୍ମଠାରୁ ତିନିଦିନ ପର୍ଯ୍ୟନ୍ତ ରାଧାଙ୍କ ଚକ୍ଷୁ ମୁଦ୍ରିତ ଥିଲା ଓ ଯଶୋଦାଙ୍କ କୋଳରେ ବାଳକ କୃଷ୍ଣଙ୍କୁ ଦେଖିବା ପରେ ତାଙ୍କର ଆଖି ଖୋଲିଯାଇଥିଲା । ଶ୍ରୀକୃଷ୍ଣଙ୍କର ଦକ୍ଷିଣ ଅଂଶରୁ ଶ୍ରୀରାଧାଙ୍କର ଉତ୍ପତ୍ତି ଓ ଶ୍ରୀକୃଷ୍ଣଙ୍କର ଜନ୍ମତିଥିକୁ 'ଜନ୍ମାଷ୍ଟମୀ' ନାମରେ ପାଳନ କରାଯାଏ ଓ ବୈଷ୍ଣବମାନେ ଶ୍ରୀରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି।

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ରାଧାଷ୍ଟମୀ ପର୍ବ ପାଳିତ ହୋଇଥାଏ । ଏହି ଦିନ ସକାଳ ଧୂପ ବଢ଼ିଲା ପରେ ଲକ୍ଷ୍ମୀ ଠାକୁରାଣୀ ଅର୍ଥାତ୍ ଶ୍ରୀଦେବୀ ଶ୍ରୀଅଙ୍ଗରୁ ଆଜ୍ଞା ମାଳ ପାଇ ଶ୍ରୀମନ୍ଦିର ସାତ ପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡିଥିବା ଖଟ ଉପରେ ଅଧିଷ୍ଠିତ ହୋଇଥାନ୍ତି । ଏଠାରେ ଶ୍ରୀଦେବୀଙ୍କର ମାଜଣା ଓ ଶୀତଳ ଭୋଗ ହୋଇ ବନ୍ଦାପନା ହୋଇଥାଏ । ତତ୍ପରେ ରତ୍ନସିଂହାସନ ଠାରେ ମଧ୍ୟାହ୍ନ ଧୂପରେ ଶ୍ରୀଦେବୀ ସିଂହାସନରେ ବିଜେ ହୁଅନ୍ତି ଓ ମଧ୍ୟାହ୍ନ ଧୂପ ଭୋଗ ବଢିଥାଏ । ମହାଜନ ସେବକମାନେ ଭୂଦେବୀ ଓ ଶ୍ରୀଦେବୀଙ୍କୁ ହସ୍ତରେ ବିଜେ କରାଇ ଖଟ ଶେଜ ଘରେ ବିଜେ କରନ୍ତି । ପୂଜାପଣ୍ଡା ସେବକ ଶ୍ରୀଅଙ୍ଗରୁ ଖଣ୍ଡିଏ ଆଜ୍ଞାମାଳ ଶ୍ରୀସୁଦର୍ଶନ ଦେବଙ୍କୁ ପ୍ରଦାନ କରିବା ପରେ ଦଇତାପତି ସେବକମାନେ ଶ୍ରୀସୁଦର୍ଶନଦେବଙ୍କୁ ବିଜେ କରାଇ ଜଗମୋହନରେ ଥିବା ଚଉଦୋଳରେ ଅଧିଷ୍ଠିତ କରିବା ସହିତ ରୁନ୍ଧା, ପାଟ ପତନୀ ଲାଗି ହୋଇଥାନ୍ତି । ଏହାପରେ ବିମାନବଡୁମାନେ ଶ୍ରୀସୁଦର୍ଶନଙ୍କୁ ବିଜେ କରାଇ ଝୁଲଣ ମଣ୍ଡପ ତଳେ ରଖିଥାନ୍ତି । ସେଠାରେ ସୁନା ହରିଡ଼ାମାଳି, କମରପଟି ଓ ଚୂଳ ଲାଗି ହୋଇ ବଡ଼ଦେଉଳ ବେଢାଏ ପରିକ୍ରମା କରି ସିଂହଦ୍ୱାର ବାଟେ ଶ୍ରୀ ଯମେଶ୍ୱର ମନ୍ଦିରରେ ବିଜେ କରିଥାନ୍ତି । ସେଠାରେ ପ୍ରସାଦ ଲାଗି, ଶୀତଳ ଭୋଗ ଓ ବନ୍ଦାପନା ନୀତି ହୋଇଥାଏ । । ଏହାପରେ ଶ୍ରୀସୁଦର୍ଶନ ବାହୁଡା ବିଜେ କରିଥାନ୍ତି । ଏହାପରେ ଚାରି ବାଡ଼ରେ ମହାସ୍ନାନ ନୀତି ବଢିଥାଏ ଓ ପାଳିଆ ପୁଷ୍ପାଳକ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଆଣି ଖଟ ଶେଜ ଘରୁ ନେଇ ସନ୍ଧ୍ୟା ଆଳତି ବେଶ ଓ ଆଳତି ବଢ଼ାଇଥାନ୍ତି । ସନ୍ଧ୍ୟା ଧୂପରେ ଶ୍ରୀ ସୁଦର୍ଶନଙ୍କୁ ପ୍ରସାଦ ଲାଗି ହୋଇଥାଏ । ଏହାପରେ ବନ୍ଦାପନା ହୋଇଥାଏ। ଶ୍ରୀମନ୍ଦିରରେ ରାଧାଷ୍ଟମୀ ତିଥିରେ ଏହିପରି ବିଧି ଓ ପରମ୍ପରା ଅନୁଯାୟୀ ନୀତିମାନ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ଏକଦା ସୂର୍ଯ୍ୟଦେବ ବ୍ରହ୍ମାଣ୍ଡ ପରିଭ୍ରମଣ କରୁକରୁ ନାନା ପ୍ରକାରର ଐଶ୍ୱର୍ଯ୍ୟ ଦେଖି ତପସ୍ୟା କରିବାକୁ ମନ ବଳାଇଲେ। ତେଣୁ ସେ ମନ୍ଦର ପର୍ବତ ଗୁହାରେ କଠିନ ତପସ୍ୟାରତ ହେଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଚୀନ୍‌ର ସାମୁଦ୍ରିକ ରଣ କୌଶଳ



ଡକ୍ଟର ଲକ୍ଷ୍ମଣ ସାହୁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏହି ବିବାଦର ମୁଖ୍ୟ କାରଣ ହେଉଛି ଉସ୍ରି ନଦୀର ଦ୍ୱିପ, ଯାହାକୁ ଚୀନ୍ ନିଜର ବୋଲି ଦାବି କରିଛି । ବର୍ତ୍ତମାନ ସେ ଭିଏତନାମର ସମୁଦ୍ର ଅଞ୍ଚଳରେ ଅନୁପ୍ରବେଶ କରୁଛି । ଉଲ୍ଲେଖଯୋଗ୍ୟ, ଚୀନ୍ ଏବଂ ଭିଏତନାମ ମଧ୍ୟରେ ମଧ୍ୟ ବିବାଦ ଲାଗି ରହିଛି। ଦକ୍ଷିଣ ଚୀନ୍ ସାଗରରେ ଚୀନ୍ ଅନେକ ଦେଶକୁ ଅସୁବିଧାରେ ପକାଇଛି । ଦକ୍ଷିଣ ଚୀନ୍ ସାଗରରେ ଭିଏତନାମ, ମାଲେସିଆ, ଇଣ୍ଡୋନେସିଆ, ଫିଲିପାଇନ୍ସର ସାମୁଦ୍ରିକ କ୍ଷେତ୍ର ଦାବି କରିଆସୁଛନ୍ତି ଏବଂ ଏହାକୁ ନିଜ ଅଞ୍ଚଳ ବୋଲି ଦାବି କରୁଛନ୍ତି । ସେମାନେ ଦୀର୍ଘ ଦିନ ଧରି ଏପରି ଦାବି ମଧ୍ୟ କରି ଆସିବା ସହିତ ସେମାନଙ୍କ ସପକ୍ଷରେ ଇତିହାସର ପୃଷ୍ଠଭୂମିକୁ ଦର୍ଶାଇଥିଲେ । ଅନ୍ୟ ପକ୍ଷରେ ମିଙ୍ଗ ଶାସକମାନଙ୍କ ସମୟରେ କରାଯାଇଥିବା ସାମୁଦ୍ରିକ ସାମରିକ ଅଭିଯାନ ଉପରେ ଆଧାର କରି ଚୀନ୍ ଅନେକ ସାମୁଦ୍ରିକ ଅଞ୍ଚଳ ଦାବି କରିଆସୁଛି । କରୋନା ଅବଧି ସମୟରେ ମଧ ଚୀନ୍ ଏହି କାର୍ଯ୍ୟରେ ପଛରେ ପଡିନାହିଁ ।

ଯେତେବେଳେ ବିଶ୍ୱ କରୋନା ସହିତ ଲଢ଼େଇ କରିବାରେ ନିୟୋଜିତ ଥିଲା, ସେତେବେଳେ ଚାଇନାର ଜାହାଜ ଭିଏତନାମର ସମୁଦ୍ର ଅଞ୍ଚଳରେ ଅନୁପ୍ରବେଶ କରୁଥିଲା । ଚୀନ୍ ଭିଏତନାମ ମାଛଧରାଳିଙ୍କ ଡଙ୍ଗା ଭାଙ୍ଗି ଦେଇଥିଲା । ଦକ୍ଷିଣ ଚୀନ୍ ସାଗରରେ ମାଲେସିଆର ତୈଳ ଖଣି ଜାହାଜ ସହିତ ଏହା ଧକ୍କା ହୋଇଥିଲା । ଇଣ୍ଡୋନେସିଆ ଏହା ମଧ ଅଭିଯୋଗ କରିଛି ଯେ ଚୀନ୍ ଏହାର ସ୍ୱତନ୍ତ୍ର ସାମୁଦ୍ରିକ ଅର୍ଥନୈତିକ ଅଞ୍ଚଳରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଛି । ସାମୁଦ୍ରିକ ପରିବହନ କ୍ଷେତ୍ରରେ ଚାଇନାର ପ୍ରାଧାନ୍ୟକୁ ଦୃଢ଼ କରିବା ପାଇଁ ରଣନୀତି ପଛରେ ଥିବା ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି । ସେଭଳି ସଡ଼କ ଓ ରେଳ ପରିବହନ ପଥରେ ଚୀନ୍ ଭୌଗୋଳିକ ରାଜନୈତିକ ବିପଦକୁ ବଢାଇ ଦେଇଛି। ଉଦାହରଣ ସ୍ୱରୂପ, ବେଲ୍ଟ ଏବଂ ରୋଡ୍ ଇନିସିଏଟିଭ୍ ଏହାର ମଧ ଏସିଆରେ ବିସ୍ତାର ପାଇଁ ବଡ଼ ବିପଦ ସୃଷ୍ଟି କରେ । ଆଫଗାନିସ୍ତାନ ଏବଂ ପାକିସ୍ଥାନରେ ଆତଙ୍କବାଦ ଚାଇନାର ଅର୍ଥନୈତିକ ବିସ୍ତାର ପାଇଁ ସବୁଠାରୁ ବଡ ଆହ୍ୱାନ ଭାବରେ ଉଭା ହୋଇଛି ।

ଉଲ୍ଲେଖଥାଉ କି, ଚୀନ୍ ଦକ୍ଷିଣ ଚୀନ୍ ସାଗରରେ ଏକ ସୁଚିନ୍ତିତ ରଣନୀତି ସହିତ ଆରବ ସାଗର ପର୍ଯ୍ୟନ୍ତ ଥିବା ଅଞ୍ଚଳ ଉପରେ ପ୍ରାଧାନ୍ୟ ବିସ୍ତାର କରୁଛି। କାରଣ ବିଶ୍ୱ ବାଣିଜ୍ୟର ଏକ ବଡ଼ ଅଂଶ ଏହି ସମୁଦ୍ର ମାର୍ଗ ଦେଇ ଯାଇଥାଏ । ତେଣୁ ଚୀନ୍ ସାମୁଦ୍ରିକ ପରିବହନ ଉପରେ ନିଜର ପ୍ରାଧାନ୍ୟ ବଢାଇବା ପାଇଁ ଖୋଲାଖୋଲି ଭାବରେ ନିଜର ସେନା ବ୍ୟବହାର କରୁଛି, ଏଥିରେ ଦ୍ୱିମତ ହେବାର ସଂଦେହ ନାହିଁ। ପିପୁଲ୍ସ ଲିବରେସନ୍ ଆର୍ମି ସମୁଦ୍ରରେ ନିଜର ଶକ୍ତି ବୃଦ୍ଧି କରିଛି । ବର୍ତ୍ତମାନ ଚୀନ୍‌ର ଏକ ବୃହତ ନୌସେନା ଅଛି ଯାହା ଦକ୍ଷିଣ ଚୀନ୍ ସାଗରରୁ ଆରବ ସାଗର ପର୍ଯ୍ୟନ୍ତ ନିଜର ଶକ୍ତି ପ୍ରଦର୍ଶନ କରିପାରିବ । ଚୀନ୍ ନୌସେନାରେ ପ୍ରାୟ ତିନି ଶହ ପଚାଶ ସମୁଦ୍ର ଜାହାଜ ଏବଂ ବୁଡ଼ାଜାହାଜ ଅଛି। ଯେତେବେଳେ ଆମେରିକାର ନୌସେନାରେ ପ୍ରାୟ ଦୁଇ ଶହ ନବେ ଜାହାଜ ଅଛି । ଏହା ବ୍ୟତୀତ ଚୀନ୍ ସାମୁଦ୍ରିକ କ୍ଷେତ୍ରରେ ନିଜର ଶକ୍ତି ବୃଦ୍ଧି ପାଇଁ କ୍ଷେପଣାସ୍ତ୍ର ଅଗ୍ନି ଶକ୍ତିକୁ ମଧ ମଜବୁତ କରି ରଖିଛି । ଚାଇନାରେ ବର୍ତ୍ତମାନ ଏକ ହଜାର ଦୁଇଶହ ପଚାଶ ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ଅଛି। ରୁଷ ସହିତ ସହଯୋଗ କରି ସମୁଦ୍ରରେ ନିଜର ଶକ୍ତି ବୃଦ୍ଧି କରିବାକୁ ଚୀନ୍ ରଣନୀତି ଆପଣେଇଛି । ରୁଷର ଏସ୍-୪୦୦ ଏବଂ ଏସ୍-୩୦୦ କ୍ଷେପଣାସ୍ତ୍ର ପ୍ରଣାଳୀ ମଧ ଦକ୍ଷିଣ ଚୀନ୍ ସାଗରରେ ଚୀନ୍‌କୁ ମଜବୁତ କରିବ ।

ବାସ୍ତବରେ ଚୀନ୍ ମିଆଁମାର, ଥାଇଲ୍ୟାଣ୍ଡ, ସିଙ୍ଗାପୁର, ଇଣ୍ଡୋନେସିଆ, ପାକିସ୍ଥାନ, ଶ୍ରୀଲଙ୍କା, ସଂଯୁକ୍ତ ଆରବ ଏମିରେଟ୍ସ, କେନିଆ, ସେଚେଲ୍ସ, ତାଞ୍ଜାନିଆ, ଅଙ୍ଗୋଲା ଏବଂ ତାଜିକିସ୍ତାନରେ ସାମରିକ ବେସ ବିସ୍ତାର କରିବାକୁ ଏକ ଯୋଜନା ଉପରେ କାର୍ଯ୍ୟ କରୁଛି । ଜିଆଟିରେ ଚୀନ୍‌ର ସାମରିକ ଅଂଶ ଅଛି । ଚୀନ୍ କମ୍ୟୁନିଷ୍ଟ ପାର୍ଟି କହିଛି ଯେ ବର୍ତ୍ତମାନ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ଭାବ୍ୟ ସହଯୋଗରୁ ଏହା ଅଧିକ ବିପଦର ସମ୍ମୁଖୀନ ହୋଇଛି । ଭାରତ ଏସିଆରେ ଚୀନ୍ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଉଲ୍ଲେଖଥାଉ କି, ଏସିଆ-ପ୍ରଶାନ୍ତ ମହାସାଗରରେ ଆମେରିକା ଏବଂ ଭାରତର ମିଳିତ ଉଦ୍ୟମ ଚୀନ୍ ପାଇଁ ଏକ ବଡ ଆହ୍ୱାନ । ଚୀନ୍ ରଣନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆମେରିକା ଏବଂ ଭାରତ ମିଳିତ ଭାବେ ସାମୁଦ୍ରିକ ପଥକୁ ଅବରୋଧ କରିପାରିବେ । ଜଣାଯାଏ ଏହି ଭୟ ହେତୁ ଚୀନ୍ ୨୦୦୮ ରେ (ଆଡେନ୍ ଗଲ୍ଫରେ) ନିଜର ସାମରିକ ଉପସ୍ଥିତି ପଞ୍ଜିକରଣ କରିଥିଲା । ୨୦୧୩ ରେ ସି ଜିନପିଙ୍ଗ କ୍ଷମତାକୁ ଆସିବା ପରେ ସାମୁଦ୍ରିକ ଅଞ୍ଚଳରେ ଚୀନ୍‌ର ଶକ୍ତି ବୃଦ୍ଧି କରିବାର ନିଷ୍ପତ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରାଇ ନେଇଥିଲେ। ସାମୁଦ୍ରିକ ମାର୍ଗ ଚୂଡାନ୍ତ ହୋଇଛି । ଚୀନ୍ ଅନେକ ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିଛି ଓ ସେଠାରେ ଥିବା ବନ୍ଦରଗୁଡିକର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଲାଗିଛି । ଏପରିକି ଚୀନ୍ ଶ୍ରୀଲଙ୍କା, ମିଆଁମାର, ପାକିସ୍ଥାନ ପରି ଦେଶରେ ବନ୍ଦରର ବିକାଶ କାର୍ଯ୍ୟ ନେଇଛି । ଚୀନ୍ ସେଠାରେ ବହୁ ଅର୍ଥ ବିନିଯୋଗ କରୁଛି। ଏହା ପଛରେ ଚୀନ୍‌ର ଅସଲ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି । ଭବିଷ୍ୟତରେ ଚୀନ୍ ଏହି ବନ୍ଦରଗୁଡିକରେ ନିଜର ସାମରିକ ଉପସ୍ଥିତିକୁ ଦାବି ଜାହିର କରାଇ ପାଇବ । ତେବେ ଏଥିପ୍ରତି ଭାରତ ସଜାଗ ରହିବା ନିହାତି ଅପରିହାର୍ଯ୍ୟ । ଚୀନ୍ ର ସାମୁଦ୍ରିକ ରଣ କୌଶଳ ଆଗାମୀ ସକାଳେ କେଉଁ ରୂପ ନେବ ତାହା ସମୟ ହିଁ କହିବ..!!!

(ସମାପ୍ତ)


+ ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ

ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦ ୧୫୧୪ ୭୫


## ମୋ ସ୍କୁଲ ଅଭିଯାନ

ସୁବ୍ରତ କର



ଓଡ଼ିଶା ସରକାରଙ୍କ 'ମୋ ସ୍କୁଲ ଅଭିଯାନ' ନିଶ୍ଚିତ ଭାବରେ ଏକ ଉତ୍ତମ ଯୋଜନା । ଏହି ଯୋଜନାଟିର ଶୁଭ ୧୪ ନଭେମ୍ବର ୨୦୧୭ ମସିହାରେ ଏବଂ ସେବେଠୁ ଏହା ଆଗକୁ ମାଡ଼ି ଚାଲିଛି । ସରକାରଙ୍କ ତରଫରୁ ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାର କଲେକ୍ଟର ମାନେ ମଧ ଅତି ଗୁରୁତ୍ୱ ଦେଉଛନ୍ତି । ଏହି କାର୍ଯ୍ୟକ୍ରମଟି ଜିଲ୍ଲା ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପରିଣତ ହୋଇଛି । କିଛିଦିନ ତଳେ ଗଞ୍ଜାମ ଜିଲ୍ଲାର କେତେ ଗୁଡ଼ାଏ ସ୍କୁଲକୁ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଗଲା ଏବଂ ଏହି ସ୍କୁଲଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଦେଖିଲେ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ, ପୁରୁଣା ଛାତ୍ର ଏବଂ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ସହିତ କଥାହେଲେ । ଏ ସବୁର ପରିକଳ୍ପନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଭାବରେ ଏବେ ଅଧିକାଂଶ ପିଲାମାନେ ଏବଂ ତାଙ୍କର ବାପା ମା' ମାନେ ଇଂରେଜି ମିଡିଏମ ସ୍କୁଲରେ ପାଠ ପଢ଼ାଇବା ପାଇଁ ଆଗଭର । ସରକାର ଦେଖିଲେ ଧିରେ ଧିରେ ଓଡ଼ିଆ ମାଧ୍ୟମ ସ୍କୁଲ ଗୁଡ଼ିକରେ ପିଲା ସଂଖ୍ୟା କମିବାକୁ ଲାଗିଲା ଏବଂ ସରକାର ଏହି ଓଡ଼ିଆ ସ୍କୁଲ ଗୁଡ଼ିକରେ ସୁବିଧା ସୁଯୋଗ ଯେ ଇଂରେଜି ମିଡିଏମ୍ ସ୍କୁଲ ତୁଳନାରେ ପଛରେ ଅଛି ଏବଂ ଠିକ୍ କଲେ କିଛି ସରକାରୀ ସ୍କୁଲକୁ ଇଂରେଜ ସ୍କୁଲ ସହିତ ସମାନ ସମାନ ସ୍ତରକୁ ଆଣିବା ପାଇଁ । ଆମେ କହିପାରୁ ଏହି ସ୍କୁଲ ଗୁଡ଼ିକୁ ହାଇଫାଇ କରିବା ପାଇଁ ଏବଂ ଏହା ଦ୍ୱାରା ସାଧାରଣ ଭାବରେ ପିଲାମାନେ ଏବଂ ତାଙ୍କର ଅଭିଭାବକମାନେ ନିଜର ପିଲାମାନଙ୍କ ଓଡ଼ିଆ ସ୍କୁଲରେ ପଢ଼େଇବା ପାଇଁ ପ୍ରଭାବିତ ହେବେ । ଏବେ ଆସିବା ଆମ ଜିଲ୍ଲାକୁ ଏବଂ ସବୁଠୁ ବଡ଼ କଥା ହେଲା 'ମୋ ସ୍କୁଲ ଅଭିଯାନ' ଯୋଜନା ଅତି ଫଳପ୍ରଦ ଭାବରେ କାମକରି ସବୁଠୁ ବେଶି ଟଙ୍କା ଏକାଠି କରିପାରିଛି । ଗୋଟାଏ ଗୋଟାଏ ସ୍କୁଲ କୋଟି କୋଟି ଟଙ୍କା ଏକାଠି କରିଛି । ଏହା ପ୍ରମାଣ କରୁଛି ଆମ ଜିଲ୍ଲାର ପିଲା ହେଉ ବା ଅଭିଭାବକ ହୁଅନ୍ତୁ ସରକାରଙ୍କ ଏହି ମୂଲ୍ୟବାନ ଯୋଜନାକୁ ଗ୍ରହଣ କରିଛି । ଏଥିରେ ଯେ କୌଣସି ସଂସ୍ଥା (ପୁରୁଣା ଛାତ୍ର ପରିଷଦ ହେଉ ବା ଏକକ ଭାବରେ ବା ଦଳଗତ, ଅନୁଷ୍ଠାନ) ନିଜ ଖୁସିରେ ସ୍କୁଲର ଉନ୍ନତି ପାଇଁ ଟଙ୍କା ଦେଇପାରିବେ ଯାହାକି ସ୍କୁଲର ଉନ୍ନତି କାମରେ ଲାଗିବ । ଆମ ବାଲେଶ୍ୱର ସହରରେ ୪ଟି ସ୍କୁଲକୁ ଏହି ଯୋଜନାରେ ନିଆ ହୋଇଛି । ଜିଲ୍ଲା ସ୍କୁଲ, ଟାଉନ ହାଇସ୍କୁଲ, ବାରବାଟି ଗର୍ଲସ୍ ହାଇସ୍କୁଲ ଏବଂ ପବ୍ଲିକ୍ ସ୍କୁଲ । ଏହି ସ୍କୁଲଗୁଡ଼ିକ ସରକାରଙ୍କ ତରଫରୁ ୪୫ ଲକ୍ଷ ଟଙ୍କା ମିଳିଛି ଏବଂ ଏହାଛଡ଼ା ଉପରୋକ୍ତ ଅନୁଷ୍ଠାନ ବହୁ ସ୍କୁଲରେ ଏହି ଟଙ୍କା ଖର୍ଚ୍ଚ ହୋଇ ସ୍କୁଲକୁ ଆଧୁନିକ କରଣ କରା ହେଉଛି । ହୁଏତ କିଛିଦିନ ପରେ ମୁଖ୍ୟମନ୍ତ୍ରୀ ଏହାକୁ ଭିଡିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପଣ କରିବେ । ତେବେ ଏହି କାର୍ଯ୍ୟଗୁଡ଼ିକ ସଫଳ ହେବା ପଛରେ ଜିଲ୍ଲା କଲେକ୍ଟରଙ୍କ ଅବଦାନ ଅନେକ କାରଣ ଏହି ସ୍କୁଲ ଗୁଡ଼ିକୁ ନିଜେ ବୁଲି କାମ ତଦାରଖ କରିଛନ୍ତି ଏବଂ ଏବେ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ଏବଂ ପାଠପଢ଼ା ମଧ ଆଗେଇବ । ଏହି ଯୋଜନାର ଆଉ ଗୋଟାଏ ଦିଗ ହେଉି ଯେକୌଣସି ସଂସ୍ଥା ହେଉ ଯଦି ସେ ସ୍କୁଲକୁ ୧୦୦ ଟଙ୍କା ହେବ ସରକାର ସେହି ଟଙ୍କାକୁ ୩୦୦ ଟଙ୍କା କରି ସ୍କୁଲକୁ ଦେବେ । ଆପଣ ଲକ୍ଷେ ଟଙ୍କା ଦେଲେ ଏହା ବାବଦକୁ ସରକାର ୩ ଲକ୍ଷ ଟଙ୍କା ଦେବେ ଏବଂ ଯେକୌଣସି ସ୍କୁଲକୁ ଯେକୌଣସି ଲୋକ ପୋଷ୍ୟ ମଧ ନେଇ ପାରିବେ । ଏବେ ଆପଣଙ୍କ ବିଚାର ଆପଣ କ'ଣ କରିବେ ।






### ସେପ୍ଟେମ୍ବର

ସୁଦର୍ଶନ ମହାପାତ୍ର

ତୁମକୁ ଦୋଷ ଦେଉନି
ଆକାଶ ବେଳେ ବେଳେ କାନ୍ଦେ ଏମିତି
ମୁଁ ଜାଣେ ସେପଟ୍ମ୍ବର !

ଛାତି ତଳର କାକୁସ୍ଥ କୋହ
ବିଳୟ ରଚାଏ
ଆଖି କୋଣରେ ସୃଷ୍ଟ ବନ୍ୟା
ବିପ୍ଳାତ ସୃଜେ କାହା ସ୍ୱପ୍ନରେ ।

ଦେଖ ସେପଟ୍ମ୍ବର
ହତାଶର ଦାବାନଳେ
ଏବେ ବି ଛଟପଟ କେତେ ଯେ ଜୀବନ
ତୁହାକୁ ତୁହା ମାଡି ଆସେ
ଭୂତାଣୁ ଲହର
ସମୟର ଇଚ୍ଛା ଅନିଚ୍ଛା ରେ ବନ୍ଧା
ବିଶ୍ୱ ଗୋଟାପଣ !

ତଥାପି....
ପାର୍ବଣ ରତର ବାସ୍ନାରେ
ଆକାଶ ଏବେ ବିଭୋର
ତା'ର ନୀଳ ଇଚ୍ଛାମାନଙ୍କୁ
ବିଛେଇ ଦେଲାଣି ଚାରିଆଡେ
କଇଁ ପୋଖରୀରେ
ଅବା ନଈର ଚହଲା ଢେଉରେ ।

ବିଘ୍ନରାଜ ବିଘ୍ନ ନାଶିବାକୁ
ଆବିର୍ଭୂତ ଏ ଧରାଧାମରେ
ଶୁଭ୍ର ମେଘର ଶୁଭେଚ୍ଛାରେ
ଉଚ୍ଚାଟିତ ଏବେ ସଚରାଚର
କାଶତଣ୍ଡୀର ଆଲଟ ଚାମର
ଖରା ବର୍ଷାର ଲୁଚକାଳି ଖେଳ
ହୃଦୟରେ ପୁଲକ ଜଗାଇ
ଦେବୀଙ୍କ ଆଗମନୀ ବାର୍ତ୍ତା ନେଇ
ପଦାର୍ପିତ ତୁମେ ସେପଟ୍ମ୍ବର !

ଗୋଟେପଟେ ଜୀବନ
ଆରପଟେ ଜୀବିକା
ସବୁକିଛି ବୋଧଗମ୍ୟ କରି
ନୂତନ ସୃଜନଟିଏ ସଂଯୋଜନା କର,
ଭାବ ଲାଳିତ୍ୟରେ..
ଛୁଇଁଯାଅ ପ୍ରତିଟି ଅନ୍ତର
ଆହେ ସେପଟ୍ମ୍ବର..!

+କୁଞ୍ଜବିହାରୀ ଲେନ, କଟକ

### ପାରୁନି ନିଜକୁ ବୁଝେଇ

ନିରାକାର ଚଇନି

ମନ ମୋର ତୋତେ ଝୁରେ ରାତି ଦିନ
ପାରୁନି ନିଜକୁ ବୁଝେଇ
କେଉଁ ଜନମର ରାଗକୁ ପ୍ରିୟା ଲୋ
ଦେଉ ଏଜନମେ ଶୁଝେଇ ?

ଏକା ଏକା ଯେବେ ଚାଲୁଥିଲି ବାଟ
କେତେ ଭଲଥିଲା ଜୀବନ
କାହିଁକି ମୋ' ସାଥେ ଭାବ ଲଗେଇ ତୁ
ଦେଖେଇଲୁ ମିଠା ସପନ ?

କଥା ଦେଇଥିଲୁ ସାତ ଜନମକୁ
ସାଥି ହୋଇ ଦୁହେଁ ରହିବା
ଆସୁ ଯେତେ ଝଡ଼ ବିପଦ ଆପଦ
ଛାତି ପାତି ଆମେ ସହିବା।

ଏକାଠି କାଟିଛେ କେତେ ଜହ୍ନ ରାତି
ବୁଲିଛେ ସାଗର ବେଳାରେ
ଭରିଥିଲି ମୁଁ ତୋ' ସିନ୍ଥିରେ ସିନ୍ଦୂର
ଆମ ଗାଁ ଜାଗର ମେଳାରେ।

ମଧୁଝରା ସେଇ ଦିନଗୁଡ଼ିକ ତୁ
ପାଶୋରିଲୁ ମନୁ କେମିତି
ତଥାପି କହୁଛି ସୁଖରେ ଥାଆ ତୁ
ଯେଉଁଠି ବି ଥାଆ ଯେମିତି।

+କଳିଗାଁ, ହାଟଡିହୀ,
କେନ୍ଦୁଝର-୮୩
ମୋ-୮୨୪୯୩୮୭୯୭୩

### ନିଃସହାୟ

ଝରଣା ବାରିକ

ଆଶ୍ରା ନେଉଥିଲ ଯେଉଁ ଗଛ ମୂଳେ
ସିଏ ହେଇଗଲା ଥୁଣ୍ଟା,
କୋମଳ ଥିଲା ଯେ ଫୁଲ ପରି ଦିନେ
ସିଏ ଲାଗିଲାଣି କଣ୍ଟା।

ଉଡି ଉଡି ଆସି ବସା ବାନ୍ଧୁ ଥିଲେ
ଯା କୋଳରେ ଦିନେ ପକ୍ଷୀ,
ଆଜି ପାଲଟିଛି ନିଃସହାୟ ନିଜେ
ତାକୁ କେ ପାରିବ ରଖି।

ଏବେ ସେ ଝୁରଇ ପୁରୁଣା ଦିନକୁ
ଫେରନ୍ତା କି ଆଉ ଥରେ,
ଆଖି ଖୋଲି ଟିକେ ଗେଲ କରିଦେଇ
ଯାଆନ୍ତା ପଛେ ସେ ଦୂରେ।

କେହି ନାହିଁ ତା'ର ଦୁଃଖ ବୁଝିବାକୁ
ଆଖିରେ ଆଖିଏ ଲୁହ,
ଏବେ ବି ପାହିନି ସୁନେଲି ସକାଳ
କିଏ ବା ବୁଝିବ କୁହ।

ମା' ପଣତ କାନି ଫୁଲ ପରି ଲାଗେ
ବାପା ବରଗଛ ଛାଇ,
ବୁଢ଼ା ବୁଢ଼ୀ ହେଲେ ତାଙ୍କୁ ଏକା ଛାଡ଼ି
ଦୂରେଇ ଯାଆନ୍ତି କାହିଁ।

+ସମଲ, ତାଳଚେର, ଅନୁଗୋଳ

### ଅଭିକାଂକ୍ଷା

ରାଧାମୋହନ ପାଣିଗ୍ରାହୀ

ଦିନ ଆସେ ପୁଣି ଦିନ ଯାଏ ଚାଲି
କିଛି ରହିଯାଏ ହୋଇ ସ୍ମୃତି
ସମୟ ସ୍ରୋତରେ କିଛି ଭାସିଯାଏ
ହରାଇ ନିଜର ମୂଳ ସ୍ଥିତି।

ସୁଖ ପରେ ଦୁଃଖ ଦୁଃଖ ପରେ ସୁଖ
ଏଇତ ଜୀବନ ପରିଭାଷା
ଜୀଇଁବାକୁ ହୁଏ ଏଇ ରଙ୍ଗମଞ୍ଚେ
ହୃଦୟେ ରଖିଣ ଦୃଢ଼ ଆଶା।

ତେଜି ଗର୍ବ,କ୍ରୋଧ,ଲୋଭ ଅହଙ୍କାର
ଅସତ୍ୟ ପଥ କରି ବର୍ଜନ
ପୁରି ଉଠୁ ଧରା ସଦାଚାର ମାର୍ଗେ
ସବୁ ଦୁଃଖ ହୋଇଣ ମୋଚନ।

ପାରି ହୋଇବାକୁ ଜୀବନ ଜଳଧି
ଅହିଂସାର ନାବ ଅଟେ ସାର
ଦୟା, କ୍ଷମା,ଶାନ୍ତି,ମୈତ୍ରୀ ପ୍ରେମ ଗୁଣେ
ଭରପୁର ହେଉ ଏ ସଂସାର।

ପାଇଣ ଦୁର୍ଲ୍ଲଭ ମାନବ ଜନମ
ବୃଥାରେ ନ ନିଅ ମୃତ୍ୟୁମନ
ପର ଉପକାରେ ନିଜ ଜୀବନକୁ
କର ବିନିଯୋଗ ପ୍ରତିଦିନ।

+ଗ୍ରାମ-ପଦ୍ମପୁର,ଜିଲ୍ଲା-ରାୟଗଡ଼
ମୋ-୭୨୦୫୧୨୬୯୫୧



### ପ୍ରେମ ନୈବେଦ୍ୟ

ଧ୍ରୁବ ଚରଣ ବେହେରା



କୋହଭରା ମୋର ହୃଦୟ ବେଦନା
କେବଳ ତୁମରି ପାଇଁ
ତୁମ ବିରହରେ ରାତି ମୋର ବିତେ
ସ୍ୱପ୍ନ କେବେ ସରେ ନାହିଁ ।

ବାତାୟାନ ଖୋଲି ନିଶି
କୋଳେ ଦେଖେ
ଅଳସୀ ଜହ୍ନର ଛାଇ
ମରୀଚିକା ସାଜି ଆଗେ ସାଥୀ ଧାଅଁ
ପ୍ରେମ ପୀୟୁଷ ଚଖାଇ ।

ନିରେଖି ଥାଏ ମୁଁ ତୁମ ଚଲାପଥ
ଅଜଣା ବାଟଇ ହୋଇ
ବାଟ ସରେ ନାହିଁ ରାତି ଯାଏ ପାହି
ପ୍ରିୟା ତୁମ ପ୍ରୀତି ପାଇଁ ।

ମନେ ମାଦକତା ପୁଣି ଆତ୍ମୀୟତା
ଦୁଇଟି ମନକୁ ନେଇ
ତୁମେ ମୋର ସାଥୀ ସ୍ମୃତିର ଝରଣା
ଭାବର ପ୍ରଗଳ୍ଭା ନଇ ।

ଚାନ୍ଦିନୀ ହୋଇକି ଆସିବ କି କୋଳେ
ଶୀତଳ ପରଶ ନେଇ
ମୁଁ ଯେ ସାଜିଥିବି ପ୍ରେମିକ କୁମୁଦ
ତୁମେ ସରସୀର କଇଁ ।

କାହାଣୀ ଆମର ଚିର ଓ ସବୁଜ
ସାକ୍ଷୀ ହୋଇ ରହିଯିବ
ତୁମ ପାଇଁ ମୋର ପ୍ରେମ ନୈଇବେଦ୍ୟ
ଜୀବନ୍ତ ସତ୍ୟ ହୋଇବ ।

+ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ଯାଅ ମୁକ୍ତ କଲି ମୋ ପୃଥିବୀର

### ପ୍ରଶାନ୍ତ କୁମାର ଦାଶ



ମୋ ଗ୍ୟାଲେରୀରୁ, କଏଦ୍ କରିଥିବା
ସ୍ୱପ୍ନିଳ ସମୟ ସବୁକୁ
ଗୋଟି ଗୋଟି ଡିଲିଟ୍ କରି ଦେଲା ପରେ
ଆଜିଠୁ ନୁହେଁ ଏବେଠୁ ଆମ ରାସ୍ତା ଅଲଗା,
ମୁଁ ମୋ ରାସ୍ତାରେ-ତମେ ତମ ରାସ୍ତାରେ ।।

ଆମେ ଦୁହେଁ ମିଶି ଭୋଗିଥିବା
ମେଘ-ମାଘ, ବୈଶାଖ- ବସନ୍ତ
ଇନ୍ଦ୍ରଧନୁ, ଫୁଲ-ପ୍ରଜାପତି
ଓ ଆମ ପ୍ରିୟ ଗୀତ
'ଲଗ୍ ଯା ଗଲେ କି ଫିର୍ ୟେ ହସିଁ
ରାତ୍ ହୋ ନା ହୋ
ସାୟଦ୍ ଇସ୍ ଜନମ୍ ମେଁ ମୁଲାକାତ୍
ହୋ ନା ହୋ'
ଏଇନେ ଦି' ଫାଳ,
ଫାଳେକ ତମର-ଫାଳେକ ମୋର ।।

ଛାତିର ପକେଟ୍‌ରେ ସାଇତିଥିବା
ମହଣ ମହଣ ମହୁଆ ମୁହୂର୍ତ୍ତ

ଆମେ ନିତିଦିନ ଯା' ଆସ କରୁଥିବା
ସେଇ ରାସ୍ତା ଦି' ପାଖେ
ଦି' ଭାଗ ହେଇ ଛିଟ୍‌କି ପଡିଛି
ଡାହାଣ ପାଖର ତମର-ବାମ ପାଖର ମୋର ।।

ଜହ୍ନରେ ବି ଦାଗଥାଏ ସେଇଦିନ ଜାଣିଲି,
ଯେବେ ମୋ ଛାତର ଜହ୍ନକୁ
ଆଉ କାହା ଛାତିରେ ଦେଖିଲି ।।

ମୁକ୍ତ, ତମେ ଏବେ ଗୋଟାପଣେ ମୁକ୍ତ
ମୋ ପ୍ରେମଠୁ-ପ୍ରାପ୍ତିଠୁ-ଖୋଜାଲୋଡା ଠାରୁ,
ଯାଅ ତୁମକୁ ମୁଁ ମୁକ୍ତ କଲି ମୋ ପୃଥିବୀରୁ ।।


+ ରେଗଡା,ଏମ୍.ରାମପୁର,କଳାହାଣ୍ଡି
(ମୋ)୭୭୩୫୪୧୯୫୭୩


## ତମେ ଗଲା ପରେ

### କବି ବିପ୍ଳବ



ଏଇ ମୋ ଆଖିର ଅମାନିଆଁ ଲୁହ
ସାଜିଛି ଭୋଦୁଆ ନଈ
ଫରଦେ ବତୁରା କାଗଜ ଆଜି ମୁଁ
ଜିଇ ବାର ଆଶା ନାହିଁ ।

ଲୁହ ପୋଛେ ଯିଏ ଲୁହ ଦିଏ ସିଏ
କରେ ପୁଣି କଳବଳ
ଧୋକା ଦେବା ଲୋକ କହୁଥାଏ ପୁଣି
ମୁଁ ତମକୁ ପାଏ ଭଲ ।

ଆଖିର ଲୁହକୁ ଓଠରେ ପିଉଚି
କାଲେ ଶୋଷି ନେବ ମାଟି
ମୋ ଛାତି କୋହରେ
ମୋ ଆଖି ଲୁହରେ
ମିଶିଛି ତମରି ସ୍ମୃତି ।

ଲୁହ ଟୋପାଟିଏ ମାଟିରେ ପଡିଲେ
ପାରିବିନି ଯମା ସହି
ସେଇ ମିଠା ସ୍ମୃତି ଏକା ମୋ ସମ୍ପତ୍ତି
କେମିତି ପାରିବି ରହି !


+ ମକୁନ୍ଦ ପୁର, ବାଙ୍କୀ


## ବୟସର କୃଷ୍ଣଚୂଡ଼ା

### ଅମରନାଥ ବାରିକ୍



ଅନାବିଳ ପ୍ରେମ ଅସରନ୍ତି ତୋର
ବୟସର କୃଷ୍ଣଚୂଡ଼ା
ମୋହିନୀ ଚାହାଣୀ କାମନା ବାସନା
ଝରେ ହସର ପାଖୁଡା ।

ପ୍ରୀତିର ଜୁଆର ମାଡ଼ି ଆସେ ଯେବେ
କହିଦେଲେ କଥା ପଦେ
ମଧୁର ମୂର୍ଚ୍ଛନା କରୁଥାଏ ଶବ୍ଦ
ରହି ପାଉଁଜି ତୋ ପାଦେ ।

ପ୍ରେମ ନଗରୀରେ ଫୁଲକଢ଼ି ସତେ
ପାଉଛି ପୂଜା ଅର୍ଚ୍ଚନା

ମନ ଉପବନେ ଖେଳାଇ ଲହରୀ
କୁସୁମ କୁଆଁରୀ କନ୍ୟା ।

ସଜଳ କଜଳ ନୟନରେ ଧାର
ଦିଶୁଥାଏ ଶୋଭାବନ
ପାହାନ୍ତି ରାତିରେ ଇସାରାକୁ ଦେଇ
ଦେଖାଏ ମିଠା ସପନ ।

ଝୁମିଯାଏ ମନ ଚୁମିଯାଏ ଦେହ
ତୋର ସେ ପଣତ କାନି
ଭଲପାଇବାର ସାନ୍ଦ୍ରତାକୁ ମାପି
ନେଉଛି ଚୋରା ଚାହାଣୀ ।

ଉଚ୍ଛୁଳା ଯୌବନ ଭରା ପୀରତିରେ
ନବୀନ ବୟସି ବାଳା
ରୂପ ବଗିଚାର ମାଧୁର୍ଯ୍ୟ ମହୁଲ
ହୋଇଛି ଦେହରେ ବୋଳା ।

ଏଇ ତ ବୟସର କୃଷ୍ଣଚୂଡ଼ା.......


+ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
(ମୋ)୯୫୪୦୩୦୮୦୯୫ (ନୂଆଦିଲ୍ଲୀ)


## କବି ଓ ଶବ୍ଦ

### ଶାନ୍ତନୁ କୁମାର ସର



କବି ଶବ୍ଦମାନଙ୍କୁ ଧରିବା ପାଇଁ
କେତେ ରଙ୍ଗର ଜାଲ ବସାଏ
ବୁଦା ଆଢୁଆଳରେ
କେତେ ସନ୍ତର୍ପଣରେ ପରମ ତୃପ୍ତିରେ
ଲୁଚିରହେ, ହେଇ ଆସିଗଲେ ବୋଲି
ଗୀତ ଗାଏ କେତେ ସରାଗରେ।

କିନ୍ତୁ,
ଚାଲାକ୍ ଶବ୍ଦମାନେ
ସବୁ ବନ୍ଧନ,ଆବାହନ ଉର୍ଦ୍ଧ୍ୱରେ
ମୁହଁରେ କଟାକ୍ଷ ଓ ତୀକ୍ଷ୍ଣ ପରିହାସ।
ବ୍ୟୋମଚାରୀ ଶବ୍ଦମାନେ
ଓହ୍ଲେଇ ଆସନ୍ତି ଅତିଥି ହୁଅନ୍ତି
ଚାହିଁ ରହିଥିବା କବିର

କବିପଣର ଚିତ୍ରିତ ଅଙ୍ଗନ
ଝଟକି ଉଠେ ଏ ଦିବ୍ୟ ସ୍ଥିତିରେ।

ବାସ୍,
ସେଇ ମୁହୂର୍ତ୍ତ ହିଁ ଯଥେଷ୍ଟ
ସେଇ ଆଲୋକିତ ଲଗ୍ନରେ, ନିମଗ୍ନ କବି
ଶବ୍ଦମାନଙ୍କୁ ଯାବୁଡି ଧରେ,
ତାଙ୍କ ସାହାରାରେ କହେ
ପ୍ରଲମ୍ବିତ ଶୂନ୍ୟତାର କଥା
ପ୍ରେମର ପଲ୍ଲବ ଓ ପ୍ରତାରଣା ଗାଥା ।

କିନ୍ତୁ,
ସବୁ କଥା କ'ଣ କହିପାରେ ?
ସମୁଦ୍ରରେ ଭାସିଯାଇଥିବା
ସଦ୍ୟ ବିବାହିତାର ଶଙ୍ଖା ଓ ସିନ୍ଦୂର କଥା,
ଦାଦନ ଖଟୁଥିବା ପୁଅକୁ ଚାହିଁଥିବା
ମା'ର ଅସରନ୍ତି ଅପେକ୍ଷାର ବ୍ୟଥା ?

ସତରେ ,
କବିପ୍ରାଣ କେତେ ଅସମର୍ଥ
କେତେ ଅସହାୟ !
କେତେ ଆବେଗରେ
କବି ନିରନ୍ତର ଶବ୍ଦଙ୍କୁ ଲୋଡେ
ଚିରନ୍ତନ ବ୍ୟର୍ଥତା ଓ ନିବିଡ ବ୍ୟଗ୍ରତା ହିଁ
କବିପଣ ଓ ସାର୍ଥକ କବିତା ।


+ ଅବସରପ୍ରାପ୍ତ ଅଧ୍ୟକ୍ଷ ଅନୁଗୋଳ
କଲେଜ,
ଅନୁଗୋଳ


## ଜୀବନ ନୁହେଁ ଏ ଯେ ତୁଚ୍ଛା ଯନ୍ତ୍ରଣା

### ମୀରା ବେଉରା



ଜୀବନ ନୁହେଁ ଏ ଯେ ତୁଚ୍ଛା ଯନ୍ତ୍ରଣା
ଏନ୍ତୁଡ଼ିଶାଳରୁ ଲମ୍ବିଥାଏ
ମଶାଣୀ ଯାଏଁ ତାର ଯାତ୍ରା
ନୁହେଁ ମୁଁ ଯୀଶୁ ତୁମ ସବୁ ସୀମାପାର
ବର୍ବରତାକୁ କ୍ଷମା କରିଦେବି।
ମୁଁ ନୁହେଁ ସକ୍ରେଟିସ୍
ତୁମେ ଦେଇଥିବା
ଛଳନାର ବିଷକୁ
ଓଠାରେ ପିଆଲା ଦେଇ
ଆୁଳା ଆୁଳା କରି ପିଇଯିବି।
ଭାବିଛକି ମୋତେ ଗାନ୍ଧୀ
ତୁମରି ପାଇଁ
ଦିନେ କ୍ରାନ୍ତି ଆଣି
ତୁମେ ଫୁଟାଇଥିବା ବନ୍ଧୁକର
ଗୁଳିରେ ମୋକ୍ଷ ହେବି ॥
ରକ୍ତ, ମାଂସ, କେଇଖଣ୍ଡ ଅସ୍ଥିର
ସଂଯୋଗରେ
ମୁଁ ଜୀବନ୍ତ ପ୍ରତି ମୂର୍ତ୍ତିଟିଏ
ଆସୁ ଯେତେ କଣ୍ଟକିତ
କର୍ଦ୍ଦମାକ୍ତ ପଥ

ଜୀବନ ଯୁଦ୍ଧରେ ଯୁଝୁଥିବା,
ମୁଁ ଯେ ନିରସ୍ତ୍ର ଯୋଦ୍ଧାଟିଏ
ଆଜୀବନ ଶୋଇବାକୁ ଚାହେଁ
ତୁମେ ରଚିଥିବା ସ୍ୱରଶଯ୍ୟାରେ
ତୁମ ବନ୍ଧୁକ ମୂନରୁ ନିର୍ଗତ
ଅସ୍ପଷ୍ଟ ନୀରବ ଘାତକ
ତୀକ୍ଷ୍ଣ ଗୁଳି ଯେତେ ବାଧେନା
ତୁମ ବନ୍ଧୁତ୍ୱର ପ୍ରଚ୍ଛଦପଟର ଛଳନା କିନ୍ତୁ
ମୋତେ ବିଷାକ୍ତ ସର୍ପପରି
ଦଂସୁଥାଏ ବାରମ୍ବାର
ବୁଝିବି ବୁଝିପାରେନା।


+ ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
(ମୋ)୯୮୫୩୩୫୦୩୮୪


## ପ୍ରୀତିଛନ୍ଦା

### ସୁବ୍ରତ କୁମାର ଜେନା



ପ୍ରୀତିଛନ୍ଦା ଏମିତିରେ ତୁମେଥରେ ପଚାରିଥିଲନା,
ସବୁ ନଈର ଶେଷ ରାସ୍ତା କଣ ସମୁଦ୍ରରେ ସରିଯାଏ,
ଲୁହ ସବୁ ଝରିଗଲା ପରେ,
ସେମାନେ କଣ ପାଆନ୍ତି ପୂର୍ଣ୍ଣତା ,
ରାତିର ଅନ୍ଧାରର ନିବିଡ଼ତା କଣ ପ୍ରେମଠାରୁ ଅଧିକ ଗହଳ,
ପୁଣି ପଚାରିଥିଲ ତାରା ମେଳେ ଜହ୍ନ କଣ ଖୁସିରେ ଅଛି,
ଏମିତି କେତେ କଣ କଣ !

କିଛି ବୁଝି ବୁଝାଇଥିଲି ମୋର ସାଧମତେ,
ଆଉ କିଛିରେ ରହିଥିଲି ଚୁପ ଚାପ ,
ଜାଣେନା ଏମିତି କେମିତି ପ୍ରଶ୍ନ ଆସେ ତୁମ ମୁଣ୍ଡକୁ !
ଯୋଉଠି ମୁଁ ଦେଖେ ଧ୍ୱଂସ,
ତୁମେ କିନ୍ତୁ ଦେଖ ସେଠି ନୂଆ ଏକ ସର୍ଜନାର ବୀଜ,
ପାଣି ପବନ ଭୂମି ଏସବୁକୁ ଦିଅ କଳ୍ପନାର ରଙ୍ଗ,
ବାଇଆ ଚଢେଇ ବି ଲାଜକରେ ତୁମପାଖେ,
ତୁମେ କେତେ ସରଳରେ ଛନ୍ଦିପାର ଜୀବନର ଅଙ୍କାବଙ୍କା ରେଖାକୁ ।

ପ୍ରୀତିପର୍ଣ୍ଣା ଆଜି ତୁମଠୁ ବହୁ ଦୂରରେ,
ହୁଏତ ହାତ ବଢ଼ାଇଲେ କି ଆଖିରେ ଚାହିଁଲେ,
ପହଂଚିପାରିବନି ମୋଠି,
ଅନେକ ସମୟରେ ଲାଗେ ତୁମେ ଠିକ ଥିଲ,
ମୁଁ ରୁ ମୁକ୍ତିକୁ ତୁମର ଲକ୍ଷ ଥିଲା,
ନିଶାରୁ ନିଶାଚର, ବ୍ରହ୍ମରୁ ପରମବ୍ରହ୍ମ, ସ୍ଥୂଳରୁ ସୂକ୍ଷ୍ମକୁ ତୁମର ଯାତ୍ରା,
ଆଜି କିନ୍ତୁ ଠିକ ବୁଝି ପାରୁଛି,
ପ୍ରତି ଜଳକଣାରେ ତୁମେ କେମିତି ଦେଖୁଥିଲ ନୂଆ ସମ୍ଭାବନାକୁ,
ଫୁଲ ଓ ପ୍ରଜାପତିର ନୈସର୍ଗିକ ସମ୍ପର୍କକୁ ।

ଆଗଭଳି ଆଉ ଅବୁଝା ହୁଏନି ମନ,
ମିଛ ମାୟାରେ ବନ୍ଧ ବାନ୍ଧିବାକୁ ,
ଧିରେ ଧିରେ ଗୋଟେ ପରେ ଗୋଟେ ଫିଟିଚାଲିଛି ଅନ୍ଧପୁଟୁଳି,
ସମୟର ଯାହା ନେବାରେ ଥିଲା ନେଇସାରିଛି,
ଶୋଇଛି ଆଜି ସେ ଶୀତ ସୁପ୍ତିରେ,
ମୁଁ ଆଜି ନିଃସ୍ୱ !
ତଥାପି ମୁଁ ଖୁସି ତୁମର ସ୍ମୃତି ଟିକକୁ ସାଥିରେ ନେଇ ॥


+ ଶୂରଡିହ, ନନ୍ଦିପୁର, ଯାଜପୁର ।
(ମୋ)୮୨୪୯୨୨୦୮୩୦


## ଓଁ...

### ବୈଷ୍ଣବ ମେହେର



ଓଁ ରୁ ଜାତ ବ୍ରହ୍ମ,
ବ୍ରହ୍ମ ରୁ ଜାତ ନାଦ,
ନାଦରୁ ଜାତ ଶବ୍ଦ,
ଶବ୍ଦରୁ ଜାତ ସଙ୍ଗୀତ,
ସଙ୍ଗୀତରୁ ଶ୍ରୁଷ୍ଟି ନୃତ୍ୟ ।

ଓଁ ସଂସ୍କୃତିର ଆଦି ପ୍ରତୀକ,
ଜୀବନ ଓଁ ରେ ଆରମ୍ଭ,
ଆଉ...
ଓଁ ରେ ଶେଷ ।

ଓଁ ହେଉଛି ପ୍ରଣବ (ଆଦ୍ୟ ଧ୍ୱନି),
ବେଦ ଉଚ୍ଚାରଣ ପୂର୍ବେ,
ହୁଏ ଓଁ ର ଉଚ୍ଚାରଣ ।

ହିନ୍ଦୁ, ବୌଦ୍ଧ, ସିଖ୍ ଆଉ ଜୈନ,
କରନ୍ତି ଓଁ ର ଉଚ୍ଚାରଣ ।
ଅ,ଉ,ମ ରୁ ଓଁ ର ସୃଷ୍ଟି ଜାଣ,
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନି ନାମ,
ଶ୍ରୁଷ୍ଟି, ପାଳନ, ବିନାଶ ଓଁର ମାନ ।

ପ୍ରଣବ, ଓଁକାର, ଉଦ୍ଗିଥ, ଅକ୍ଷର
ଏସବୁ ଓଁ ର ଭିନ୍ନ ଭିନ୍ନ ନାମ ।
ଓଁ ଧ୍ୱନି ଜପ କଲେ ପ୍ରତିଦିନ,
ପ୍ରତୀକ୍ଷଣେ ପ୍ରଫୁଲ୍ଲ ରହିବ ମନ ପ୍ରାଣ ।


+ ଗଣ୍ଡାବାହାଲି
ନୂଆପଡା


## ଲୋଭ ନବଳାଅ କେବେ

### ହରେରାମ ପଣ୍ଡା



ଲାଭରୁ ମନରେ ଜାଗିଥାଏ ଲୋଭ
ଅଧିକ ଲୋଭରୁ ଆସେ ମରଣ,
ଲୋଭ ଆଣେ ଦୁଃଖ, ଲୋଭ ଦିଏ କଷ୍ଟ
ଲୋଭ ଅଟେ ଅନିଷ୍ଟର କାରଣ ।

ଆବଶ୍ୟକତାଠୁଁ ଅଧିକ ଚାହିଁବା
କାରଣରୁ ମନେ ଜାଗଇ ଲୋଭ,
ମନର କୋଣରେ ଲୁଚିଥିବା ଆଶା
ନ ପୂରିଲେ ମନେ ଆସଇ କ୍ଷୋଭ ।

ଲୋଭପାଇଁ ବଢ଼େ ଦେଶରେ ଦୁର୍ନୀତି
ହୁଏ ରକ୍ତପାତ ଦିବାଲୋକରେ,
ନିଜ ଉପାର୍ଜନ ହରେଇବସେ କେ
କିଏ ହୁଏ ଧନୀ ପରଧନରେ ।

ଲୋଭପାଇଁ ବଢ଼େ ଯୌତୁକ ଯନ୍ତ୍ରଣା
ନବ ବଧୂଙ୍କର ଯାଏ ଜୀବନ,
ଲୋଭପାଇଁ ଭାଇ ପାଲଟେ ଭଗାରୀ
ରକ୍ତର ସମ୍ପର୍କ ପଡ଼େ ମଳିନ ।

ଲୋଭପାଇଁ ବଢ଼େ ଅଶାନ୍ତି ବିଶ୍ୱରେ
ଲୋଭକରେ ଯୁଦ୍ଧକୁ ଆମନ୍ତ୍ରଣ,
ଅକାରଣେ ଯାଏ କେତେ ଯେ ଜୀବନ
ଇତିହାସେ ତା'ର ଅଛି ପ୍ରମାଣ ।

ସଂସାରରେ ଭଲ ମଣିଷ ହେବାକୁ
ଲୋଭ ନ ବଳାଅ ମନରେ କେବେ,
ପରଧନ ପ୍ରତି ଲୋଭ ନ ରଖିଲେ
ଜୀବନରେ ଯଶ ପାଇବ ତେବେ ।


+ କୁଆଁସ, ମେର୍ଦ୍ଦା କାଟିଆଛକ,
ଯାଜପୁର ।
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ।


## ରାଇର ଏକାନ୍ତ ଭାବନା

### ପ୍ରିୟଦର୍ଶିନୀ ମହାପାତ୍ର



ଏକାନ୍ତରେ ମୋର କେତେ କଳ୍ପନାର
ଆସରା ଯାଉଛି ଘେରି
ନିମିଷକ ଲାଗି ଏହି କ୍ଷଣ ପାଇଁ
ତୁମେ ଆସନ୍ତକି ଫେରି ।।

ଯମୁନା ର ତଟ ଯାମିନୀ ଆଗତ
ଅଜ୍ଞାତ ପ୍ରାୟ ଏ ସମୟ
କାହିଁଗଲେ କାହୁ ଝୁରେ ଏଠି ରାଇ
ଭାବ ପ୍ରବଣ ଏ ହୃଦୟ ।।

ବାରେ ଆସ ବୋଲି ଚନ୍ଦ୍ରମା କହିଛି
ଜୋସ୍ନା କୁ ଦେବ ବିଛେଇ
ରଜନୀ ରାଣୀ ସେ ଅନ୍ଧାର ଭିତରେ
କିଛି କ୍ଷଣ ଦେବ ଭିଜେଇ ।।

ସମୀର କହିଛି ବହିବ ନୀରବେ
ହଜିଯିବ ମନ ଆମରି
ନିମିଷକ ଲାଗି ଏହି କ୍ଷଣ ପାଇଁ
ତୁମେ ଆସନ୍ତକି ଫେରି ।।

ଜାଣେ ବୃଥା ଏ ଭାବନା
ବୃଥା ଆଡ଼ମ୍ବର
ଆସିବନି କେବେ ଫେରି
ଏକାନ୍ତ ରେ ମୋର କେତେ କଳ୍ପନାର
ଆସରା ଯାଉଛି ଘେରି ।।


+ ଶିକ୍ଷୟିତ୍ରୀ
ଭୁବନେଶ୍ୱର


## ଝରିଗଲା ଝରକ୍ଷଫୁଲ

### କଳ୍ପନା ପଣ୍ଡା

କେବେ ମଆ କହୁଥିଲା,
କେତେ କି ବୟସ
ବଡ଼ ହେଲେ ଆପେ ବୁଝିଯିବ,
ଥିଲା ବାପାଙ୍କ ବିଶ୍ୱାସ ।

ଜାଣିବି ହେଲାନି କେବେ,
ଏ ବୟସଟା ବଢିଲା
ଶିଶୁରୁ କିଶୋରୀ ପୁଣି
ଯଉବନଟା ଛୁଇଁଲା ।

ଏମିତି ଭାବୁ ଭାବୁ ଦିନେ
ଗାଁରୁ ସହର ଆସିଲି
ଭଲ ପାଠ ପଢି ଯଶ
ଅରଜିବି ବୋଲି ।

ଅନେକ ଉତ୍କଣ୍ଠା ଅପେକ୍ଷା
ନେଇ ଗଡ଼ିଲା ଯେ ଦିନ
ଆଗକୁ ଆଗ ମାଡୁଛି
ବୋଲି କହୁଥିଲା ମନ ।

ଚପଳ ମନକୁ ମୋର
ସାଥୀଟିଏ ଯେ ମିଳିଲା
ଭାବିନେଲି ମତେ ବୋଧେ
ରାହାଟିଏ ମିଳିଗଲା ।

ବାପା -ମାଆ ଠାରୁ ଭଲ
ପାଉଥିଲି ପୁଣି ତାକୁ
ବିଶ୍ୱାସେ ବିଷ ବୋଲି
ଦେଲା ସିଏ ପିଇବାକୁ ।

କାଲି ଥିଲି ମଦମତ୍ତ
ତୁହି ମୋର ସବୁ ଥିଲୁ
ଆଜି ମତେ ଫିଙ୍ଗି ସମାଜ ବୁକୁରେ
ମୂକ ସାକ୍ଷୀ ପାଲଟିଲୁ ।


+ କଚେରୀ ଗାଁ,
କବୀରପୁର, ଯାଜପୁର-୭୫୫୦୦୯


## ସାଦାପାଣି

### ବିନୟ ମିଶ୍ର

କିଛି ବେଦନା କିଛି ଖୁସୀ ସାଥିରେ ଧରି
ନୀରବରେ ବହିଯାଉ ତୁହି,
ପାହାଡ଼ି ଝରଣା ସାଜି ଉଦ୍ଦାମ ଛନ୍ଦେ ଧୀରେ
କେବେ ଲାସ୍ୟମୟୀ ହୋଇ।

କେବେ ଧରି ଅନେକ କାହାଣୀ ସଙ୍ଗୀତ,
କେବେ ମନଛୁଇଁ,
କେବେ ବିରହ ପୁଣି ମିଳନର
ଆଶା ମନେ ନେଇ।

କେବେ ହେଇ ଖୁସୀ କେବେ ଅଭିମାନୀନି ତୁ
ଟୋପା ଟୋପା ଦେହେ,
କେବେ ଧାର ଧାର ତିନ୍ତାଉ
ଉପାଧାନ, ପଣତକାନିକୁ,
ଭାବ ଅଭାବ ଆଉ ହସ କାନ୍ଦର
ଧରି ସଂକେତକୁ।

ଦାହନକୁ ବୁଝିବାର ଦରଦୀ ହୃଦୟ ପାଇଁ
ତୁ ଏକ ଅମୂଲ୍ୟ ଲହରୀ,
ବୁଝିଯାଏ କ୍ଷଣକରେ ମନେନେଇ
ତା ଭାବର ତୁ ଏକ ଆଶା ଅସୁମାରୀ।

ନ ବୁଝିବା ହୃଦୟରେ ତୁ କେବେ ଅହଂକାରୀ,
ନିଆଶୀ, ଅଭିମାନୀ,
ଭଙ୍ଗା ମଣିଷର ମନରୁ ଝରୁଥିବା
କେଇ ବୁନ୍ଦା ସୁଦ୍ଧୁ ସାଦା ପାଣି।


+ ନିଆଳ ଖୋର୍ଦ୍ଧା


## ପରିଚୟ

### ରଶ୍ମି ସାମଲ



ସେଦିନ ପରିଚୟ ଯେତିକି
ସହଜ ହୋଇଥିଲା
ଆଜି ସେ ମର୍ମ କୁ ବୁଝିବା
ସେତିକି କଷ୍ଟ ହୋଇ ଯାଇଛି।

ମନ ମଧ୍ୟେ ଭରିଥିଲା ସତେ କି
ପ୍ରଭାତ ଗମନର ରକ୍ତିମ ପ୍ରକାଶ
ସୂର୍ଯ୍ୟଙ୍କର ସୁଭାଗମନ ପରି
ଭରିଥିଲା କିଚିରି ମିଚିରି
ପକ୍ଷୀ ଙ୍କ ଶବ୍ଦମାନ।

ଭାରି ଭଲ ଲାଗୁଥିଲା ସେ ସମୟ
କଥା ହେବା ପାଇଁ ହଜାରେ
ବାହାନା ଖୋଜୁଥାଏ
ଭାବୁଥାଏ ଏଇଟା କଣ ଭଲ ପାଇବା।

ବହୁତ ସନ୍ତପଣରେ
ପାଖରେ ବସିଥିଲି
ଗହନ ଅନ୍ଧାର ଭିତରେ
କାନୀଟିକୁ ସଜାଡିଥିଲି
ନିରବତାର ଶେଷ ସ୍ପର୍ଶ
ସୁନ୍ଦର ଫୁଲ ଟିକୁ ହାତରେ
ତୋଳି ଧରି ଥିଲି। ଯାହାକଣ୍ଟାର ଆଘାତ
ପାଇଲେ ବି ଯେଉଁ ଆତ୍ମ ତୃପ୍ତି
ମିଳେ ତାହା ହିଁ ମିଳିଥିଲା।

ପୁଣି ଯେବେ ଅପରିଚିତ
ର ପ୍ରଶ୍ନ ଉଠିଲା
ବାନ୍ଧି ହୋଇଥିବା ମିଠା ସମ୍ପର୍କକୁ
ଶେଷ ଯାଏ ବୁଝି ପାରି ନ ଥିଲି।

ସବୁ ଉଚ୍ଛୁଳା ନଦୀର ବନ୍ୟା ପରି
ନିଜ ଚଳାପଥେ ଚାଲିଗଲା।
ସବୁ ପରୀକ୍ଷା ସରିବା ପରେ
ଆଉ କଣ ବାକି ରହିଲା
ସମୟ ତ ସବୁ ସରି ଆସୁଥିଲା
କେମିତି ଏ ଯାତ୍ରାର ବିଜୟ ହେବ।

ଯେବେ ସୂର୍ଯ୍ୟାଲୋକରେ
ସେଫାଳି ମଉଳି ଝରି ପଡିଲା
ମାଟି ଲଗ୍ନା ହେଲା
ଫୁଲର ବାସ୍ନା ଉଭେଇଗଲା
ଭାବୁଛି ଫେରନ୍ତା କି ସେହି
ପରିଚୟ ହେବା ଦିନଟା
ଭୂମିଲଗ୍ନା ଫୁଲ ପୁଣି ଚହଟି ଉଠନ୍ତା।


+ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫

# ଛୁଆଙ୍କ ସଂକ୍ରମଣରେ ଲାଗିଲା ବ୍ରେକ୍:୧୦୦ ତଳକୁ ଖସିଲା ସଂଖ୍ୟା

ଭୁବନେଶ୍ୱର,୧୩/୯ (ନି.ପ୍ର): ଅନେକ ଦିନ ହେଲା ଦୈନିକ ୧୮ ବର୍ଷରୁ କମ୍ ବର୍ଗର ୧୦୦ରୁ ଅଧିକ କରୋନାରେ ଆକ୍ରାନ୍ତ ହେଉଥିବା ବେଳେ ଗତ ୨୪ ଘଣ୍ଟାରେ ଏଥିରେ ବ୍ରେକ୍ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୮ ବର୍ଷରୁ କମ୍ ବର୍ଗର ମାତ୍ର ୫୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ମୋଟ ଉପରେ ୪୭୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୭୪ ଜଣ କ୍ୱାରେଣ୍ଟାଇନ୍‌ରେ ଥିଲେ। ବାକି ୧୯୭ଟି ହେଉଛି ଲୋକାଲ୍ କେସ୍। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୯୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନୁଗୋଳ ଜିଲ୍ଲାରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୬, ବରଗଡ଼ରୁ ୨, ଭଦ୍ରକରୁ ୪, ବଲାଙ୍ଗିରରୁ ଜଣେ, କଟକରୁ ୮୧, ଦେବଗଡ଼ରୁ ୨, ଢେଙ୍କାନାଳରୁ ୫, ଜଗତସିଂପୁରରୁ ୧୬, ଯାଜପୁରରୁ ୨୨, ଝାରସୁଗୁଡ଼ାରୁ ୩, କନ୍ଧମାଳରୁ ଜଣେ, କେନ୍ଦ୍ରାପଡ଼ାରୁ ୯, କେନ୍ଦୁଝରରୁ ୩,ମାଲକାନଗିରିରୁ ୨, ମୟୂରଭଞ୍ଜରୁ ୨୨, ନୟାଗଡ଼ରୁ ୭, ପୁରୀରୁ ୧୯, ସମ୍ବଲପୁରରୁ ଜଣେ ଓ ସୁନ୍ଦରଗଡ଼ ଜିଲ୍ଲାରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି ଷ୍ଟେଟପୁଲରୁ ୪୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୬ ହଜାର ୮୩୩କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୦ ଲକ୍ଷ ୨ ହଜାର ୧୨୮ସୁସ୍ଥ ହୋଇ ସାରିଥିବା ବେଳେ ୬୫୪୮ ଜଣ



ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ କରୋନାରେ ପ୍ରାଣ ହରାଇଥିବା ଆଉ ୬ ଜଣଙ୍କ ସଂପର୍କରେ ସରକାର ସୂଚନା ଦେଇଛନ୍ତି। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୧୦୪କୁ ବୃଦ୍ଧି ପାଇଛି। ଏହି ୬ ଜଣଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩ ଜଣ ଥିବା ବେଳେ ଅନୁଗୋଳ, ଯାଜପୁର ଓ ପୁରୀରୁ ଜଣେ ଲେଖାଏଁ ଅଛନ୍ତି। ଏହା ସହିତ ଖୋର୍ଦ୍ଧା ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧,୪୭୮କୁ ବୃଦ୍ଧି ପାଇଥିବା ବେଳେ ଅନୁଗୋଳରେ ୩୮୫, ଯାଜପୁରରେ ୧୬୦ ଓ ପୁରୀରେ ୪୪୮ରେ ପହଞ୍ଚିଛି।

# ସାଇବର ଠକଙ୍କ ଟାର୍ଗେଟ୍‌ରେ ରାଜନେତା ଓ ଆଇପିଏସ୍

ଭୁବନେଶ୍ୱର,୧୩/୯ (ନି.ପ୍ର): ସିଧାସଳଖ ଲୋକଙ୍କୁ ବୋକା ବନାଇ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଲୁଟି ନେଉଥିବା ସାଇବର ଠକମାନେ ବଡ଼ବଡ଼ିଆଙ୍କ ଫେସ୍‌ବୁକ୍ ଆକାଉଣ୍ଟକୁ ହ୍ୟାକ୍ କରିବା ବା କ୍ଲୋନିଂ କରିବା କିଛି ନୂଆ କଥା ନୁହେଁ। ବ୍ୟାଙ୍କ୍ ଆକଉଣ୍ଟରେ ଚୁନ ଲଗାଉଥିବା ଟଙ୍କା ବହୁ ସମୟରେ ଫେରିଯାଉଛି। ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ପୁଲିସର ତତ୍ ?କ୍ଷଣାତ୍ ପଦକ୍ଷେପ ଯୋଗୁଁ ଏହି ଠକାମି ବେଳେବେଳେ କାମ ଦେଉନାହିଁ। କିନ୍ତୁ କ୍ଲୋନିଂ କରୁଥିବା ସାଇବର ଠକଙ୍କୁ ପୁଲିସ ଧରିବାରେ ବିଫଳ ହେଉଥିବାରୁ ଏବେ ସାଇବର ଠକମାନେ ଏହି ପନ୍ଥାକୁ ଆପଣାଉଥିବା ଦେଖିବାକୁ ମିଳୁଛି। ସପ୍ତାହକ ଭିତରେ ୫ ବିଧାୟକ ଓ ଜଣେ ଆଇପିଏସ୍ ଅଧିକାରୀଙ୍କ ଫେସ୍‌ବୁକ୍ ଆକାଉଣ୍ଟ କ୍ଲୋନିଂ ହୋଇଥିବା ଜଣାପଡ଼ିଛି। ତେବେ ଏହାଦ୍ୱାରା କେହି ଠକାମିର ଶିକାର ହୋଇଛନ୍ତି କି ନା, ତାହା ସ୍ପଷ୍ଟ ହୋଇନାହିଁ। ବିଧାୟକମାନେ କ୍ଲୋନିଂ ବାବଦରେ ସୂଚନା ପାଇବା ମାତ୍ରେ ଅସଲ ଆକାଉଣ୍ଟରେ ଏହା ଜଣାଇଥିବାରୁ ଠକାମିର ଶିକାର ହୋଇଥିବା ନେଇ କିଛି ଅଭିଯୋଗ ମିଳି ନାହିଁ। ସୂଚନାନୁସାରେ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ପରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବୋଲଗଡ଼-ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ଆଇପିଏସ୍ ଅଖିଳେଶ୍ୱର ସିଂହଙ୍କୁ ସାଇବର ଠକମାନେ ଟାର୍ଗେଟ୍ କରିଛନ୍ତି। ପୂର୍ବରୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଫେସ୍‌ବୁକ୍ ଆକାଉଣ୍ଟ ମଧ୍ୟ କ୍ଲୋନିଂ କରାଯାଇଥିଲା। ୪ ଦିନ ତଳେ ବିଧାୟକ ରମେଶ ସାଏଙ୍କ ଫେସ୍‌ବୁକ୍ ଆକାଉଣ୍ଟ୍ କ୍ଲୋନିଂ ହୋଇଥିଲା। ସାଇବର ଠକ ଉକ୍ତ ଆକାଉଣ୍ଟ୍‌କୁ ବିଧାୟକଙ୍କ ଆନୁଗତ୍ୟ ଓ କିଛି ସମ୍ପର୍କୀୟଙ୍କୁ ଅସୁବିଧାରେ ପଡ଼ିଛି କହି ୧୪ ହଜାର ଟଙ୍କା ମାଗିଥିଲା। ଖୁବ୍ ଶୀଘ୍ର ଟଙ୍କା ଫେରସ୍ତ କରିବାକୁ କହିଥିଲା। ଜଣେ ସମ୍ପର୍କୀୟ ଏହା ଜାଣିବା ପରେ ତୁରନ୍ତ ବିଧାୟକ ଶ୍ରୀ ସାଏଙ୍କୁ ଜଣାଇଥିଲେ। ତେଣୁ ବିଧାୟକ ଶ୍ରୀ ସାଏ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ତୁରନ୍ତ ତାଙ୍କ ଅସଲ ଫେସ୍‌ବୁକ୍ ଆକାଉଣ୍ଟରେ ଏହି କ୍ଲୋନିଂ କଥା ଜଣାଇଥିଲେ। ସମାନ ଢଙ୍ଗରେ ବୋଲଗଡ଼ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଫେସବୁକ୍ ଆକାଉଣ୍ଟ୍ ନକଲ କରି ଠକ ଜଣଙ୍କୁ ୪ହଜାର ଟଙ୍କ ଧାର ମାଗିଥିଲା ଓ ୨ଘଣ୍ଟାରେ ଫେରସ୍ତ କରିବ ବୋଲି କହିଥିଲା। ମାତ୍ର ଉକ୍ତ ବ୍ୟକ୍ତି ସିଧାସଳଖ ବିଧାୟକ ଶ୍ରୀ ସାହୁଙ୍କୁ ଫୋନ୍ କରିବା ପରେ କଥା ଜଣାପଡ଼ିଥିଲା। ଏମିତି ଘଟିଛି ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ କ୍ଷେତ୍ରରେ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୭୧ ଜଣ ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର,୧୩/୯ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୭୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୯୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୫୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୯୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୪ ଜଣ, ବାଲେଶ୍ୱରରୁ ୨୬ ଜଣ, ବରଗଡ଼ରୁ ୨ ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୧ ଜଣ, କଟକରୁ ୮୧ ଜଣ, ଦେବଗଡ଼ରୁ୨ ଜଣ, ଢେଙ୍କାନାଳରୁ ୫ ଜଣ, ଜଗତସିଂହପୁରରୁ ୧୬ ଜଣ, ଯାଜପୁରରୁ ୨୨ ଜଣ, ଝାରସୁଗୁଡ଼ାରୁ ୩ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୯ ଜଣ, କେଉଁଝରରୁ ୩ ଜଣ, ଖୋର୍ଦ୍ଧାରୁ ୧୯୬ ଜଣ, ମାଲକାନଗିରିରୁ୨ ଜଣ, ମୟୁରଭଞ୍ଜରୁ ୨୨ ଜଣ, ନୟାଗଡ଼ରୁ ୭ ଜଣ, ପୁରୀରୁ ୧୯ ଜଣ, ସମ୍ବଲପୁରରୁ ୧ଜଣ, ସୁନ୍ଦରଗଡ଼ରୁ ୧ ଜଣ ଓ ଷ୍ଟେଟ ପୁଲରୁ ୮୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଣେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦,୧୬,୮୩୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୦,୦୨, ୧୨୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୬,୫୪୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ୧୨ ଜିଲ୍ଲାରେ ୨ ଦିନ ପାଇଁ ସ୍କୁଲ୍ ଛୁଟି

ଭୁବନେଶ୍ୱର,୧୩/୯ (ନି.ପ୍ର): ରାଜ୍ୟରେ ଜାରି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା। ସ୍ଥିତିକୁ ଦୃଷ୍ଟିରେ ରଖି ୧୨ଟି ଜିଲ୍ଲାରେ ୨ ଦିନ (ଆଜି ଓ ଆସନ୍ତାକାଲି) ପାଇଁ ସ୍କୁଲ୍ ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ସୂଚନା ଦେଇଛନ୍ତି। କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, କେନ୍ଦ୍ରାପଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୋନପୁର, ବରଗଡ଼ ଓ ଜଗତସିଂହପୁରରେ ସ୍କୁଲ ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, କରୋନା ଯୋଗୁ ଏଯାବତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଖୋଲି ନଥିବା ବେଳେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍ ଖୋଲିଛି। ଅବପାତ ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇ ଚାନ୍ଦବାଲି ଦେଇ ଆଜି ସକାଳେ ସ୍ଥଳପଥ ଅତିକ୍ରମ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ଦିନ ତମାମ ୭ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଲାଗି ରହିବ। ସେହି ଜିଲ୍ଲା ଗୁଡ଼ିକ ହେଉଛି- ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ନୟାଗଡ଼। ସେହିପରି ଗଭୀର ଅବପାତ ପ୍ରଭାବରେ ପଶ୍ଚିମ ଓଡ଼ିଶା ବି ପ୍ରବଳ ବର୍ଷା ହେବ। ସମ୍ବଲପୁର, ଦେବଗଡ଼, ସୋନପୁର ଓ ବରଗଡ଼ରେ ପ୍ରବଳ ବର୍ଷା ହେବ। ସେହିପରି ଅନୁଗୋଳ ଜିଲ୍ଲାରେ ବି ପ୍ରବଳ ବର୍ଷା ହେବ। ରବିବାର ସକାଳ ସାଢ଼େ ୮ଟାରୁ ସୋମବାର (ଆଜି) ସକାଳ ସାଢ଼େ ୮ଟା ମଧ୍ୟରେ ଅର୍ଥାତ୍



୨୪ ଘଣ୍ଟାରେ ପୁରୀରେ ସର୍ବାଧିକ ୩୪୧ ମିମି ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ୧୯୫ ମିମି, ପାରାଦୀପରେ ୨୧୯ ମିମି, ବାଲେଶ୍ୱରରେ ୨୪ ମିମି, ଗୋପାଳପୁରରେ ୬୪ ମିମି ଓ ଚାନ୍ଦବାଲିରେ ୪୬ ମିମି ବର୍ଷା ରେକର୍ଡ କରାଯାଇଛି। ଜଗତସିଂହପୁର ଜିଲ୍ଲାରେ ଲଗାଣ ବର୍ଷାରେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ୩ଦିନ ହେଲା ବର୍ଷା ଲାଗି ରହିଥିବାରୁ ଅନେକ ଲୋକଙ୍କ ଘରେ ପାଣି ପଶିଯାଇଛି। ବାଲିକୁଦା, ଏରସମା, ତିର୍ତ୍ତୋଲ, ନାଉଗାଁ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ପାରାଦୀପରେ ଜୋରରେ ବର୍ଷା ହେଉଥିବା ବେଳେ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। ବର୍ଷା ସାଙ୍ଗକୁ ପବନ ଯୋଗୁଁ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ମଧୁବନ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ ହୋଇଯାଇଛନ୍ତି। ଅନେକ ତଳିଆ ଅଞ୍ଚଳରେ ପାଣି ଜମି ଯାଇଛି। ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି। କୁଜଙ୍ଗରେ ଗଛ ସାଙ୍ଗକୁ କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। କୁଜଙ୍ଗ ଥାନାରେ ପାଣି ପଶିଯାଇଥିବାରୁ ଅଗ୍ନିଶମ ବାହିନୀ ଜରିଆରେ ନିଷ୍କାସନ କରାଯାଉଛି।

# ସହରାଞ୍ଚଳ ବିକାଶରେ ମିସନ ଶକ୍ତିର ସହଭାଗିତା ବଢୁଛି: ୧୬ ହଜାର ମହିଳା ଆତ୍ମନିର୍ଭରଶୀଳ ହେଲେଣି

ଭୁବନେଶ୍ୱର : ମିସନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଏବଂ ନଗର ଉନ୍ନୟନ ବିଭାଗ ମଧ୍ୟରେ ସହଭାଗିତା ବଢ଼ିଛି। ଫଳରେ ମହିଳା ଗୋଷ୍ଠୀ ଓ ମହିଳା ନେତୃତ୍ୱାଧୀନ ସହରାଞ୍ଚଳ ବିକାଶ ମଡେଲ୍ ଆଗକୁ ବଢୁଛି। ଏହି ମଡେଲ୍ ଦ୍ୱାରା ୧୬ ହଜାରରୁ ଅଧିକ ମିସନ ଶକ୍ତି ମହିଳା ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଗୋଷ୍ଠୀକୁ ସଶକ୍ତ ଓ ଆତ୍ମନିର୍ଭର କରିପାରିଛି ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ମହିଳା ଗୋଷ୍ଠୀଗୁଡ଼ିକ ବର୍ତ୍ତମାନ ସେବା ବିତରଣରେ ଓ ସହରୀ ବିକାଶ କାର୍ଯ୍ୟକ୍ରମରେ ଅଂଶୀଦାର ଭାବେ କାର୍ଯ୍ୟ କରୁଛନ୍ତି। କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ଯୋଗାଣ ଠାରୁ ରିହାତିଯୁକ୍ତ ଖାଦ୍ୟ କାର୍ଯ୍ୟକ୍ରମ ଏବଂ ଜୀବିକା ନିର୍ବାହ ପର୍ଯ୍ୟନ୍ତ ସବୁଥିରେ ଏମାନଙ୍କ ଯୋଗଦାନ ରହୁଛି। ୧୩,୫୦୦ରୁ ଅଧିକ ମିସନ ଶକ୍ତି ଏସ୍‌ଏଚ୍‌ଜି ବର୍ତ୍ତମାନ ସହରୀ ରୋଜଗାରୀ ସୃଷ୍ଟିକାରୀ ଯୋଜନା 'ମୁକ୍ତା' କାର୍ଯ୍ୟକାରୀ କରିବା ପାଇଁ ନିୟୋଜିତ ହୋଇଛନ୍ତି। ଗତ ୧୫ ମାସ ମଧ୍ୟରେ ରାଜ୍ୟର ୧୧୪ ପୌରାଞ୍ଚଳ ମଧ୍ୟରେ ସହର ସୌନ୍ଦର୍ଯ୍ୟକରଣ ଓ ଖୋଲା ସ୍ଥାନର ବିକାଶ ପରି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ନିକଟରେ ସାରା ରାଜ୍ୟରେ ୧୦ ହଜାର ବର୍ଷା ଜଳ ଅମଳ ସଂରଚନା ସୃଷ୍ଟି କରିବାରେ ଏସ୍‌ଏଚ୍‌ଜିଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମିସନ ଶକ୍ତି ଏସ୍‌ଏଚ୍‌ଜି ଓ କିନ୍ନର ଗୋଷ୍ଠୀଗୁଡ଼ିକ ମଧ୍ୟ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଏକତ୍ର କାର୍ଯ୍ୟ କରୁଛନ୍ତି, ଯାହା ପରିମଳ କ୍ଷେତ୍ରରେ ପ୍ରମୁଖ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି।

ସମୁଦାୟ ୨,୩୭୮ ଏସ୍‌ଏଚ୍‌ଜି ବର୍ତ୍ତମାନ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ, ସଂଗ୍ରହ, ପରିବହନ, ପୁନଃବ୍ୟବହାର ଓ ନିଷ୍କାସନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟର ମହିଳା ଓ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ସେମାନଙ୍କ ସାମାଜିକ-ଅର୍ଥନୈତିକ ସଶକ୍ତୀକରଣ ସୁନିଶ୍ଚିତ କରି ଏକ ବଡ଼ ସଫଳତା ପାଇଛି। ଏସ୍‌ଏଚ୍‌ଜିଗୁଡ଼ିକ ସମଗ୍ର ରାଜ୍ୟରେ ୧୫୦ରୁ ଅଧିକ ଗୋଷ୍ଠୀ ଓ ସାଧାରଣ ଶୌଚାଳୟ ପରିଚାଳନା କରୁଛନ୍ତି। ସହରରେ ଶୌଚାଳୟ ବର୍ଜ୍ୟବସ୍ତୁକୁ ସୁରକ୍ଷିତ ଭାବେ ସଫା କରିବା ଏବଂ



ପରିବହନ ପାଇଁ ସେସ୍‌ପୁଲ୍ ଯାନ ମଧ୍ୟ ଚଳାଉଛନ୍ତି। ସୁଜଳା କାର୍ଯ୍ୟକ୍ରମ କିମ୍ବା ଟ୍ୟାପ୍ ମିସନରୁ ପାଣି ପାଇଁ ମିସନ ଶକ୍ତି ଏସ୍‌ଏଚ୍‌ଜି ସହିତ ବିଭାଗ ସହଭାଗିତା କରିଛି। ବର୍ତ୍ତମାନ ୨୨୨ ଜଳସାଥୀ ୫ଟି ପୌରାଞ୍ଚଳରେ ନିୟୋଜିତ ଥିବା ବେଳେ ଖୁବ୍ ଶୀଘ୍ର ୭୦ ପୌରାଞ୍ଚଳରେ ଅତିରିକ୍ତ ୩୩୬ ଜଣ ନିୟୋଜିତ ହେବେ। ଏହା ସହ ମହିଳା ସଂଗଠନଗୁଡ଼ିକ ବିଭିନ୍ନ ସହରରେ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି। ସହରାଞ୍ଚଳ ବିକାଶ କ୍ଷେତ୍ରରେ ଗୋଷ୍ଠୀ ଯୋଗଦାର ଓଡ଼ିଶା ମଡେଲ୍ ମହିଳା ସଶକ୍ତୀକରଣକୁ ଉଚ୍ଚ ବୌଷୟିକ ସୋପାନକୁ ନେଇଯାଇଛି, ଯାହା କି ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

# ବୋଉ ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର,୧୩/୯ (ନି.ପ୍ର): ସ୍ଥାନୀୟ ଜନକଲ୍ୟାଣ ଭବନଠାରେ ସାହିତ୍ୟ ପତ୍ରିକା 'ବୋଉ'ର ଶୁଭ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବନମାଳୀ ସାମନ୍ତରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଣଭୂଇଁର ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ନାରାୟଣ ସେବା ଫାଉଣ୍ଡେସନର ସମ୍ପାଦିକ, ସମାଜସେବୀକା ସମିତା ମହାରଣା, ମୁଖ୍ୟ ବକ୍ତାଭାବେ ସାମ୍ବାଦିକ, ପୂଜ୍ୟପୂଜା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ବୋଉର ସମ୍ପାଦକ ତଥା କବି ସଞ୍ଜୟ କୁମାର ଚୌଧୁରୀ ମତବ୍ୟକ୍ତ କରି କହିଥିଲେ ଯେ, ମାଆ, ମାଟି, ମାତୃଭାଷା ପ୍ରତି ସମସ୍ତେ ଆଗେଇ ଆସିବା ସହ ନିଜ ନିଜର ଯୋଗଦାନ ସମାଜର ଭଲ ପାଇଁ ଦିଅନ୍ତୁ। ବର୍ତ୍ତମାନ ଆମ ସୀମା ସୁରକ୍ଷା ସହିତ ସାହିତ୍ୟର ବିକାଶ ପ୍ରତି ପ୍ରୟାସ ଜାରି ରଖନ୍ତୁ। ସାହିତ୍ୟ ବର୍ତ୍ତମାନ କଣ୍ଟକିତ ପଥ ଦେଇ ଅତିକ୍ରମ କରୁଛି, ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଅତିଥିମାନେ ମତ ରଖିଥିଲେ।ଏହି ଅବସରରେ ସାରସ୍ୱତ ପ୍ରତିଭା ବାଣୀ ମିଶ୍ର, କବି ସନ୍ତୋଷ କୁମାର ମେହେର, ସସ୍ମିତା ମହାପାତ୍ର, ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ଧୀରେନ୍ଦ୍ର ସିଂଦେଓଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟବ୍ରତ ଜେନା ପରିଚ୍ଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଲଳିତା ସାହୁ।

# ସହରାଂଚଳ ବିକାଶରେ ମିଶନ ଶକ୍ତିର ସହଭାଗିତା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୩/୯ (ନି.ପ୍ର): ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଏବଂ ଗୃହ ଏବଂ ନଗର ଉନ୍ନୟନ ବିଭାଗ ମଧ୍ୟରେ ଏକ ପ୍ରଭାବଶାଳୀ ସହଭାଗୀତା ବର୍ତମାନ ରାଜ୍ୟରେ ମହିଳାଗୋଷ୍ଠି ଏବଂ ମହିଳା ନେତୃତ୍ୱାଧୀନ ସହରାଂଚଳ ବିକାଶ ମଡେଲକୁ ଆଗକୁ ବଢାଉଛି । ଏହି ମଡେଲ ୧୬,୦୦୦ ରୁ ଅଧିକ ମିଶନ୍ ଶକ୍ତି ମହିଳା ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ଗୋଷ୍ଠୀକୁ ସଶକ୍ତ ଓ ଆତ୍ମନିର୍ଭର କରିପାରିଛି । ମହିଳା ଗୋଷ୍ଠୀଗୁଡିକ ବର୍ତମାନ ସେବା ବିତରଣରେ ଏବଂ ସହରୀ ବିକାଶ କାର୍ଯ୍ୟକ୍ରମରେ ଅଂଶୀଦାର ଭାବରେ କାର୍ଯ୍ୟ କରୁଛନ୍ତି - କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ଯୋଗାଣ ଠାରୁ ରିହାତିଯୁକ୍ତ ଖାଦ୍ୟ କାର୍ଯ୍ୟକ୍ରମ ଏବଂ ଜୀବିକା ର୍ନିବାହ ପର୍ଯ୍ୟନ୍ତ ସବୁଥିରେ ଏମାନଙ୍କ ଯୋଗଦାନ ରହୁଛି । ମିଶନ୍ ଶକ୍ତି ମହିଳା ଏସ×ଏଚଜି ମାଧ୍ୟମରେ ସହରୀ ସେବା ବିତରଣରେ ଗୋଷ୍ଠି ଯୋଗଦାନ ବର୍ତମାନ ଏକ ଅଣବୁଝାମଣାକାରୀ ଏଜେଣ୍ଡା । ମହିଳାମାନଙ୍କର ସାମାଜିକ-ଅର୍ଥନୈତିକ ସଶକ୍ତିକରଣ ଏବଂ ଏକ ଦୃଢ ଅର୍ଥନୀତି ପାଇଁ ଉଦ୍ୟୋଗ ବିକାଶ ଲାଗି ଆଗେଇ ଆସିଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ୧୩,୫୦୦ ରୁ ଅଧିକ ମିଶନ ଶକ୍ତି ଏସଏଚଜି ଗୁଡିକ ବର୍ତମାନ ସହରୀ ରୋଜଗାର ସୃଷ୍ଟିକାରୀ ଯୋଜନା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) କାର୍ଯ୍ୟକାରୀ କରିବାରେ ସହଭାଗୀ ତଥା କାର୍ଯ୍ୟକାରୀ ସଂସ୍ଥା ଭାବରେ ନିୟୋଜିତ ଅଛନ୍ତି। ମହିଳା ଏସଏଚଜି ପାଇଁ ଏହି ସ୍କିମ୍ ଏକ ଟ୍ରେଲର ଅଟେ ଯେଉଁଠାରେ ମିଶନ୍ ଶକ୍ତି ଗୋଷ୍ଠୀ ଏବଂ ସେମାନଙ୍କ ମହାସଂଘ ମାଧ୍ୟମରେ କାର୍ଯ୍ୟକାରୀ ଏଜେନ୍ସି ଭାବରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ସିଧାସଳଖ କାର୍ଯ୍ୟକାରୀ ହେଉଛି । ଗତ ୧୫ ମାସ ମଧ୍ୟରେ ରାଜ୍ୟର ୧୧୪ ପୌରାଂଚଳ ମଧ୍ୟରେ ସହର ସୌନ୍ଦର୍ଯ୍ୟକରଣ ଏବଂ ଖୋଲା ସ୍ଥାନର ବିକାଶ ଭଳି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିକଟରେ ସାରା ରାଜ୍ୟରେ ୧୦,୦୦୦ ବର୍ଷା ଜଳ ଅମଳ ସଂରଚନା ସୃଷ୍ଟି କରିବାରେ ଏସଏଚଜି ଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏଥିସହ, ମୁକ୍ତା କାର୍ଯ୍ୟକ୍ରମ ଅନ୍ତର୍ଗତ ବିକାଶମୂଳକ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବାକୁ ମିଶନ୍ ଶକ୍ତି ଗୋଷ୍ଠୀକୁ ସକ୍ଷମ କରିବାକୁ ସେମାନଙ୍କୁ ଶୂନ ସୁଧ ହାର ସହିତ କାର୍ଯ୍ୟକାରୀ ପୁଞ୍ଜି ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ପ୍ରଦାନ କରାଯିବ । ସମୁଦାୟ ୨,୩୭୮ ଏସଏଚଜି ବର୍ତମାନ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ, ସଂଗ୍ରହ, ପରିବହନ, ପୁନଃ ବ୍ୟବହାର ଏବଂ ନିଷ୍କାସନ କାର୍ଯ୍ୟରେ ନିୟୋଜିତ । ଗୋଷ୍ଠୀଗୁଡିକ ଏକ ବର୍ଷରୁ ସଫଳତାର ସହିତ ସେପ୍ଟେଜ ଟ୍ରିଟମେଂଟ ପ୍ଲାଂଟର ପରିଚାଳନା କରିଆସୁଛନ୍ତି, ଏହିପରି ୩୫ ଟି ଗୋଷ୍ଠୀ ବର୍ତମାନ ୩୪ ଟି ନୂତନ କାରଖାନା ପରିଚାଳନା ପାଇଁ ତାଲିମ ପ୍ରାପ୍ତ ହୋଇଛନ୍ତି। ଏସଏଚଜି ଗୁଡିକ ସମଗ୍ର ରାଜ୍ୟରେ ୧୫୦ ରୁ ଅଧିକ ଗୋଷ୍ଠି ଏବଂ ସାଧାରଣ ଶୌଚାଳୟ ପରିଚାଳନା କରୁଛନ୍ତି ଏବଂ କିଛି ସହରରେ ଶୌଚାଳୟ ବର୍ଜ୍ୟବସ୍ତୁକୁ ସୁରକ୍ଷିତ ଭାବେ ସଫା କରିବା ଏବଂ ପରିବହନ ପାଇଁ ସେସପୁଲ୍ ଯାନ ମଧ୍ୟ ଚଳାଉଛନ୍ତି । ଶ୍ରୀ ଜେନା କହିଛନ୍ତି ଯେ ଦେଶରେ ପ୍ରଥମ ଥର ପାଇଁ ମହିଳା ଏବଂ କିନ୍ନର ଏସଏଚଜିମାନେ ବର୍ତମାନ ପୁରୁଷ ଏବଂ ବୈଷୟିକ କର୍ମଚାରୀଙ୍କ ସହ ସମାନ ଭାବରେ ମଳ ପରିଚାଳନା କରୁଛନ୍ତି। ବର୍ତମାନ ସମୁଦାୟ ୨୨୨ ଜଳ ସାଥୀ ୫ଟି ପୌରାଂଚଳରେ ରେ ନିୟୋଜିତ ଥିବାବେଳେ ଖୁବ୍ ଶୀଘ୍ର ୭୦ ପୌରାଂଚଳରେ ଅତିରିକ୍ତ ୩୩୬ଜଣ ନିୟୋଜିତ ହେବେ । ମହିଳା ସଂଗଠନଗୁଡିକ ମଧ୍ୟ ସଫଳତାର ସହ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି ଯାହା ସହରୀ ଗରିବ ଲୋକଙ୍କୁ ରିହାତି ଯୁକ୍ତ ଖାଦ୍ୟ ଯୋଗାଇଥାଏ । ସମୁଦାୟ ୧୫୭ ଏସଏଚଜି ସହଭାଗୀ ଭାବରେ ନିୟୋଜିତ ହୋଇଥିବାବଳେ ୬ଟି ଏସଏଚଜି ସମ୍ପୂର୍ଣ୍ଣ ଭାବେ ନିୟୋଜିତ ଅଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ମିଶନ୍ ଶକ୍ତି ସହରୀ ଏସଏଚଜି ମଧ୍ୟରେ ସଫଳ ଭାଗିଦାରୀ କେବଳ ମହିଳା ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ବର୍ଗଙ୍କ ପାଇଁ ବ୍ୟାପକ ଜୀବିକା ସୁଯୋଗ ପ୍ରଦାନ କରିନାହିଁ ବରଂ ସେମାନଙ୍କର ନେତୃତ୍ୱ ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିଛି । ନିୟୋଜିତ ପ୍ରତ୍ୟେକ ଏସଏଚଜି ସଦସ୍ୟ ବର୍ତମାନ ଏହି ସହଯୋଗ ମାଧ୍ୟମରେ ମାସକୁ ୪୦୦୦ ରୁ ୧୦, ୦୦୦ ଟଙ୍କା ରୋଜଗାର କରିପାରୁଛନ୍ତି । ପ୍ରମୁଖ ସହରୀ କାର୍ଯ୍ୟକ୍ରମରେ ମିଶନ୍ ଶକ୍ତି ଏସଏଚଜି ଗୁଡ଼ିକୁ ସୁରୁଖୁରୁରେ ଏବଂ ଦକ୍ଷତାର ସହିତ ଏକୀକୃତ କରିବା ପାଇଁ, ପୌର କାର୍ଯ୍ୟକର୍ତାମାନେ ନିୟମିତ ଭାବରେ ସଦସ୍ୟମାନଙ୍କୁ ସେମାନଙ୍କ ସ୍ଥାନୀୟ ଅଂଚଳରେ ସହରୀ ଭିତିଭୂମି ବିକାଶରେ ଅଂଶଗ୍ରହଣ ଏବଂ ଯୋଗଦାନ ପାଇଁ ସୁଯୋଗ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସହରାଂଚଳ ବିକାଶ ଏଜେନ୍ସି (ସୁଡା) ନିୟମିତ ଭାବରେ ଗୋଷ୍ଠୀଗୁଡିକ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରିଥାଏ । ସହରାଂଚଳ ବିକାଶ କ୍ଷେତ୍ରରେ ଗୋଷ୍ଠି ଯୋଗଦାନର ଓଡିଶା ମଡେଲ୍ ମହିଳା ସଶକ୍ତିକରଣକୁ ପାରମ୍ପରିକ ଅଣକୁଶଳୀ / ଅର୍ଦ୍ଧକୁଶଳୀ ଅର୍ଥନୈତିକ କାର୍ଯ୍ୟକଳାପ ଜରିଆରେ ଉଚ୍ଚ-ବୈଷୟିକ ଏବଂ ପରିଚାଳନାଗତ ସ୍ତରକୁ ନେଇଯାଇଛି, ଯାହାକି ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଉଦାହରଣ ଭାବରେ ଉଭା ହୋଇଛି ।

# ସାରା ରାଜ୍ୟରେ ପ୍ରବଳ ବର୍ଷା ଜାରି: ପୁରୀରେ ସର୍ବାଧିକ ୩୪୧ ମିଲିମିଟର ବର୍ଷା

ଭୁବନେଶ୍ୱର,୧୩/୯ (ନି.ପ୍ର): ସାରା ରାଜ୍ୟରେ ଗତକାଲି ଠାରୁ ପ୍ରବଳ ବର୍ଷା ଜାରି ରହିଛି। ଏହାର ପରିମାଣସ୍ୱରୂପ ପୁରୀରେ ସର୍ବାଧିକ ୩୪୧ ମିଲିମିଟର ବର୍ଷା ହୋଇଛି। ୮୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛି ପୁରୀ। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୧୨ ତାରିଖ ସକାଳ ୮ଟା ୩୦ରୁ ୧୩ ତାରିଖ ୮ଟା ୩୦ ମଧ୍ୟରେ ପୁରୀରେ ସର୍ବାଧିକ ୩୪୧ ମିଲିମିଟର , ପାରାଦୀପରେ ୨୧୯ ମିଲିମିଟର, ଭୁବନେଶ୍ୱରରେ ୧୯୫ ମିଲିମିଟର, ବାଲେଶ୍ୱରରେ ୨୪, ଚାନ୍ଦବାଲିରେ ୪୬ ଓ ଗୋପାଳପୁରରେ ୬୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।କଟକ ଓ ଭୁବନେଶ୍ୱର ସହରବାସୀଙ୍କୁ ଆସନ୍ତା ୬ ଘଣ୍ଟା ପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏଠାରେ ଘଣ୍ଟାକୁ ୨ରୁ ୩ ସେମି ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆକଳନ କରାଯାଇଥିବାର ସୂଚନା ମିଳିଛି। ଟ୍ୱିନ୍ ସିଟିର ତଳିଆ ଅଞ୍ଚଳ ଜଳମଗ୍ନ ହୋଇପାରେ। ଏଣୁ ଜଳ ନିଷ୍କାସନ ଲାଗି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏପରିକି ଘରୁ ବାହାରକୁ ନ ଯିବା ଲାଗି ବି ପାଣିପାଗ କେନ୍ଦ୍ର ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ୧୯୫୮ ମସିହା ସେପଟ୍ଟେମ୍ବର ୯ ତାରିଖରେ ୨୪ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ସର୍ବାଧିକ ୧୬୩.୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ତା'ପରେ ରାଜ୍ୟ ରାଜଧାନୀରେ ଦିନକରେ ଏତେ ପରିମାଣର ବୃଷ୍ଟିପାତ ହୋଇଥିବାର ରେକର୍ଡ ନାହିଁ। ଉଲ୍ଲେଖଯୋଗ୍ୟ, ରବିବାର ସକାଳୁ ରାତି ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନର୍ଗଳ ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇ ବହୁ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଉଠା ଦୋକାନଠାରୁ ଆରମ୍ଭ କରି ନାମୀଦାମୀ ସୋ'ରୁମ୍ ଗୁଡ଼କ ମଧ୍ୟ ବର୍ଷାପାଣି ଘେରରେ ରହିଛି। ବର୍ଷା ପାଣି ସ୍ରୋତରେ ବାଇକ୍ ଓ କାର ଭଳି ଯାନ ସବୁ କାଗଜଡଙ୍ଗା ଭାସିବା ଭଳି ଭାସୁଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଥିଲେ। ପାଣିପାଗ ବିଭାଗ କହିବା ଅନୁସାରେ, ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ତତ୍ ?ସଂଲଗ୍ନ ଓଡ଼ିଶା ଉପକୂଳକୁ ଆଚ୍ଛାଦିତ କରିଥିବା ଲଘୁଚାପ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୫ କିଲୋମିଟର୍ ବେଗ ପବନ ସହ ଗତିକରି ସେପଟ୍ଟେମ୍ବର ୧୨ ତାରିଖ ରାତି ୧୧.୩୦ ସୁଦ୍ଧା ଚାନ୍ଦବାଲିର ଦକ୍ଷିଣପୂର୍ବକୁ ୬୦ କିଲୋମିଟର ଏବଂ ପାରାଦୀପର ଉତ୍ତର-ଉତ୍ତରପୂର୍ବକୁ ୪୦ କିଲୋମିଟର ଅଞ୍ଚଳ ମଧ୍ୟରେ କେନ୍ଦ୍ରୀଭୂତ ହୋଇ ରହିଥିଲା। ଆଜି ସକାଳ ସୁଦ୍ଧା ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ମୁହାଁଇ ଚାନ୍ଦବାଲିର ଦକ୍ଷିଣ ପାର୍ଶ୍ୱ ନିକଟ ଦେଇ ଉତ୍ତର ଓଡ଼ିଶା ଉପକୂଳ ଅତିକ୍ରମ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଲଘୁଚାପ ଆହୁରି ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଯାତ୍ରା ଜାରି ରଖି ଉତ୍ତର ଓଡ଼ିଶା, ଉତ୍ତର ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଅତିକ୍ରମ କରିବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା କ୍ରମଶଃ ଦୁର୍ବଳ ହୋଇ ଅବପାତ ପାଲଟିଯିବ। ଲଘୁଚାପ ପ୍ରଭାବରେ ଆଜି ମଧ୍ୟ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳରେ ତୁହାକୁ ତୁହା ବର୍ଷା ଓ ବତାସ ଲାଗି ରହିଛି।

### ବିଦଗ୍ଧ ଚିନ୍ତାମଣିରେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଫଳରେ ପୃଥିବୀ ଅନ୍ଧକାରାଚ୍ଛନ୍ନ ହେଲା, ଦେବତାଗଣ ଭୀତ ହେଲେ। ଇନ୍ଦ୍ର ଦେବତାଗଣଙ୍କ ସହ ମିଶି ପ୍ରଭୁ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ଦେବଗଣଙ୍କୁ ଆଶ୍ୱାସନା ଦେଇ ସୂର୍ଯ୍ୟଙ୍କୁ ଦର୍ଶନ ଦେଇ ବିଷ୍ଣୁ କହିଲେ ' ହେ ଦିବାକର ! ତୁମେ ତପସ୍ୟାରେ ସିଦ୍ଧି ଲାଭ କରିଛ ଓ ତୁମେ ବର ପ୍ରାର୍ଥନା କର। ସୂର୍ଯ୍ୟଦେବ କହିଲେ ପ୍ରଭୁ ! ମୋତେ ଗୋଟିଏ ଗୁଣବତୀ କନ୍ୟାର ବର ଦିଅନ୍ତୁ ଏବଂ ଆପଣ ଚିରଦିନ ସେହି କନ୍ୟାପ୍ରତି ବଶୀଭୂତ ରହିବେ। ଏହା ବ୍ୟତୀତ ମୋର ଆଉ କିଛି ଇଚ୍ଛା ନାହିଁ। ବିଷ୍ଣୁ ' ତଥାସ୍ତୁ ' କହି କହିଲେ ହେ ସୂର୍ଯ୍ୟଦେବ, ତୁମେ ବୃନ୍ଦାବନରେ ବୃଷଭାନୁ ରାଜା ନାମରେ ଜନ୍ମ ଗ୍ରହଣ କରିବ। ଶ୍ରୀରାଧା ତୁମର କନ୍ୟାରୂପେ ଅବତୀର୍ଣ୍ଣ ହେବେ। ବିଷ୍ଣୁଙ୍କ କଥା ଅନୁସାରେ ଶ୍ରୀହରି ମଥୁରାରେ ଜନ୍ମଗ୍ରହଣ କରି ନନ୍ଦାଳୟକୁ ଆସିଲେ। ସୂର୍ଯ୍ୟଦେବ ବୈଶ୍ୟ କୁଳରେ ବୃଷଭାନୁ ନାମରେ ଜନ୍ମ ଗ୍ରହଣ କଲେ। ଯଥା କାଳେ ଗୋପକନ୍ୟା କୀର୍ତ୍ତିଦାଙ୍କ ସହିତ ବୃଷଭାନୁଙ୍କର ବିବାହ ହେଲା, ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ବିଶାଖା ନକ୍ଷତ୍ରରେ କୀର୍ତ୍ତିଦାଙ୍କ ଗର୍ଭରେ ରାଧିକା ଜନ୍ମଗ୍ରହଣ କଲେ। ଗୋପଗୋପୀ ଗଣ ଆନନ୍ଦରେ ଶ୍ରୀରାଧାଙ୍କ ଜନ୍ମ ପାଳନ କରିଥିଲେ। କାଳକ୍ରମେ ଶ୍ରୀରାଧା ଚନ୍ଦ୍ରସେଣା ନାମକ ଜଣେ ଗୋପାଳଙ୍କୁ ବିବାହ କଲେ, କିନ୍ତୁ ସେ ପରମପୁରୁଷ ଜ୍ଞାନରେ ଶ୍ରୀକୃଷ୍ଣଙ୍କ ସହ ବିହାର କଲେ, ତେଣୁ ଶ୍ରୀକୃଷ୍ଣଙ୍କର କରୁଣା ଲାଭ ପାଇଁ ଶ୍ରୀରାଧାଙ୍କ ଜନ୍ମଦିନକୁ ' ଶ୍ରୀରାଧାଷ୍ଟମୀ ' ଭାବରେ ପାଳନ କରାଯାଏ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

## ଗଛ ପଡ଼ି ୩ ବଖରା ଘର ସହ ଲକ୍ଷାଧିକ ଟଙ୍କାର ସଂପତ୍ତି ନଷ୍ଟ

ନୀଳଗିରି,୧୩/୦୯ (ନି.ପ୍ର): ଲଗାଣ ବର୍ଷାରେ ନୀଳଗିରି ବ୍ଲକ ଅନ୍ତର୍ଗତ କାଂଶ ଗ୍ରାମର ରଂଜନ ଖମାରୀଙ୍କ ଘର ଉପରେ ଏକ ବରଗଛ ଭୂଷୁଡ଼ି ପଡ଼ିବାରୁ ୩ଟି ପରିବାରର ଘର ଭାଙ୍ଗିବା ସହିତ ଲକ୍ଷାଧିକ ଟଙ୍କାର ସଂପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ସକାଳେ ୩ଟି ପରିବାରର ସମସ୍ତେ ଖାଉଥିବା ବେଳେ ହଠାତ୍ ଘର ଉପରେ ଗଡ଼ିପଡ଼ିଥିଲା ଏକ ପୁରାତନ ବରଗଛ ପଡ଼ିବା ସମୟରେ ସମସ୍ତେ ଦୌଡ଼ି ଘର ବାହାରକୁ ପଳେଇ ଆସିବାରୁ ଅଳ୍ପକେ ସମସ୍ତଙ୍କ ଜୀବନ ବଂଚିଯାଇଥିଲା । ୩ଟି ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ନିୟମ ଅନୁଯାୟୀ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ କାଳିଆ ମହାଳିକ ସହିତ ଗ୍ରାମବାସୀମାନେ ଦାବୀ କରିଛନ୍ତି । ଘଟଣା ସଂପର୍କରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ ତଦନ୍ତ କରି ସରକାରୀ ନିୟମ ଅନୁଯାୟୀ ସାହାଯ୍ୟ ସହଯୋଗ କରାଯିବ ବୋଲି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆବାସ ଦୁର୍ନୀତିରେ ନିଲମ୍ବିତ....

ଆଜି ତାଙ୍କ ବାଲେଶ୍ୱର ରାଣୀପାଟଣା ସ୍ଥିତ ଘର ସମେତ ୩ଟି ସ୍ଥାନରେ ଚଢ଼ଉ କରିଥିଲା। ୨ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟରଙ୍କୁ ନେଇ ଗଠିତ ୪ଟି ଟିମ୍ ଭଦ୍ରକ ଓ ବାଲେଶ୍ୱରର ବିଭିନ୍ନ ସ୍ଥାନରେ ରେଡ୍ କରିଥିଲା। ଏହାସହ ଅଭିଯୁକ୍ତ ପ୍ରଭାକର ପ୍ରଧାନଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରିଥିଲା। ପ୍ରଭାକର ପ୍ରଧାନଙ୍କ ସମେତ ତାଙ୍କ ପତ୍ନୀ, ମାଆ ଓ ଅନ୍ୟଜଣେ ସମ୍ପର୍କୀୟଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ପ୍ରଭାକର ଏମାନଙ୍କ ଆକାଉଣ୍ଟକୁ ୨୦ ଲକ୍ଷ ୨୫ ହଜା ଟଙ୍କା ଟ୍ରାନ୍ସଫର କରିଥିବା ଅଭିଯୋଗ ହୋଇଥିଲା। ପ୍ରଭାକର ଭଦ୍ରକ ତିହିଡ଼ି ବ୍ଲକରେ କିରାଣି ଓ କ୍ୟାସିଅର ଥିବା ବେଳେ ୨୦୧୬-୧୭ ଓ ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ଦୁର୍ନୀତି ହୋଇଥିଲା। ପ୍ରଭାକର ଏବେ ବାସୁଦେବପୁର ବ୍ଲକର କିରାଣି ଥିବା ବେଳେ ଦୁଇ ଦିନ ପୂର୍ବରୁ ଭଦ୍ରକ ଜିଲ୍ଲାପାଳ ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ।

### ଧରାପଡ଼ିଲା ସାଇବର ଠକେଇ....

ପାରିଲେ କି ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଯାଇଛି। ସେ ତୁରନ୍ତ କେସିଙ୍ଗା ପୁଲିସ ଷ୍ଟେସନରେ ଏତଲା ଦେଇଥିଲେ। କଳାହାଣ୍ଡି ପୁଲିସ ତତ୍ପରତା ଦେଖାଇ ତଦନ୍ତ କରିଥିଲା। ପୁଲିସ୍ ଠକେଇ ଅଭିଯୋଗରେ ଝାରଖଣ୍ଡ ଜାମତରାରୁ ୩ ଜଣ ପେସାଦାର ସାଇବର ଠକଙ୍କୁ ଗିରଫ କରିଥିଲା। ଗିରଫ ତିନି ଅଭିଯୁକ୍ତ ପୂର୍ବରୁ ପ୍ରାୟ ୫୦ ଲକ୍ଷ ଉର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ କରିଥିବା ପ୍ରାଥମିକ ତଦନ୍ତ ଜଣାପଡିଛି। କୋରିଆରରୁ ସାମଗ୍ରୀ ଛଡାଇବା ପାଇଁ ଗ୍ରାହକ ମାନଙ୍କ ସର୍ବିଶେଷ ତଥ୍ୟ ନେଇ ଟାର୍ଗେଟ କରୁଥିଲେ ସାଇବର ଠକ। କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ଶ୍ରବଣ ବିବେକ ଏମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ଝାରଖଣ୍ଡରେ ଉକ୍ତ ସାଇବର ଠକ ଗ୍ୟାଙ୍ଗକୁ ଠାବ କରିଥିଲା।

### ପ୍ରକାଶ ପାଇଲା ଯୁକ୍ତ ୨....

ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଆବେଦନ ଚାଲିଥିଲା । ଆଜି ମେରିଟ ଲିଷ୍ଟ ପ୍ରକାଶ ପରେ ୧୪ ରୁ ୨୧ ତାରିଖ ମଧ୍ୟରେ ନାମଲେଖା ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ୨୭ ତାରିଖରେ ବାହାରିବା ପରେ ୨୯ ରୁ ଅକ୍ଟୋବର ୧ ତାରିଖ ମଧ୍ୟରେ ନାମଲେଖା ହେବ। ଏହି ଦୁଇଟି ପର୍ଯ୍ୟାୟ ନାମଲେଖା ପରେ ବଳକା ସିଟ ପାଇଁ ଅକ୍ଟୋବର ୪ ରେ ତାଲିକା, ୫ ସୁଦ୍ଧା ପଞ୍ଜିକରଣ ଏବଂ ମେରିଟ ଲିଷ୍ଟ ପରେ ଅକ୍ଟୋବର ୭ ତାରିଖରେ ନାମଲେଖା ହେବ।

## ଅଙ୍ଗନବାଡ଼ି ସହାୟିକାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୩/୦୯ (ନି.ପ୍ର): ବାଲେଶ୍ୱର ପୌରାଞ୍ଚଳର ହ୍ୱାଇଟ ହାଉସ ଗଳି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟରତ ସହାୟକା ସରସ୍ୱତୀ ନାୟକଙ୍କ ବିୟୋଗରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଢୁଆଁପଦାସ୍ଥିତ ଉଠା ଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏଆଇଟିୟୁସିର ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସଙ୍ଘର ସାଧାରଣ ସମ୍ପାଦିକା ଗୌରୀ ଦାସ, ପୌରାଞ୍ଚଳ ସଭାପତି ଶ୍ୟାମସୁନ୍ଦର ଜେନା ଓ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖଙ୍କ ସମେତ ନୟନା ଜେନା, ସୁନନ୍ଦା ତାଲଦି ଓ ରେବତୀ ପାଠକ ପ୍ରମୁଖ ଏଥିରେ ଯୋଗଦେଇ ଦିବଂଗତ ସହାୟିକା ସରସ୍ୱତୀଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ସହାୟିକା ଭାବେ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁ ଓ ଅଭିଭାବକଙ୍କର ସରସ୍ୱତୀ ଆଦରଣୀୟା ଥିଲେ ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ କହିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଏହି ସଭାରେ ଦାବି କରାଯାଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ଦୁଇ ମିନିଟ ନିରବ ପ୍ରାର୍ଥନା ସହ ସମସ୍ତେ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ପୌରାଞ୍ଚଳ ସଫେଇ କର୍ମଚାରୀ ସଂଖ୍ୟା ହ୍ରାସକୁ ନେଇ ପ୍ରତିବାଦ : ଜିଲ୍ଲାପାଳଙ୍କଠାରେ ସଫେଇ କର୍ମଚାରୀ ସଂଘର ଫେରାଦ



ବାଲେଶ୍ୱର,୧୩/୦୯ (ନି.ପ୍ର): ସଫେଇ କାର୍ଯ୍ୟ ଟେଣ୍ଡରରେ କର୍ମଚାରୀ ସଂଖ୍ୟା ହ୍ରାସ ପାଇଁ ପୌର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସଫେଇ କର୍ମଚାରୀମାନେ। ଏନେଇ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କଠାରେ ଆପତ୍ତି କରାଯାଇଛି। ସଫେଇ କର୍ମଚାରୀ ସଂଘର ଅଭିଯୋଗ ଅନୁସାରେ ସମ୍ପ୍ରସାରଣଶୀଳ ବାଲେଶ୍ୱର ସହରର ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରତି ୱାର୍ଡ଼ ପାଇଁ ୧୦ ଜଣ ଲେଖାଏଁ ସଫେଇ କର୍ମଚାରୀ ନିଯୁକ୍ତି ନିମନ୍ତେ ୨୦୧୩ ମସିହାରେ ତତ୍କାଳୀନ ପୌର ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ କରିଥିଲେ। ସେହିକ୍ରମରେ ପୌରପାଳିକାର ୩୧ ଗୋଟି ୱାର୍ଡ଼ ପାଇଁ ୩୧୦ ଜଣ ସଫେଇ କର୍ମଚାରୀ ନିଯୁକ୍ତ ସହ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନୂତନ ଠିକାଦାର ମଧ୍ୟ ସମାନ ସଂଖ୍ୟକ ସଫେଇ କର୍ମଚାରୀ ନିଯୁକ୍ତି ସହ କାର୍ଯ୍ୟ ଜାରି ରଖିଥିଲେ। ଦୀର୍ଘଦିନରୁ ସଫେଇ ଠିକାଦାରଙ୍କ ଚୁକ୍ତି ଶେଷ ହୋଇଥିବା ବେଳେ ୩ ବର୍ଷ ଧରି ପୌର ପରିଷଦର କାର୍ଯ୍ୟକାଳ ବି ଶେଷ ହୋଇଛି। ଇତିମଧ୍ୟରେ ସହରର ଲୋକସଂଖ୍ୟା ବୃଦ୍ଧି ପାଇଥିବା ବେଳେ ସେଥିପ୍ରତି ପୌର କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେଇ ସଫେଇ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ ନେଉଥିବା ସଂଘ ପକ୍ଷରୁ ଆରୋପ କରାଯାଇଛି। ଗତ ୨୬ ତାରିଖରେ ୬୨୨୫ ନଂ ବିଜ୍ଞପ୍ତିରେ ପୌର ନିର୍ବାହୀ ଅଧିକାରୀ ଅଧିକାରୀ ମାତ୍ର ୧୧୯ ଜଣ ସଫେଇ କର୍ମଚାରୀ ପାଇଁ ଟେଣ୍ଡର ଆହ୍ୱାନ କରିଥିବା ସେମାନେ କହିଛନ୍ତି। ସଫେଇ କର୍ମଚାରୀଙ୍କ ଜୀବନ ଜୀବିକା ପ୍ରତି ପୌର ପ୍ରଶାସନର ଏହି ଉଦାସୀନତା କେବେ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ସେମାନେ ଆରୋପ କରିଛନ୍ତି। ସହରର ଜନ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ନିର୍ବାହୀ ଅଧିକାରୀ ପୂର୍ବର ୩୧୦ କିମ୍ବା ତା'ଠାରୁ ଅଧିକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ପାଇଁ ସଫେଇ କର୍ମଚାରୀମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପ୍ରମିଳା ବେହେରା, ରାଣିଆ ବେହେରା, ସୁମିତ ନାୟକ, ମାଧୁରୀ ନାୟକ ପ୍ରମୁଖଙ୍କ ସମେତ ବହୁ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

## ନିରାମୟ ଔଷଧରେ ବାହାରିଲା ମଲା ସାପ ଭଳି ଜିନିଷ



ବାରିପଦା,୧୩/୦୯ (ନି.ପ୍ର): ବାରିପଦା ପିଆରଏମ ହସ୍ପିଟାଲ ବିରୁଦ୍ଧରେ ଆସିଲା ସଙ୍ଗୀନ ଅଭିଯୋଗ । ନିରାମୟରୁ ମିଳିଥିବା ମେଡିସିନ ବୋତଲରୁ ବାହାରିଲା ସାପ ଭଳି ଦେଖା ଯାଉଥିବା ଜିନିଷ । ସୂଚନା ଅନୁଯାୟୀ ବାରିପଦା ସୁନଗଡ଼ିଆ ନିବାସୀ ସେକ ସେରାଜୁଲ ନିଜ ୩ବର୍ଷର ଛୁଆର ଦେହ ଖରାପ ଥିବାରୁ ପିଆରଏମ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ । ଡାକ୍ତର ଛୁଆକୁ ଦେଖି ସାରିବା ପରେ ମେଡିସିନ ପ୍ରେସକ୍ରିପ୍ସନ କରିଥିଲେ । ପ୍ରେସକ୍ରିପସନ ମୁତାବକ ନିରାମୟରୁ ଔଷଧ ଆଣିଥିଲେ ସେକ ସେରାଜୁଲ । ଛୁଆକୁ ଔଷଧ ଖୁଆଇ ପାଇଁ ଯାଉଥିବା ସମୟରେ ସେ କିଛି ସାପ ଛୁଆ ଭଳି ଜିନିଷ ସେହି ଔଷଧ ବୋତଲ ଭିତରେ ଥିବାର ଦେଖିବାକୁ ପାଇଥିଲେ । ଏବଂ ସେହି ଔଷଧକୁ ନେଇ ଡାକ୍ତରଙ୍କୁ ମଧ୍ୟ ଦେଖାଇଥିଲେ । ଡାକ୍ତର ବାବୁ ସେହି ଔଷଧକୁ ଦେଖି ମେଡିସିନକୁ ଫିଙ୍ଗି ଦେବାପାଇଁ କହିଥିଲେ । ନିରାମୟରେ ଅଭିଯୋଗ କରିବାରୁ ସେମାନେ ମଧ୍ୟ କିଛି ଶୁଣି ନଥିଲେ । ତେଣୁ ଶେଷରେ ବାଧ ହୋଇ ଥାନାରେ ଲିଖିତ ଭାବରେ ଘଟଣା ସମ୍ପର୍କରେ ଜଣାଇଥିବାର କହିଛନ୍ତି ସେକ ସେରାଜୁଲ ।

## ଓଡିଶା ସାହିତ୍ୟ ଏକାଡ଼େମୀ ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷ ପୁରସ୍କାର ବିତରଣ

ଭଦ୍ରକ,୧୩/୦୯ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡ଼େମୀ ସ୍ୱନକ୍ଷତ୍ର ଦିବସ ୨୦୨୧ ପାଳନ ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ ଉପଲକ୍ଷେ ଆଜି ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଓଡିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ତଥା ଧାମନଗର ମହାବିଦ୍ୟାଳୟର ଅଧକ୍ଷ ପବିତ୍ର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉଲ୍ଲେଖଯୋଗ୍ୟକି ବାସୁଦେବପୁର ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ସ୍ୱାତୀଶ୍ରୀ ସଞ୍ଚିତା ବାରିକ କନିଷ୍ଠ ବର୍ଗରେ ସାହିତ୍ୟ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତାରେ ରାଜ୍ୟସ୍ତରରେ ପ୍ରଥମ ହୋଇ ଜିଲ୍ଲାର ଗୌରବ ବଢ଼ାଇଥିଲେ । ପ୍ରକାଶଯୋଗ୍ୟକି ୬ଷ୍ଠ ରୁ ୭ମ କନିଷ୍ଠ ବର୍ଗ ଓ ୮ମ ରୁ ୧୦ମ ବରିଷ୍ଠ ବର୍ଗରେ ସାହିତ୍ୟ ସମ୍ପର୍କିତ ବକ୍ତୃତା, ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ଓ ଦେଶାତ୍ମବୋଧକ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୨୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ରାଜ୍ୟ ସ୍ତରରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ଦୁଇହଜାର ଟଙ୍କା ସହିତ ରାଜ୍ୟ ସ୍ତରରୁ ତାଙ୍କ ପାଇଁ ଆସିଥିବା ପୁରସ୍କାର ଓ ଜିଲ୍ଲା ପ୍ରଶାସନ ତରଫରୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ଆୟୋଜନ ନେଇ ପ୍ରସ୍ତୁତି ବୈଠକ

ଭଦ୍ରକ,୧୩/୦୯ (ନି.ପ୍ର): ଜିଲ୍ଲା କଳା ସଂସ୍କୃତି ସଂଘ, ନଗରକଳା ସଂସ୍କୃତି ସଂଘ ଓ ଜିଲ୍ଲାର ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କୁ ନେଇ ଆଜି ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ଆବାହକ ତଥା ସଂଯୋଜକ ଭାବେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏହି ପ୍ରତିଯୋଗିତା ଆୟୋଜନ ନେଇ ସରକାରୀ ନିୟମାବଳୀ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ମାର୍ଗ ଦର୍ଶନରେ ସମସ୍ତ ସଭ୍ୟଙ୍କ ମତାମତ ନେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଷ୍ପତ୍ତି ନିଆଯାଇଥିଲା । ନିଷ୍ପତ୍ତି ଅନୁଯାୟୀ ପ୍ରଥମେ ବ୍ଲକ ଓ ଭଦ୍ରକ ନଗର ସ୍ତରରେ ଏହି ପ୍ରତିଯୋଗିତା କରାଯାଇ ଅତିବେଶୀରେ ୨ଟି ଲେଖାଏଁ ସର୍ବୋତ୍କୃଷ୍ଟ ଦଳ ଚୟନ କରାଯାଇ ଜିଲ୍ଲାସ୍ତରକୁ ପଠାଯିବ। ସେପ୍ଟେମ୍ବର ୨୫ରେ ବ୍ଲକସ୍ତରରେ ଓ ସେପ୍ଟେମ୍ବର ୨୮ରେ ଜିଲ୍ଲାସ୍ତରରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ଜୁରୀ କିଟି ଜରିଆରେ ଜିଲ୍ଲାସ୍ତରରୁ ୩ ଦଳ ଚୟନ କରାଯିବ , କେବଳ ଲୋକକଳା ଦଳମାନେ ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ । ଜିଲ୍ଲା କଳାସଂସ୍କୃତି ସଂଘର ଉପସଭାପତି ସୁବାଷ ଚନ୍ଦ୍ର ମଲ୍ଲିକ, ନଗର କଳାସଂସ୍କୃତି ସଂଘର ଉପସଭାପତି ନରେନ୍ଦ୍ର ପ୍ରସାଦ ପରିଡ଼ା ଏବଂ ବ୍ଲକ କଳା ସଂସ୍କୃତି ସଂଘ ବାସୁଦେବପୁରର ସନାତନ ପୁରୀ, ଚାନ୍ଦବାଲିର ତ୍ରିଲୋଚନ ପଣ୍ଡା, ତିହିଡ଼ିର ସତ୍ୟବ୍ରତ ତ୍ରିପାଠୀ, ଭଣ୍ଡାରିପୋଖରୀର ରବିନ୍ଦ୍ର କୁମାର ଜେନା, ଭଦ୍ରକର ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଏବଂ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଲଗାଣ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବୃଦ୍ଧି

ଭୁବନେଶ୍ୱର,୧୩/୦୯ (ନି.ପ୍ର): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଦେବୀ , ଇବ୍ , ବ୍ରାହ୍ମଣୀ , ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା , ବଂଶଧାରା, ଋଷିକୁଲ୍ୟା ଓ ଜଳକା ଆଦି ନଦୀ ଫୁଲୁଛି। ମଥାନୀ ଠାରେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସୋମବାର ସଂଧ୍ୟା ୬ ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜଳକା ନଦୀ ଜଳସ୍ତର ୫.୬୮ ମିଟର ରହିଛି। ସେହିପରି ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସଂଧ୍ୟା ୬ ଟା ସୁଦ୍ଧା ୬୨୫.୧୦ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ୧,୬୭,୮୮୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୨୧,୫୦୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତେବେ ଜଳ ଭଣ୍ଡାରର ସମସ୍ତ ଗେଟ୍ ବନ୍ଦ ରହିଛି। ଖଇରାମାଳ ଠାରେ ୧,୧୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳ ଠାରେ ୧,୫୫,୦୦୦ ଓ ମୁଣ୍ଡଳି ଠାରେ ୭୮,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

## ନୀଳଗିରି ଅଞ୍ଚଳରୁ ୧୨ ବାଇକ ଜବତ : ୨ଅଟକ

ନୀଳଗିରି,୧୩/୦୯ (ନି.ପ୍ର): ମୟୂରଭଞ୍ଜ ରୁ ନୀଳଗିରି ପର୍ଯ୍ୟନ୍ତ ବାଇକ ଲୁଟେରା ମାନେ ଅତି ଚତୁରତାର ସହିତ ବାଇକ ଲୁଟି ନୀଳଗିରି ଥାନା ଅର୍ନ୍ତଗତ ବିଭିନ୍ନ ଗାଁରେ ଲୁଚାଇ ରଖିଥିଲେ । ଏ ନେଇ ଖୁଣ୍ଟା ପୋଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଥିଲା । ଦୀର୍ଘ ଦିନ ଧରି ଖୁଣ୍ଟା, କପ୍ତିପଦା, ଉଦଳା ଅଞ୍ଚଳରୁ ୪୦ରୁ ଉର୍ଦ୍ଧ୍ୱ ବାଇକ ଚୋରି ନେଇ ପ୍ରାୟ ୧୦ରୁ ଅଧିକ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ ତାର ଖିଅ ପାଉ ନ ଥିଲା । ଖୁଣ୍ଟା ଆଇ.ଆଇ.ସି. ସ୍ୱର୍ଣ୍ଣଲତା ମିଞ୍ଜ ଏ ନେଇ ୨୬୯/୨୧, ତା.୧୩.୯.୨୧ରିଖ ଅଚାନକ କପ୍ତିପଦା, ଉଦଳା ଅଞ୍ଚଳରେ ଚଢ଼ାଉ କରିବା ସହିତ ପୂର୍ବାହ୍ନରେ ନୀଳଗିରି ଥାନା ଅଧୀନସ୍ଥ ଅଯୋଧ୍ୟା, କାଂଶ, ପୁନ୍ଦାଳ, ପ୍ରତାପପୁର, ଅଞ୍ଚଳରେ ଚଢ଼ାଉ କରି ୧୨ଟି ବାଇକ ଜବତ କରିଥିବା ବେଳେ କପ୍ତିପଦା - ଉଦଳା ଅଞ୍ଚଳରୁ ୫ଟି ବାଇକ ଜବତ କରିଥିବା ଜଣାପଡ଼ିଛି । ବାଇକ ଚୋରି ଅଭିଯୋଗରେ ନୀଳଗିରି ଥାନା ଅଞ୍ଚଳରୁ ୨ଜଣ ଯୁବକକୁ ଖୁଣ୍ଟା ପୋଲିସ ଉଠାଇ ନେଇଥିବା ଜଣାପଡ଼ିଛି । ଖୁଣ୍ଟା ଆଇ.ଆଇ.ସି. ଙ୍କ ନେତୃତ୍ୱରେ ୨ଟି ଟିମରେ ୧୨ଜଣ କର୍ମଚରୀ ନୀଳଗିରି ସମେତ ଖୁଣ୍ଟା, କପ୍ତିପଦା, ଉଦଳା ଅଞ୍ଚଳରେ ଚଢ଼ାଉ କରିଥିବା ଜଣାପଡ଼ିଛି । ଏହି ଚଢ଼ାଉରେ ଏ.ଏସ.ଆଇ. ସୌମ୍ୟରଂଜନ ଧଳ, କନେଷ୍ଟବଳ ଜେ.କେ.ରାଉତ, ଏସ.ସି. ସିଂ, ସମେତ ଏ.ପି.ଆର. ଫୋର୍ସ ସାମିଲ ଥିବା ଜଣାପଡ଼ିଛି । ଘଟଣା ସଂପର୍କରେ ଖୁଣ୍ଟା ଆଇ.ଆଇ.ସି. ସ୍ୱର୍ଣ୍ଣଲତା ମିଂଜ କୁ ପଚାରିବାରୁ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବାଇକ ଚୋରି ହୋଇଛି । ଏ ନେଇ ବର୍ତ୍ତମାନ ତଦନ୍ତ ଚାଲିଛି । ଖୁବ୍ ଶୀଘ୍ର ବାଇକଚୋରି ରାକେଟରେ ପର୍ଦ୍ଦାଫାସ କରିବାରେ ଖୁଣ୍ଟା ପୋଲିସ ସଫଳ ହେବ ବୋଲି ପ୍ରକାଶ କରିଛନ୍ତି ।

## ଉପେକ୍ଷିତ ସାମିଲ ନୂଆଗାଁ ପଡ଼ାକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

ବାଲେଶ୍ୱର,୧୩/୦୯ (ନି.ପ୍ର): ଦୀର୍ଘଦିନ ଧରି ଅବହେଳିତ ହୋଇ ଆସୁଥିବା ରେମୁଣା ତହସିଲ ଅନ୍ତର୍ଗତ ନୂଆଗାଁ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ। ସେମାନଙ୍କ ଆପତ୍ତି ଅନୁସାରେ ରେମୁଣା ତହସିଲ ଅନ୍ତର୍ଗତ ବାହାର୍ଦ୍ଦା ରାଜସ୍ୱ ଗ୍ରାର ସାମିଲ ପଡ଼ା ଭାବେ ନୂଆଗାଁ ପରିଚିତ ହୋଇ ଆସୁଥିଲା। ଏହି ପଡ଼ାରେ ପୂର୍ବରୁ ଥିବା ପରିବାର ସଂଖ୍ୟା ଏବେ ବୃଦ୍ଧି ପାଇ ଶହେ ଟପି ଥିବା ବେଳେ ଗ୍ରାମବାସୀମାନେ ପ୍ରତିଟି କ୍ଷେତ୍ରରେ ଉପେକ୍ଷିତ ହୋଇ ଚାଲିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସରକାରୀ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ବାହାର୍ଦ୍ଦାବାସୀ ଜୋର ଜବରଦସ୍ତ ସିଂହଭାଗ ନେଉଥିବା ବେଳେ ନୂଆଗାଁକୁ ସବୁବେଳେ ଉପେକ୍ଷା କରାଯାଉଛି। ଏମିତିକି ଏହି ଗ୍ରାମର ଛୋଟ ଛୋଟ ପିଲାମାନେ ପାଠ ପଢ଼ିବାକୁ ୨ଗୋଟି ନାଳ ପାରି ହୋଇ ନିକଟସ୍ଥ ଚକୁଳିଆ ଗ୍ରାମର ସ୍କୁଲ ଯାଉଥିବା ବେଳେ ଅଙ୍ଗନବାଡ଼ି କେନ୍ଦ୍ରଟିଏ ନଥିବା ଯୋଗୁଁ ଶିଶୁଙ୍କ ସମେତ ଗର୍ଭବତୀ ଓ ପ୍ରସୂତିମାନେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ଗ୍ରାମବାସୀମାନେ କହିଛନ୍ତି। ସବୁ କ୍ଷେତ୍ରରେ ଲୋକଙ୍କୁ ବାହାର୍ଦ୍ଦା ଗ୍ରାମ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ତୁରନ୍ତ ଏହି ଗାଁ'କୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଗ୍ରାମବାସୀମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିଭୂପଦ ଦାସ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ପାଳ, ରଘୁନାଥ ଦାସ, ପରମାନନ୍ଦ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିପଦ ସଂକେତ ଉପରେ ପ୍ରବାହିତ ବସ୍ତାର ଦୁଃଖ ଜଳକା ନଦୀ



ବସ୍ତା,୧୩/୦୯ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲା ବସ୍ତାବ୍ଲକ ବାହାର୍ଦ୍ଦା ମଥାନୀ କୁଡିଆପଞ୍ଚାୟତ ମଧ୍ୟଦେଇ ପ୍ରବାହିତ ହେଉଛି ଜଳକା ନଦୀ , ।ମଥାନୀ ଛକ ନିକଟରେ ଥିବା ଇରିଗେସନ ଡିପାଟ ମେଣ୍ଟ ର ବିପଦ ସଙ୍କେତ ୫.୫୦ ମିଟର ଥିବାବେଳେ ଆଜି ସନ୍ଧ୍ୟା୬ ଟାରେ ୫.୬୮ମିଟରରେ ଜଳସ୍ତର ପ୍ରବାହିତ ହେଉଛି , ଯାହାଫଳରେ ବନ୍ୟା ଆସଙ୍କା କରାଯାଇଛି , ଗତ ଦୁଇ ଦିନ ଧରି ବର୍ଷା ଲାଗି ରହିଥିବାବେଳେ ନଦୀର ଉପର ମୁଣ୍ଡ ଯଥା ମୟୁରଭଞ୍ଜ ର ବାରିପଦା ସୂଳିଆପଦା ମାଣତିର ମାଣିଦା ରାସଗୋବିନ୍ଦପୁର ରେ ପ୍ରବଳ ବର୍ଷା ହୋଇଥିବାବେଳେ ସିଧା ସଳଖ ଏଇ ନଦୀରେ ସମସ୍ତ ବର୍ଷାପାଣି ଆସୁଥିବାଯୋଗୁ ଜଳକାରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଯଦି ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ ତାହାହେଲେ ବସ୍ତା ବ୍ଲକର ମଥାନି ବାହାର୍ଦା , ଦୁଧହଂସା , ସଦାନନ୍ଦପୁର , ବରୁଣଗଡିଆ , ଚକୁରାଇ, ଦରଡା, ଗଡ଼ପଦା, ରାଉତପଡା ସମେତ ସଦର ବ୍ଲକର ୨ ଟି ପଞ୍ଚାୟତ ପ୍ରଭାବିତ ହେବାର ଅନୁମାନ କରାଯାଇଛି। ତେବେ ବିଶେଷକରି ବାହାର୍ଦ୍ଦା, ମଥାନୀ ପଞ୍ଚାୟତର କେତୋଟି ଗାଁ ତଳତାପଣ୍ଡା .ମେଳକ. ପେଗରପଡା, ଧଳସାହି, ମଥାନୀ ସାମଲସାହି, ମହାପାତ୍ରସାହି, ସାନଖୁଡି, ଶିବଗଡିଆ, ଲକ୍ଷ୍ମଣାପଡା ଦାସ ସାହି, ସରକାସାହି, ବଡଖୁଡି ଗାଁର ଦୁଇପାର୍ଶ୍ୱ ଭେଡି ବନ୍ଧ ସ୍ଥାନେସ୍ଥାନେ ଦୁର୍ବଳ ହୋଇପଡିଛି ।ଦିର୍ଘଦିନରୁ ବାଲି ବସ୍ତା କରି ଆକଟ କରାଯାଇଥିଲା । ହେଲେ ଏବେ ସେହି ସ୍ଥାନ ଗୁଡିକ ଦୁର୍ବଳ ଅବସ୍ଥାରେ ରହିଛି ।ନଦୀର ପାଣିସ୍ତର ବଢିଲେ ବାହାଲ ବା ଭେଡିବନ୍ଧ ଭାଙ୍ଗିଲେ ବହୁ ଧନଜିବନ ନଷ୍ଟ ହେବ ବୋଲି ଅଞ୍ଚଳ ବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ରକ୍ତର ଅଭାବ ପୂରଣ ପାଇଁ ଜିଲ୍ଲା ବିଜେଡିର ଉଦ୍ୟମ

### ହଜାରେ ୟୁନିଟ ସଂଗ୍ରହ ଲକ୍ଷ୍ୟରେ ମେଗା ରକ୍ତଦାନ ଶିବିର ୧୫ରେ

ବାଲେଶ୍ୱର,୧୩/୦୯ (ନି.ପ୍ର): ଦ୍ୱିତୀୟ ଲହର କରୋନାରେ ବାଲେଶ୍ୱର ଜିଲା ରକ୍ତଭଣ୍ଡାରରେ ଦେଖା ଦେଇଥିବା ରକ୍ତର ଅଭାବକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ଜିଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା । ଏହି ସମସ୍ୟାର ଆଶୁ ସମାଧାନ ପାଇଁ ଆସନ୍ତା ୧୫ ତାରିଖ ବୁଧବାର ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା ସୂଚନା ଦେଇଛନ୍ତି। ଓଡ଼ିଶା ମୋ ପରିବାର, ଜୀବନ ବିନ୍ଦୁ ଅଭିଯାନ ଓ ବିଜେଡି ଜିଲା କମିଟିର ମିଳିତ ସହଯୋଗରେ ଓଟିରୋଡ଼ସ୍ଥିତ ବିଜେଡି ଜିଲା କାର୍ଯ୍ୟାଳୟ ପରିସରରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ଏହି ଶିବିର ସକାଳ ୮ଟାରୁ ଆରମ୍ଭ ହୋଇ ୬ଟା ପର୍ଯ୍ୟନ୍ତ ଚାଲିବ। ହଜାରେ ୟୁନିଟ ରକ୍ତ ସଂଗ୍ରହର ଲକ୍ଷ୍ୟନେଇ ଆୟୋଜିତ ହେବାକୁ ଯାଉଥିବା ଶିବିରରେ ବିଜୁ ଛାତ୍ର ଜନତା ଦଳ, ବିଜୁ ଯୁବ ଜନତା ଦଳ, ବିଜୁ ମହିଳା ଜନତା ଦଳ ସମେତ ବିଜେଡିର କର୍ମକର୍ତ୍ତା, ସମର୍ଥକମାନେ ରକ୍ତଦାନ କରିବେ। ବ୍ଲକ ସ୍ତରୀୟ କମିଟିର ଯୁବ କର୍ମକର୍ତ୍ତା ଓ ସଦସ୍ୟମାନେ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବେ ବୋଲି ଶ୍ରୀ ଜେନାଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମେଗା ରକ୍ତଦାନ ଶିବିରକୁ ସଫଳ କରିବାକୁ ସେ ସବୁ ମହଲରୁ ସହଯୋଗ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଚନ୍ଦ୍ର ପ୍ରଧାନ, ଆଲୋକ ସାହୁ, ଗୌରୀ କୁମାର ରାଉତ, ନରେନ୍ଦ୍ର ବିହାରୀ ଦାସ, ସିମନ ଦାସମହାପାତ୍ର, ବରଦା ପ୍ରସନ୍ନ ପଟ୍ଟନାୟକ, ଭୂବନାନନ୍ଦ ଦାସ, ଅଜୟ ସାମଲ, ଶତ୍ରୁଘ୍ନ ମଲିକ, ପ୍ରମୁଖ ବିଜେଡିର କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି



# ଛିନତାଇ, ଡକାୟତି ଓ ବଳାତ୍କାର କରି ଆତଙ୍କ ଖେଳାଉଥିବା ବବୁ ଗିରଫ

ନୀଳଗିରି,୧୩/୦୯ (ନି.ପ୍ର): ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ଜନୈକ ଯୁବକ ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଘଟଣାରେ ପୋଲିସ ଆଖିରେ ଧୂଳି ଦେଇ ଦୀର୍ଘଦିନ ଧରି ଫେରାର ଥିଲା । ଅଭିଯୁକ୍ତକୁ ଧରିବା ପାଇଁ ନୀଳଗିରି ପୋଲିସ ଜାଲ ବିଛାଇଥିଲା । ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ନୀଳଗିରି ପୋଲିସ ମୁଖ୍ୟ ଅଭିଯୁକ୍ତ ବବରୁ ଓରଫ କରୁଣାକର ମହାନ୍ତି (୩୨) କୁ ଗିରଫ କରିବାରେ ସଫଳ ହୋଇଛି । ସୂଚନା ଅନୁଯାୟୀ ଗତ ଜାନୁଆରୀ ୧୮ତାରିଖ ଦିନ ଖନ୍ତାପଡ଼ା ଥାନା ଅଧୀନ ଏକ ଗ୍ରାମରୁ ବୁଲିବାକୁ ଆସିଥିବା ଭାଇଭଉଣୀଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲା ଅଭିଯୁକ୍ତ ବବରୁ ଓରଫ କରୁଣାକର ମହାନ୍ତି । ପରେ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ କରିଥିଲା । ଏ ନେଇ ନୀଳଗିରି ଥାନା ପକ୍ଷରୁ ୨୮/୨୧ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ମୁଖ୍ୟ ଅଭିଯୁକ୍ତ ବବରୁ ଓରଫ କରୁଣାକର ଦୀର୍ଘ ଦିନ ଧରି ଆତ୍ମ ଗୋପନ କରିଥିବାରୁ ପୋଲିସ ତାର ଟେର ପାଉ ନ ଥିଲା । ଯାହାକୁ ନେଇ ନୀଳଗିରି ପୋଲିସ ଚିନ୍ତାରେ ଥିଲା । ଅଭିଯୁକ୍ତକୁ ଧରିବା ପାଇଁ ନୀଳଗିରି ଏସ.ଡି.ପି.ଓ. ରିତେଶ ମହାପାତ୍ରଙ୍କ ନିର୍ଦ୍ଦେଶରେ ଭାରପ୍ରାପ୍ତ ଆଇ.ଆଇ.ସି. ବାସୁଦେବ ଜୟସିଂ ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଚାନକ ଗୋପ ଅଞ୍ଚଳରେ ଅଚାନକ ଚଢ଼ାଉ କରି ଅଭିଯୁକ୍ତ ବବରୁ ଓରଫ କରୁଣାକର ଗିରଫ କରିବାରେ ସଫଳ ହୋଇଛି । ସୂଚନା ଥାଉକି ଅଭିଯୁକ୍ତ କରୁଣାକର ମହାନ୍ତିଙ୍କ ନାମରେ ନୀଳଗିରି ଥାନାରେ ୧୦.୦୩.୧୯, କେଶ୍ ନଂ.୨୮୯, ୬୫, ୨୯.୯.୨୦, କେଶ ନଂ. ୩୩୫, ୨୧.୧୧.୨୦, କେଶ ନଂ.୩୮୫ ବିଭିନ୍ନ ମାମଲାରେ ଯଥା ଡକାୟତି, ରାହାଜାନି, ଛିନତାଇ, ଅପହରଣ , ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଭଳି ସଂଗୀନ ଦଫା ତାଙ୍କ ନାମରେ ଥିବା ଏସ.ଡି.ପି.ଓ. ରିତେଶ ମହାପାତ୍ର ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ କନେଷ୍ଟବଳ ଅଭୟ ଦଳେଇ, ପ୍ରଦୀପ କୁମାର ନନ୍ଦୀ, ସହଦେବ ସିଂ, ଚରଣ ମାରାଣ୍ଡି, ଏସ.ଏଚ. ହେମ୍ବ୍ରମ, ସରୋଜିନୀ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

# ଗାନ୍ଧି ଜୟନ୍ତୀରେ ଧାରଣା ଦେବେ ସେବା ଟ୍ରଷ୍ଟର ସଦସ୍ୟ ବୃନ୍ଦ



ଉଦଳା,୧୩/୦୯ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଦସ୍ୟ ବୃନ୍ଦ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀ ଦିନ ଧାରଣାରେ ବସିବେ ବୋଲି ଜଣାଇଛନ୍ତି । ଘଟଣାରୁ ଜଣାଯାଏ ଉଦଳା ସହର ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଖୋଲାଯାଇଥିବା ପାଠାଗାର ଏବଂ ଓଡ଼ିଶା ସରକାରଙ୍କ ନିୟନ୍ତ୍ରଣରେ ଥିବା ଆୟୁର୍ବେଦ ଚିକିତ୍ସାଳୟ ବିପଦ ସଂକୁଳ ଛାତ ତଳେ ଚାଲିଛି । ବର୍ତ୍ତମାନ ଉକ୍ତ ଛାତରୁ ଖଣ୍ଡ ଖଣ୍ଡ କଂକ୍ରୀଟ ଖସିବାକୁ ଲାଗିଲାଣି । ତାହାଛଡ଼ା ଆୟୁର୍ବେଦ ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯାଇଥିବା ବେଳେ ଗୃହ ନିର୍ମାଣ ପାଇଁ ଟେଣ୍ଡର ସରିଗଲାଣି, ଅଥଚ ଦିର୍ଘ ବର୍ଷ ଧରି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । ପାଠାଗାର ଓ ଆୟୁର୍ବେଦ ଚିକିତ୍ସାଳୟର ସମସ୍ୟା ସମ୍ପର୍କରେ ପୂର୍ବରୁ ବାରମ୍ବାର ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇଛି । ଜିଲ୍ଲାପାଳଙ୍କର ଜନଅଭିଯୋଗ ଶୁଣାଣୀ ସମୟରେ ମଧ୍ୟ ଏ ବାବଦରେ ଦାବି ହୋଇଛି । କିନ୍ତୁ କୌଣସି ସୁଫଳ ମିଳିନାହିଁ । ଏଥିପାଇଁ ବାଧ୍ୟ ହୋଇ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଦସ୍ୟ ବୃନ୍ଦ ଧାରଣାରେ ବସିବାର ନିଷ୍ପତ୍ତି ନେଇଥିବାର ଜଣାଯାଇଛି । ଏ ବାବଦରେ ସେବାଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା, ସମ୍ପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା, ସଦସ୍ୟ ସୁବ୍ରତ କୁମାର ମହାନ୍ତି ଲିଖିତ ଆକାରରେ ମହାମହିମ ରାଜ୍ୟପାଳ ନିକଟକୁ କପ୍ତିପଦା ଉପଜିଲ୍ଲାପାଳଙ୍କ ଜରିଆରେ ଜଣାଇଥିବାର ଅବଗତ କରାଇଛନ୍ତି । ଆଜି ଏହି ଦରଖାସ୍ତ ପ୍ରଦାନ ସମୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ କାଉନସିଲର ପ୍ରଭାତ କୁମାର ପରିଡ଼ା ଉପସ୍ଥିତ ରହି ସେବାଟ୍ରଷ୍ଟର ଏତାଦୃଶ କାର୍ଯ୍ୟକଳାପକୁ ପ୍ରଶଂସା କରିବା ସହିତ ସମର୍ଥନ ଜଣାଇଥିବାର ଜଣାଯାଇଛି ।

# ଫୁଟ ଓଭର ବ୍ରିଜ ଲୋକାର୍ପିତ କଲେ କେନ୍ଦ୍ରମନ୍ତ୍ରୀ

## - ସାମ୍ବାଦିକ ସମ୍ମିଳନୀ କରି ବିରୋଧ କଲେ ଜେଏମଏମ ଓ ବିଜେଡି
## - ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ ଭିତ୍ତିରେ କରାଯାଉଥିବା ଅଭିଯୋଗ



ବାରିପଦା / ବିଶୋଇ,୧୩/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଠାରେ ନବ ନିର୍ମିତ ଫୁଟ ଓଭର ବ୍ରିଜକୁ ଶନିବାର ମଧ୍ୟାହ୍ନରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଶେଶ୍ୱର ଟୁଡୁ ଲୋକାର୍ପିତ କରିବାସହ ଅଞ୍ଚଳ ବାସିଙ୍କ ବହୁ ପ୍ରତିକ୍ଷିତ ଦାବୀ ଗଳା ପୋଲ ନିର୍ମାଣ ପାଇଁ ଘୋଷଣା କରିଥିଲେ । ଦଳ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ବାଇପାସ ଛକରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳର ଶିଳାନ୍ୟାସ ମଧ୍ୟ କରିଥିଲେ । ଏହି ଅବସର ରେ କେନ୍ଦ୍ରମନ୍ତ୍ରୀଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଧାୟକ ବୁଢ଼ାନ ମୁର୍ମୁ, ନବ ଚରଣ ମାଝୀ, ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ସଭାପତି ବଂଶୀଧର ଦାସ, ଜିଲ୍ଲାପରିଷଦ ସଦସ୍ୟ ଗୁରୁଭା ମୁର୍ମୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ । ତେବେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଅଞ୍ଚଳ ବାସିଙ୍କୁ ଭୁଆଁ ବୁଲାଇବା ପାଇଁ ଅସମ୍ପୂର୍ଣ୍ଣ ଫୁଟ ଓଭର ବ୍ରିଜକୁ ତରବରିଆ ଭାବେ ଉଦ୍ଘାଟନ କରିବାକୁ ବିଜେଡି ଓ ଜେଏମଏମ ଦଳ ପକ୍ଷରୁ ବିରୋଧ କରାଯାଇଛି । ଏବାବଦରେ ଜେଏମଏମ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଦଳୀୟ ରାଜ୍ୟ ସଭାନେତ୍ରୀ ଅଞ୍ଜନୀ ସୋରେନ୍?, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦକ ରାମ ଚନ୍ଦ୍ର ହାଁସଦା ଭୁଲ ଜାଗାରେ ଫୁଟ ଓଭର ବ୍ରିଜ ନିର୍ମାଣ ଯୋଗୁଁ ଆଗାମୀ ଦିନରେ ଯେଉଁ ଗଳା ପୋଲ ନିର୍ମାଣ ହେବ, ସେତେବେଳେ ବ୍ରିଜକୁ ହଟାଇବାକୁ ପଡ଼ିବ ଏବଂ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡ଼ିବ ବୋଲି କହିବା ସହ ବ୍ରିଜଟି ଜନତାଙ୍କ ଚଳ ପ୍ରଚଳରେ ଉପଯୋଗୀ ନହୋଇ ଛୁଆଙ୍କ ଖେଳାଖେଳି, ଆଲବମ୍ ଭିଡିଓ ସୁଟିଂର ପ୍ରକୃଷ୍ଟ ସ୍ଥାନ ପାଲଟିବ ବୋଲି ତାଛଲ୍ୟ କରିଥିଲେ । ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ସୁନାରାମ ହେମ୍ବ୍ରମ, ମଧୁସୁଧନ ସାହୁ, ସୁଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଜେଏମଏମ କର୍ମୀ ମାନେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ବ୍ଲକ ଛକ ଠାରେ ବିରୋଧ ପ୍ରଦର୍ଶନ କରିବାସହ ମନ୍ତ୍ରୀ ଙ୍କୁ ଫେରିଯିବା ବିଭିନ୍ନ ନାରାବାଜୀ କରୁଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ଅଟକ ରଖାଯାଇଥିଲା । ଅନୁରୂପ ବିଜେଡି ପକ୍ଷରୁ ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ଅଞ୍ଚଳ ବାସିଙ୍କ ଦାବୀକୁ ଉପେକ୍ଷା କରି ଅସମ୍ପୂର୍ଣ୍ଣ ବ୍ରିଜକୁ ତରବରିଆ ଭାବେ ଉଦ୍ଘାଟନ କରି ସାଧାରଣ ରେ ବିଜେପି ବାହାବା ସାଉଁଟିବାର ହିନ ରାଜନୀତି କରିବା ସହ ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମ ରେ ପରିଣତ କରି ରାଜ୍ୟସଭା ସାଂସଦଙ୍କୁ ନିମନ୍ତ୍ରଣ ନକରିବା ବିଜେପି ହିନ ମାନସିକତା ର ପରିଚୟ ବୋଲି ବିଜେଡି ନେତା ମାନେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ସଭାପତି ଫାଗୁରାମ ମାରାଣ୍ଡି, କାର୍ଯ୍ୟକାରୀ ସଭାପତି ଉତ୍କଳ ରଞ୍ଜନ ମହାନ୍ତି, କ୍ଷୀରୋଦ ନନ୍ଦ, ଅଧକ୍ଷା ତୁଳସୀ ଶୀକ୍ରି ହାଂସଦା, ଆରତୀ ମହାନ୍ତ, ଚନ୍ଦ୍ରିକା ମହାନ୍ତି, ହରୀମୋହନ ନାଏକ, ଅମର ସିଂ ଟୁଡୁ, ବୁଦ୍ଧିମାନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମଥର ପାଇଁ ବାଲିଆପାଳରେ ଆୟୋଜିତ ହେଉଛି ‘ଓଡ଼ିଶା ସାହିତ୍ୟ ଏକାଡ଼େମୀ’ର ସାରସ୍ୱତ ସମାରୋହ

ବାଲିଆପାଳ,୧୩/୦୯ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଗଠନର ଅର୍ଦ୍ଧଶତାବ୍ଦୀ ଅତିକ୍ରମ କରିଥିଲେ ମଧ୍ୟ ଏଯାବତ୍ ବାଲିଆପାଳ ମାଟିରେ ଏକାଡ଼େମୀ ପକ୍ଷରୁ କୌଣସି ସାରସ୍ୱତ ସମାରୋହ ଆୟୋଜନ ହୋଇ ନଥିଲା ବେଳେ ଆସନ୍ତା ୧୫ତାରିଖ ଅପରାହ୍ଣ ୪ଘଟିକାରେ ପ୍ରଥମଥର ପାଇଁ ବାଲିଆପାଳ ମାଟିରେ ଏକାଡ଼େମୀ ପକ୍ଷରୁ ଏକ ସାରସ୍ୱତ ସମାରୋହ ଆୟୋଜନ ହେବାର ସମ୍ବାଦ ଶୁଣି ବାଲିଆପାଳ ଅଞ୍ଚଳର ଲେଖକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଜଣାପଡିଛି ଯେ, ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିବିଭାଗ ଅଧିନସ୍ଥ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ‘ଅମୃତ ମହୋତ୍ସବ’ ପାଳନ କରିବାର କାର୍ଯ୍ୟ ସରଣୀ ମଧ୍ୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡ଼ିଶାର ୫ଗୋଟି ଜିଲ୍ଲାର ୨୫ଗୋଟି ସ୍ଥାନରେ ଆସନ୍ତା ୧୫ତାରିଖ ଅପରାହ୍ଣ ୪ଘଟିକା ସମୟରେ ଏକ ସମୟରେ ୫୦୦କବି ନିଜ ନିଜର ସ୍ୱରଚିତ ଦେଶାତ୍ମବୋଧ କବିତାପାଠ କରିବେ । ଏହି କ୍ରମରେ ବାଲେଶ୍ୱର ଜିଲ୍ଲାର ୫ଗୋଟି ସ୍ଥାନ ବାଲିଆପାଳ, ସୋର, ସିମୁଳିଆର ମାର୍କୋଣା, ବାଲେଶ୍ୱର ସହର ଏବଂ ରେମୁଣା ଫକୀରମୋହନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ବାଲିଆପାଳଠାରେ ହେବାକୁ ଥିବା ଏହି ଦେଶାତ୍ମବୋଧ ସ୍ୱରଚିତ କବିତାପାଠୋତ୍ସବ ଘଣ୍ଟୁଆ ଡାକ୍ତରଖାନା ପରିସରସ୍ଥ ପୁଷ୍ପଉଦ୍ୟାନ ମଧ୍ୟରେ ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ବାଲିଆପାଳ ସମେତ ଭୋଗରାଇ, ଜଳେଶ୍ୱର, ବସ୍ତା, ବାଲେଶ୍ୱର, ନୀଳଗିରି ପ୍ରଭୃତି ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରିତ ୨୦ଜଣ କବି ମଞ୍ଚାସୀନ ରହି ସେମାନଙ୍କର ସ୍ୱରଚିତ ଦେଶାତ୍ମବୋଧ କବିତା ପାଠ କରିବେ । ଉକ୍ତ କାର୍ଯ୍ୟକ୍ରମରେ ଆଗ୍ରହୀ ଲେଖକ ଲେଖିକା ତଥା ସାହିତ୍ୟାନୁରାଗୀ ସାଧାରଣ ଜନତା ଶ୍ରୋତା ଭାବରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି । ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ଏହାର ଆୟୋଜକ ରହିଛନ୍ତି ।

# ପଛୁଆ ବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା ଅଭିଯୋଗ

ବାଲେଶ୍ୱର,୧୩/୦୯ (ନି.ପ୍ର): ବିଜେପି ସଦର ଶାଖା ପକ୍ଷରୁ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳଙ୍କୁ ବାଲେଶ୍ୱରରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜେଲ ରୋଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ବିଶ୍ୱାଳ ଓବିସିଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାର ଉପଲବ୍ଧି ଉପରେ ଆଲୋଚନା କରିଥିଲେ । ଓଡ଼ିଶାରେ ପଛୁଆ ବର୍ଗଙ୍କ ସାମାଜିକ, ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ କମିଶନଙ୍କ ସୁପାରିସକୁ ରାଜ୍ୟ ସରକାର ଆଦୌ କାର୍ଯ୍ୟକାରୀ କରୁ ନାହାନ୍ତି ବୋଲି ସେ ଆରୋପ କରିଥିଲେ । ଦେଶର ଅଧିକାଂଶ ରାଜ୍ୟ ସମ୍ବିଧାନର ଅନୁଚ୍ଛେଦ ୯ ବଳରେ ୫୦ ପ୍ରତିଶତ ସଂରକ୍ଷଣ ସିଲିଂ ବ୍ୟବସ୍ଥାକୁ ଅତିକ୍ରମ ଅନ୍ୟାନ୍ୟ ରାଜ୍ୟର ସରକାର ପଛୁଆ ବର୍ଗଙ୍କୁ ସବୁ କ୍ଷେତ୍ରରେ ସୁବିଧା ସୁଯୋଗ ପ୍ରଦାନ କରିଥିବା ବେଳେ ଓଡିଶା ସରକାର କାହିଁକି ପଛଘଞ୍ଚା ଦେଉଛନ୍ତି ବୋଲି ଓବିସି ମୋର୍ଚ୍ଚା ସଭାପତି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ଆତ୍ମନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ଅଣଦେଖା କରିଛନ୍ତି । ଏମିତିକି ରାଜ୍ୟରେ ୨୭ ପ୍ରତିଶତ ଦୂରର କଥା ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଛନ୍ତି । ଏହା ସଦ୍ୟତମ ପ୍ରମାଣ ଶିକ୍ଷା ବିଭାଗର ପିଇଟି ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ସରକାରଙ୍କ ପ୍ରକାଶିତ ବିଜ୍ଞପ୍ତିରେ ୧୨୬୦ଟି ପଦବୀରେ ମାତ୍ର ୨୩ଟି ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ଏହା ଶାସକ ବିଜେଡିର ପଛୁଆ ବର୍ଗଙ୍କ ପ୍ରତି ଥିବା ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି । ସେହିପରି ୨୦୨୦ ମସିହା ଫେବୃୟାରୀ ମାସରେ ରାଜ୍ୟ ସରକାର ପଛୁଆ ବର୍ଗ ତାଲିକା ପ୍ରସ୍ତୁତି ପାଇଁ ବିଧାନସଭାରେ ବିଲ ପାସ କରାଇଥିଲେ ଏବଂ ଖୁବ ଶୀଘ୍ର ଓବିସି ଜନଗଣନା କରି ସେମାନଙ୍କ ସଂରକ୍ଷଣ ସୁନିଶ୍ଚିତ କରାଇବେ ବୋଲି କହିଥିଲେ । ମାତ୍ର ଅଦ୍ୟାବଧି ତାହା କାର୍ଯ୍ୟକାରୀ ନହେବା ଦୁର୍ଭାଗ୍ୟର ବିଷୟ ବୋଲି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ରାଜ୍ୟ ସରକାରଙ୍କ ଦୂରଭିସନ୍ଧି ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ଦଳୀୟ କର୍ମୀଙ୍କୁ ସେ ଆହ୍ୱାନ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୀତାକାନ୍ତ ସ୍ୱାଇଁ, ସତ୍ୟଜିତ ମିଶ୍ର, ବିଜୟ ପାଣିଗ୍ରାହୀ, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ସୁଜିତ ଦେବ, ସର୍ବେଶ୍ୱର ପାତ୍ର, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଦୁକୁଳ ଘଡେଇ, ବିବେକ ମହାନ୍ତି ପ୍ରମୁଖ ଏହି ଆଲୋଚନା ବେଳେ ଉପସ୍ଥିତ ଥିଲେ ।

# ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୩/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୦୪ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଅନୁଗୁଳ, ଜାଜପୁର ଓ ପୁରୀ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ବେଳାଭୂମିରେ ମଦ କୁଡ଼ିଆ ଖୋଲିବା ବିରୋଧରେ ଦାବିପତ୍ର

ବାଲେଶ୍ୱର,୧୩/୦୯ (ନି.ପ୍ର): ପର୍ଯ୍ୟଟନ ଶିଳ୍ପ ବିକାଶ ଆଳରେ ସମୁଦ୍ର ବେଳାଭୂମିରେ ‘ମଦକୁଡ଼ିଆ’ ଖୋଲିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି ଚାନ୍ଦିପୁର ପଞ୍ଚାୟତର ୫୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ । ସୁହାଗୀ ମାଝୀଙ୍କ ନେତୃତ୍ୱରେ ଶତାଧିକ ମହିଳା ସୋମବାର ଜିଲାପାଳଙ୍କୁ ସାକ୍ଷାତ ସହ ବେଳାଭୂମିରେ ମଦ ବିକ୍ରି ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି । ସେହିପରି ଉତ୍କଳ ମହିଳା ସମିତିର ସଭାନେତ୍ରୀ ବନ୍ଦନା ବିଶ୍ୱାସ ଓ ସଂପାଦିକା ଅରୁଣା ବାରିକ ସେମାନଙ୍କ ସଂଗଠନ ତରଫରୁ ଅନ୍ୟ ଏକ ଦାବିପତ୍ରରେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, ଉଦୟପୁର ଓ ତାଳସାରୀ ବେଳାଭୂମିରେ ମଦକୁଡ଼ିଆ ପ୍ରତିଷ୍ଠାକୁ ଦୃଢ଼ ବିରୋଧ କରିଛନ୍ତି । ସରକାରଙ୍କ ନିଷ୍ପତ୍ତିକୁ ବାଲେଶ୍ୱର ଜିଲାରେ କାର୍ଯ୍ୟକାରୀ କରାଇ ନ ଦେବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଜିଲାପାଳଙ୍କୁ ମହିଳା ସଂଗଠନମାନଙ୍କ ଦାବିପତ୍ର ପ୍ରଦାନ ବେଳେ ‘ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ’ (ମୋନା)ର ସଭାପତି ପ୍ରଭାକର ସାହୁ, ସମ୍ପାଦିକା ମମତା ମହାପାତ୍ରଙ୍କ ସମେତ ଅର୍ଚ୍ଚନା ନନ୍ଦୀ, ସୀତାରାମ ପ୍ରଧାନ, ତ୍ରିଦୀପ ନାୟକ, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜଧାନୀରେ ୨୪ ଘଂଟାରେ ୧୭୪ ପଜିଟିଭ୍

ଭୁବନେଶ୍ୱର,୧୩/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଦିନ ଆଉ ୧୭୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୫୧ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୨୩ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୨୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଲୋକାଲ ମାମଲା ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରି ରୁ ୧୦ ଜଣ , ଝାରପଡାରୁ ୭ ଜଣ, ପଟିଆରୁ ୬ ଜଣ, ଡୁମଡୁମା ଓ ୟୁନିଟ୍ ୩ରୁ ୫ ଜଣ ଲେଖାଏଁ , ଓଲ୍ଡ ଟାଉନ୍ ଓ ପାତ୍ରପଡାରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୯୬୨୮ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୫୧୨୩ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୩୪୭୫ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୦୯ କୁ ବୃଦ୍ଧି ପାଇଛି ।

# କାର ଧକ୍କାରେ ଯୁବ ଖବରକାଗଜ ବିତରକ ମୃତ



ଭଦ୍ରକ,୧୩/୦୯ (ନି.ପ୍ର): ସୋମବାର ପୂର୍ବାହ୍ନ ୯ଟା ସମୟରେ ଭଦ୍ରକର ଜଣେ ଯୁବ ଖବରକାଗଜ ବିତରକ ଏକ ସଡ଼କ ଦୁର୍ଘଟଣାରେ ମୃତୁବରଣ କରିଛନ୍ତି । ମୃତକ ଜଣକ ହେଲେ ଭଦ୍ରକ ବ୍ଲକ ଗେଲଟୁଆ ପଞ୍ଚାୟତ କୁଆପଦା ଗ୍ରାମର ଜୟକୃଷ୍ଣ ଚିନ୍ନାରାଙ୍କ ପୁତ୍ର ସନାତନ(୪୦) । ସହରାଞ୍ଚଳ ପୁଲିସ ଏହି ଘଟଣାରେ ଏକ ଦୁର୍ଘଟଣାଜନୀତ ମାମଲା ରୁଜୁ କରିବା ପରେ ମୃତ ଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ ସନାତନ ଆଜି ସକାଳେ ନିଉଜ ଏଜେନ୍ସି ନଲେଜ ସେଣ୍ଟରରୁ କାମ ସାରି ଖବରକାଗଜ ନେଇ ଯାଉଥିବା ସମୟରେ ବାଇପାସ ଡାହାଣିଗଡ଼ିଆ ରାସ୍ତାରେ ଓଡି ୨୨ଜେ-୩୫୬୪ ନମ୍ବରଯୁକ୍ତ ୱାଗନର କାର ତାଙ୍କୁ ପଛରୁ ଜୋରରେ ଧକ୍କା ଦେଇଥିଲା । ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । କେତେକ ସ୍ଥାନୀୟ ବ୍ୟକ୍ତି ସନାତନକୁ ଗୁରୁତର ଅବସ୍ଥାରେ ଜିଲ୍ଲା ଚିକିତ୍ସାଳୟକୁ ନେଇ ଯାଇଥିଲେ । ତେବେ ଅବସ୍ଥା ସଂକଟାପନ୍ନ ଥିବାରୁ, ଡାକ୍ତରମାନେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ରେଫର କରିଥିଲେ । କଟକ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଖବର ପାଇ ନଲେଜ ସେଣ୍ଟର ପରିବାରର ସମସ୍ତ ସଦସ୍ୟ, ବହୁ ସଂଖ୍ୟକ ଖବରକାଗଜ ବିତରକ, ସାମ୍ବାଦିକ, ଗେଲଟୁଆ ସରପଞ୍ଚ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚି ସନାତନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଜି ଅପରାହ୍ନରେ ନିଜ ଗ୍ରାମ କୁଆପଦା ଠାରେ ସନାତନଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି । ସନାତନ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁ ପରେ ବୃଦ୍ଧ ବାପା, ମା’, ପତ୍ନୀ, ପୁତ୍ର ଓ ଝିଅ ଏବେ ଅସହାୟ ହୋଇ ପଡ଼ିଛନ୍ତି । ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଖବରକାଗଜ ବିତରକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଦାବି କରିଛନ୍ତି । ତେବେ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ମୁମ୍ବାଇର ପୂର୍ବତନ ପୋଲିସ ଅଧିକାରୀ ସଚିନ ବଝେ ହସପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ,୧୩/୦୯ (ନି.ପ୍ର): ଏଂଟିଲିଆ ମାମଲାରେ ଗିରଫ ମୁମ୍ବାଇ ପୋଲିସର ପୂର୍ବତନ ଅଧିକାରୀ ସଚିନ ବଝେଙ୍କୁ ସୋମବାର ଦିନ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରା ଯାଇଛି । ସେଠାରେ ତାଙ୍କର ବାଇପାସ ଅପରେସନ ହେବ । ତାଙ୍କର ଓକିଲ ଆରତୀ କାଲେକର କହିଛନ୍ତି ଯେ ଆଜି ସଚିନ ବଝେଙ୍କୁ ଭିବଣ୍ଡି ସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରା ଯାଇଛି । ତାଙ୍କର ମେଡିକାଲ ଜାଂଚ କରା ଯାଉଛି । ଖୁବ୍‌ଶୀଘ୍ର ତାଙ୍କର ବାଇପାସ ସର୍ଜରୀ ହେବ ।

# ଏବିଭିପି ବାରିପଦା ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳା ଅନୁଷ୍ଠିତ



ବାରିପଦା,୧୩/୦୯ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବାରିପଦା ନଗର ଶାଖା ପକ୍ଷରୁ ସ୍ଥାନୀୟ ତୁଳସୀ ଚଉରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମ୍ୟାଟ୍ରିକ ଏବଂ +୨ ପାସ ଆଉଟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଶେଶ୍ୱର ଦ୍ୱିବେଦୀ ଏହି କାର୍ଯ୍ୟଶାଳାରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ କ୍ୟାରିୟର କାଉନସେଲିଂ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଉଚ୍ଚଶିକ୍ଷା ପରିଧିରେ କୌଣସି ପାଠ୍ୟକ୍ରମ ବ୍ୟର୍ଥ ନୁହେଁ ଏହି ଉଦ୍ଦେଶ୍ୟରେ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳା ମାଧ୍ୟମରେ ବିଭିନ୍ନ ପାଠ୍ୟକ୍ରମର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ନଗର ସମ୍ପାଦକ କ୍ଷୀରୋଦ ପଣ୍ଡା, ଦେବବ୍ରତ ପଣ୍ଡା, ସସ୍ମିତା ବାରିକ, ଧରିତ୍ରୀ ବେହେରା, ଅନନ୍ତ ମୁର୍ମୁ, ହରପ୍ରିୟା ନାୟକ ପ୍ରମୁଖ କାର୍ଯ୍ୟଶାଳାରେ ଉପସ୍ଥିତ ଥିଲେ । ରାଜ୍ୟ ସହ-ସମ୍ପାଦକ ଗୋପୀନାଥ ଟୁଡୁ ମଞ୍ଚାସୀନ ଥିବା ବେଳେ ସାଇରଞ୍ଜନ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo